## ଅଲ୍ଲାଃତାଲାଙ୍କ ବାଣୀ

لِلَّذِیۡنَ اتَّقَوۡا عِنۡدَ رَبِّہِمۡ جَنّٰتٌ تَجۡرِیۡ
مِنۡ تَحۡتِہَا الۡاَنۡہٰرُ خٰلِدِیۡنَ فِیۡہَا وَاَزۡوَاجٌ
مُّطَہَّرَۃٌ وَّرِضۡوَانٌ مِّنَ اللّٰہِ ؕ

(سورۃ ال عمران:16)

**ଅନୁବାଦ** - ଯେଉଁମାନେ ଧର୍ମ ପରାୟଣତା ଅବଲମ୍ବନ କରନ୍ତି ସେମାନଙ୍କ ପାଇଁ ସେମାନଙ୍କ ପାଳନକର୍ତ୍ତାଙ୍କ ନିକଟରେ ଏପରି ଉଦ୍ୟାନମାନ ଅଛି ଯାହାର ନିମ୍ନ ଦେଶରେ ଝରଣାମାନ ପ୍ରବାହିତ ହେଉଅଛି । ସେଠାରେ ସେମାନେ ବାସ କରିବେ । (ତଥା ସେଠାରେ ସେମାନଙ୍କ ପାଇଁ) ପବିତ୍ର ଯୋଡି ତଥା ଅଲ୍ଲାଃଙ୍କର ପ୍ରସନ୍ନତା ଥିବ ।

(ଆଲେ ଇମ୍‌ରାନ୍:୧୬)


بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 3

ସାପ୍ତାହିକ

ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

17 ଜାନୁଆରୀ 2019    17 ସୁଲାହ୍ 1398 ହି.ଶ    10 ଜମାଦିଲ୍ ଅୱ୍ୱଲ୍ 1440 ହି.କ


## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ଏହା ହେଉଛି ସତ୍ୟ ଯେ ମସିହ୍ ମୃତ୍ୟୁବରଣ କରିସାରିଛନ୍ତି ଏବଂ ଶ୍ରୀନଗର ମହାଲା ଖାନିଆର୍‌ଠାରେ ତାଙ୍କର କବର ରହିଛି । ମନେରଖ କି ଏବେ ଇସା ତ କଦାପି (ସଶରୀରେ) ଅବତୀର୍ଣ୍ଣ ହେବେନାହିଁ କାରଣ ଯେଉଁ କଥାକୁ ସେ ଫଲ୍ଲମ୍ମା ତଓ୍ୱଫେ ତନି ଆୟତ ଦୃଷ୍ଟିକୋଣରୁ କୟାମତ୍ ଦିନ କହିବେ ସେଥିରେ ସ୍ପଷ୍ଟ ରୂପେ ତାଙ୍କର ସ୍ୱୀକାରୋକ୍ତି ମିଳୁଅଛି କି ସେ ପୁନର୍ବାର ଏ ପୃଥିବୀକୁ ଆସିବେ ନାହିଁ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ଯେତେବେଳେ ସମସ୍ତ ଅବୋଧ ଓ ଅତ୍ୟାଚାରୀ ପ୍ରକୃତିର ଲୋକମାନେ ପ୍ରମାଣ ଦେବାରେ ଅସମର୍ଥ ହୁଅନ୍ତି । ସେତେବେଳେ ସେମାନେ ତରବାରୀ ବା ବନ୍ଧୁକ ଆଡକୁ ହାତ ବଢ଼ାଇଥାଆନ୍ତି । କିନ୍ତୁ ଏପରି ଧର୍ମ କେବେ ହେଲେ ଇଶ୍ୱରଙ୍କ ତରଫରୁ ହୋଇନଥାଏ । ଯାହା କେବଳ ତରବାରି ସାହାଯ୍ୟରେ ବ୍ୟାପିଥାଏ ନା ଆଉକୌଣସି ଉପାୟରେ । ଯଦି ତୁମେ ଏପରି ଜିହାଦ୍ କରିବାରୁ ନିବୃତ ରହିପାରୁନାହିଁ ଓ ଏଥିରେ କ୍ରୋଧିତ ହୋଇ ସତ୍ୟବାଦୀଙ୍କ ନାମକୁ ମଧ ଦଜ୍ଜାଲ୍ ଏବଂ ମୁଲ୍‌ହୀଦ୍ (କପଟି ଓ ବିଧର୍ମୀ) ବୋଲି ରଖୁଛ ତେବେ ଆମ୍ଭେ ଏହି ଦୁଇଟି ବାକ୍ୟରେ ଏକଥାକୁ ଶେଷ କରୁଅଛୁ । *କୁଲ୍ ୟାଅୟୋହଲ୍ କାଆଫିରୁନା ଲା ଆବୁଦୁ ମା ତାବୁଦୁନ୍ -(ଅର୍ଥାତ୍ ହେ ବିଶ୍ୱାକାରୀମାନେ, ଶୁଣ ''ଆମ୍ଭେ ତୁମମାନଙ୍କ ପଦ୍ଧତି ଅନୁସାରେ ଉପାସନା କରୁନାହୁଁ!'')* ଅନ୍ତ କଳହ ଓ ମନମାଳିନ୍ୟତା ଯୁଗରେ ତୁମର କପୋଳ କଳ୍ପିତ ମସିହ୍ ଓ ମନଗଢ଼ା ମେହ୍‌ଦୀ କାହା କାହା ଉପରେ ତରବାରୀ ଚାଳନା କରିବ । କଣ ସୁନ୍ନୀମାନଙ୍କ ନିକଟରେ ସିହା ମାନଙ୍କର ଅବସ୍ଥା ଏପରି ନୁହେଁ କି ସେ ସମସ୍ତଙ୍କ ଉପରେ ତରବାରୀର ଆକ୍ରମଣ କରାଯାଉ । ଏବଂ ସିହା ମାନଙ୍କ ନିକଟରେ ସୁନୀମାନେ ଏପରି ନୁହଁନ୍ତି କି ସେ ସମସ୍ତଙ୍କୁ ତରବାରି ଦ୍ୱାରା ଧ୍ୱଂସ କରାଯିବ । ସୁତରାଂ ଯଦି ତୁମ ମଧରେ ଥିବା ଫିର୍‌କାମାନଙ୍କର ଅବସ୍ଥା ତୁମ ବିଶ୍ୱାସ ଅନୁଯାୟୀ ଦଣ୍ଡଯୋଗ୍ୟ ତେବେ ତୁମେ କାହା କାହା ସହିତ ଜିହାଦ୍ କରିବ । କିନ୍ତୁ ମନେରଖ କି ଇଶ୍ୱର ତରବାରୀର ଆଶ୍ରିତ ନୁହେଁ, ସେ ନିଜ ଧର୍ମକୁ ସ୍ୱର୍ଗୀୟ ନିଦର୍ଶନ ଦ୍ୱାରା ପୃଥିବୀରେ ପ୍ରଚାର କରିବ ଏବଂ କେହି ତାକୁ (ଏପରି କରିବାରେ) ରୋକି ପାରିବେ ନାହିଁ । ଏବଂ ମନେରଖ ଯେ ଇସା ତ କଦାପି (ସଶରୀରେ) ଅବତୀର୍ଣ୍ଣ ହେବେନାହିଁ । କାରଣ ସେ ଏହି ଆୟତ *ଫଲ୍ଲମ୍ମା ତୌ ଫୈତେନି* ମୁତାବକ ଯେଉଁ କଥାକୁ କୟାମତ୍ ଦିନ ମାନିବେ ସେଥିରେ ସ୍ପଷ୍ଟ ରୂପେ ଏକଥା ସ୍ୱୀକାର କରିଛନ୍ତି ଯେ ସେ ପୁନର୍ବାର ପୃଥିବୀକୁ ଆସିବେ ନାହିଁ ଏବଂ କୟାମତ୍ ସମୟରେ ସେ ଏକଥା କହିବେ କି ଇସାଇମାନଙ୍କ ପଥଭ୍ରଷ୍ଟ ହେବା ସମ୍ବନ୍ଧରେ ମୋତେ କିଛି ଜଣାନାହିଁ ଏବଂ ଯଦି ସେ କୟାମତ୍ ପୂର୍ବରୁ ଏ ପୃଥିବୀକୁ ଆସିଥାଆନ୍ତେ ତେବେ କଣ ସେ ଏପରି ଉତର ଦେଇଥାଆନ୍ତେ ଯେ ମୋତେ ଇସାଇମାନଙ୍କ ପଥଭ୍ରଷ୍ଟ ହେବାର କୌଣସି ଖବର ନାହିଁ ବୋଲି । ସୁତରାଂ ଏହି ଆୟତରେ ସେ ସ୍ପଷ୍ଟ ରୂପେ ସ୍ୱୀକାର କରିଛନ୍ତି କି ମୁଁ ପୁନର୍ବାର ପୃଥିବୀକୁ ଯାଉନାହିଁ ଏବଂ ଯଦି ସେ ପୃଥିବୀକୁ କୟାମତ୍ ପୂର୍ବରୁ ଆସିଥିଲେ ଏବେ ପୁରା ଚାଳିଶି ବର୍ଷ ରହିଥିଲେ ତେବେ ତ ସେ ଇଶ୍ୱରଙ୍କ ସମ୍ମୁଖରେ ମିଛ କହିଲେ ଯେ ମୋତେ ଇସାଇମାନଙ୍କ ସମ୍ବନ୍ଧରେ କିଛି ଜଣାନାହିଁ ବୋଲି । (ବରଂ) ତାକୁ ଏକଥା କହିବାର ଉଚିତ୍ ଥିଲା କି ମୋ ଦ୍ୱିତୀୟ ଆଗମନ ସମୟରେ ମୁଁ ପାଖାପାଖି ଚାଳିଶି କୋଟି ଇସାଇଙ୍କୁ ପୃଥିବୀରେ ପାଇଲି ଓ ସେ ସମସ୍ତଙ୍କୁ ଦେଖିଲି ଏବଂ ମୋତେ ସେମାନଙ୍କ ପଥଭ୍ରଷ୍ଟ ହେବା ବିଷୟ ଖୁବ୍ ଜଣାଅଛି ଏବଂ ମୁଁ ତ ପୁରସ୍କାର ପାଇବା ଯୋଗ୍ୟ ଅଟେ କି ସେ ସମସ୍ତ ଇସାଇମାନଙ୍କୁ ମୁଁ ମୁସଲ୍‌ମାନ କରିସାରିଛି । ଏବଂ କୃଶ ପ୍ରଥାକୁ ଭାଙ୍ଗିଦେଇଛି । ଏହା କେଡେ ମିଥ୍ୟା କଥା ହେବ କି ଇସା କହିବେ ଯେ ମୋତେ କିଛି ଜଣାନାହିଁ ବୋଲି । ଯେବେ କି ଏହି ଆୟତରେ ସେ ସ୍ପଷ୍ଟ ରୂପେ ଏ କଥାକୁ ମାନିଛନ୍ତି ଯେ ସେ ପୃଥିବୀକୁ ପୁନର୍ବାର ଆସିବେ ନାହିଁ । ଏବଂ ଏହା ହିଁ ସତ୍ୟ ବଚନ କି ମସିହ୍ ମୃତ୍ୟୁ ବରଣ କରିସାରିଛନ୍ତି ଏବଂ ଶ୍ରୀନଗର ମହଲା ଖାନିଆର୍‌ଠାରେ ତାଙ୍କର କବର ରହିଛି ।* ଏବେ ଇଶ୍ୱର ସ୍ୱୟଂ ଅବତୀର୍ଣ୍ଣ ହେବେ ଏବଂ ସେମାନଙ୍କ ସହିତ ନିଜେ ଲଢ଼ିବେ ଯେଉଁମାନେ ସତ୍ୟ ସହିତ ଲଢୁଛନ୍ତି । ଇଶ୍ୱରଙ୍କ ଲଢ଼ିବାରେ କୌଣସି ଆପତି ନାହିଁ । କାରଣ ତାହା ସବୁ ନିଦର୍ଶନ ସ୍ୱରୂପ ହେବ କିନ୍ତୁ ମନୁଷ୍ୟର ଲଢ଼େଇରେ ଆପତି ରହିଛି । କାରଣ ତାହା ଜୋର୍ ଜବର୍‌ଦସ୍ତି ହୋଇଥାଏ ।

ଦକ୍ଷିଣ ଇଟାଲିର ପ୍ରସିଦ୍ଧ ଖବରକାଗଜ କେୟାରଡ୍ ଲାସିରା ନିମ୍ନଲିଖିତ ଅଜବ ଖବରକୁ ପ୍ରକାଶ କରିଛି ।

''୧୩ ଜୁଲାଇ ୧୮୭୯ ମସିହାରେ ଜେରୁ ଜେଲମ୍‌ର କୋର୍‌ମରା ନାମକ ଜଣେ ବୁଢ଼ା ରାହିବ (ପଣ୍ଡିତ) ଯିଏ ତା ଜୀବଦଶାରେ ଜଣେ ଇଶ୍ୱରଭକ୍ତ ରୂପେ ପ୍ରସିଦ୍ଧ ଥିଲେ, ତାଙ୍କ ଅନ୍ତେ ତାଙ୍କର କିଛି ସମ୍ପତି ରହିଯାଇଥିଲା । ଗଭର୍ଣ୍ଣର ତାଙ୍କ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବମାନଙ୍କୁ ଖୋଜି ସେମାନଙ୍କୁ ଦୁଇଲକ୍ଷ ଫ୍ରାଙ୍କ୍ (ଏକଲକ୍ଷ ପଉନେ ଉଣିଶି ହଜାର ଟଙ୍କା) ଦେଲେ । ଯେଉଁ ଗୁଫା ଭିତରେ ସେ ରହୁଥିଲେ ସେଠାରେ ବିଭିନ୍ନ ଦେଶର ମୁଦ୍ରା ମିଳିଥିଲା । ଟଙ୍କା ସହିତ କିଛି କାଗଜପତ୍ର ମଧ ତାଙ୍କ ବନ୍ଧୁବାନ୍ଧବମାନଙ୍କୁ ମିଳିଲା ଯାହାକୁ ସେମାନେ ପଢ଼ିପାରୁନଥିଲେ । ଇବ୍‌ରାନି ଭାଷା ଜାଣିଥିବା କିଛି ବିଦ୍ୱାନଙ୍କୁ ଉକ୍ତ କାଗଜପତ୍ରଗୁଡିକ ଦେଖିବାର ସୁଯୋଗ ମିଳିଲା । ସେଥିରୁ ଏ ଆଶ୍ଚର୍ଯ୍ୟଜନକ କଥା ଜଣାପଡ଼ିଲା କି ସେହି କାଗଜପତ୍ର ସବୁ ବହୁତ ପୁରୁଣା ଇବ୍‌ରାନି ଭାଷାରେ ଥିଲା । ଯେତେବେଳେ ସେ ସବୁ (କାଗଜପତ୍ର)କୁ ପଢ଼ାଗଲା । ସେଥିରୁ ନିମ୍ନଲିଖିତ ବାକ୍ୟ ଲେଖାହେବାର ଜଣାପଡ଼ିଲା ।

''ପିତ୍‌ରସ୍ ମାହିଗିର୍ ମରିୟମ୍ ପୁତ୍ର ଯିଶୁଙ୍କ ସେବକ ଏହିପରି ଲୋକମାନଙ୍କୁ ଇଶ୍ୱରଙ୍କ ନାମରେ ଏବଂ ତା ଇଛା ମୁତାବକ ସମ୍ବୋଧନ କରୁଅଛି'' । ଏବଂ ଏହି ଚିଠିଟି ଏହିପରି ଶେଷ ହୋଇଛି ।

''ମୁଁ ପିତ୍‌ରସ୍ ମାହାଗିର୍ ଯିଶୁଙ୍କ ନାମରେ ଏବଂ ନିଜର ନବେବର୍ଷ ବୟସରେ ପ୍ରେମର ଶଦ୍ଧ ନିଜ ମୁନୀବ ଓ ବନ୍ଧୁ ୟସୁମସିହ୍, ମରିୟମ୍‌ଙ୍କ ପୁତ୍ରଙ୍କ ମୃତ୍ୟୁର ତିନି ଇଦି ଫସହ ପରେ (ଅର୍ଥାତ୍ ତିନିବର୍ଷ ପରେ) ଇଶ୍ୱରଙ୍କ ପବିତ୍ର ଘର ନିକଟରେ ବୋଲିର ନାମକ ସ୍ଥାନରେ ଲେଖିବାକୁ ନିଷ୍ପତି କରିଛି'' ।

ଏହି ବିଦ୍ୱାନ୍‌ମାନେ (ଏଥିରୁ) ଏ ନିଷ୍କର୍ଷ ବାହାର କଲେ କି ଉକ୍ତ ଲେଖାଟି ପିତ୍‌ରସ୍‌ଙ୍କ ସମୟରୁ ଚାଲିଆସିଅଛି । ଲଣ୍ଡନ ବାଇବଲ୍ ସୋସାଇଟିର ମଧ ଏହି ମତ । ଏବଂ ସେଗୁଡ଼ିକୁ ଭଲ ରୂପେ ପରୀକ୍ଷା ନିରୀକ୍ଷା କରିବା ପରେ ବାଇବଲ୍ ସୋସାଇଟି ଏବେ ତା ପ୍ରତିବଦଳରେ ଚାରିଲକ୍ଷ ଲୀରା (ଦୁଇଲକ୍ଷ ସାଢ଼େ ସଇଁତିରିଶି ହଜାର ଟଙ୍କା) ମାଲିକକୁ ଦେଇ (ଉକ୍ତ) କାଗଜଗୁଡିକୁ ନେବାକୁ ଚାହୁଁଛି ।

ଇସୁ ଇବ୍‌ନେ ମରିୟମ୍‌ଙ୍କ ପ୍ରାର୍ଥନା (କି) ସେହି ଦୁଇଜଣଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ସେ କହିଲେ:- ''ହେ ମୋର ଇଶ୍ୱର ! ମୁଁ ଏପରି ଯୋଗ୍ୟ ନୁହେଁ କି ତା ଉପରେ ମୁଁ ବିଜୟପ୍ରାପ୍ତ କରିପାରିବି ଯାହାକୁ ମୁଁ ଖରାପ ବୋଲି ବିବେଚନା କରୁଅଛି । ନାଁ ମୁଁ ସେହି ପୁଣ୍ୟକୁ ହାସଲ କରିପାରିଛି ଯାହାର ଇଛା ମୁଁ କରିଥିଲି କିନ୍ତୁ ଅନ୍ୟ ଲୋକମାନେ ନିଜର ପ୍ରାପ୍ୟକୁ ନିଜ ହାତରେ ଧରି ରଖିଛନ୍ତି ତଥା ମୁଁ ନୁହେଁ । କିନ୍ତୁ ମୋ ବଡପଣିଆ ମୋ କର୍ମରେ ରହିଛି । ମୋଠାରୁ ଅଧିକା ଖରାପ ପରିସ୍ଥିତିରେ ଆଉ କେହି ନାହାଁନ୍ତି । ହେ ସମସ୍ତଙ୍କଠାରୁ ଉଚ୍ଚ (ଆସନରେ) ବିରାଜମାନ ଇଶ୍ୱର । ମୋ ପାପକୁ କ୍ଷମା କର । ହେ ଇଶ୍ୱର ଏପରି କରନାହିଁ କି ମୁଁ ଶତ୍ରୁମାନଙ୍କ ପାଇଁ ଆପତି ଅଭିଯୋଗର ପାତ୍ର ହୋଇଯିବି ନା ମୋତେ ମୋ ସାଙ୍ଗସାଥିମାନଙ୍କ ଦୃଷ୍ଟିରେ ହୀନ କର ଓ ଏପରି ନହେଉ କି ମୋ ତକ୍‌ୱା (ଧର୍ମପରାୟଣତା) ମୋତେ ପରୀକ୍ଷାରେ ପକାଇଦେଉ । ଏପରି କର କି ଏ ଦୁନିଆ ମୋ ପାଇଁ ବଡ ଆନନ୍ଦର ସ୍ଥାନ ବା ମୋ ପାଇଁ ବଡ ଉଦ୍ଦେଶ୍ୟ ହେଉ ଏବଂ ଏପରି ବ୍ୟକ୍ତିକୁ ମୋ ଉପରେ ନିଯୁକ୍ତ କରନାହିଁ ଯିଏ ମୋ ଉପରେ ଦୟା କରୁନଥିବ । ହେ ଦୟାବନ୍ତ ଇଶ୍ୱର ! ନିଜ ଦୟା ଖାତିର ଏପରି ହିଁ କର ଯେପରି ତୁମେ ସମସ୍ତଙ୍କ ଉପରେ ଦୟା କରୁଅଛ, ଯେଉଁମାନେ ତୁମ ଦୟାର ପାତ୍ର ଅଟନ୍ତି ।

*(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୭୫-୭୭)*

*ଜଣେ ୟୁହୁଦୀ ମଧ ଏହାର ତସଦିକ୍ କରିଛନ୍ତି କି ବାସ୍ତବରେ ଶ୍ରୀନଗରଠାରେ କବର ଅଛି । (ଏବଂ ତାହା) ୟୁହୁଦୀମାନଙ୍କ ନବୀମାନଙ୍କ କବର ସଦୃଶ ତିଆରି ହୋଇଛି । ମିନ୍‌ହୁ ।


**ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍**

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ସଠିକ୍ ସମୟରେ ବରଂ ବେଳେବେଳେ ସମୟ ପୂର୍ବରୁ ହିଁ ବାଜମାତ୍ ନମାଜ ପଢ଼ିବା ପାଇଁ ମସ୍‌ଜିଦ୍‌ରେ ଯାଇ ବସିଯାଉଥିଲେ ଓ ଶେଷ ସମୟ ପର୍ଯ୍ୟନ୍ତ ଜଣେ ରୋଗୀ ହୋଇଥିବା ସତ୍ୱେ ମଧ୍ୟ ନମାଜ ପଢ଼ିବାରେ ସମସ୍ତଙ୍କଠାରୁ ଆଗରେ ରହୁଥିଲେ ।

ପୁଣି ମୁବଲିଗ୍ ସିଲ୍‌ସିଲା ହାଶିମ୍ ସାହେବ୍ ଲେଖୁଛନ୍ତି କି ଜାମିଆରେ ସିୟୁତି ଅଜିଜ୍ ସାହେବ୍‌ଙ୍କ ଠାରୁ କଲାମ୍ ପଢ଼ିବାର ସୌଭାଗ୍ୟ ତାଙ୍କୁ ମିଳିଛି । ତାଙ୍କର ଏ ଅଭ୍ୟାସ୍ ଥିଲା କି ସେ ପଢ଼ିବା ସମୟରେ ପିଲାମାନଙ୍କ ସହିତ ପ୍ରଶ୍ନୋତର କରୁଥିଲେ ଓ ପିଲାମାନଙ୍କଠାରୁ ଉତର ଶୁଣି ବହୁତ ପ୍ରଶଂସା କରୁଥିଲେ । ଏକଦା ସେ ଆମକୁ ପ୍ରଶ୍ନ ପଚାରିଲେ କି ଜମାତ୍ ଅହେମଦୀୟାର ସତ୍ୟତାର ସବୁଠାରୁ ବଡ ପ୍ରମାଣ କଣ ? କହୁଛନ୍ତି ଆମେ ଜଣଜଣ ହୋଇ ପବିତ୍ର କୋରାନ୍‌ର ଆୟତ୍ ଏବଂ ହଦିସ୍‌ର ହୱାଲା ଦେଇ ଉକ୍ତ ପ୍ରଶ୍ନର ଉତର ଦେଲୁ । ସେ ଆମ ଉତରଗୁଡିକ ଶୁଣି କହିଲେ କି ସଦାକତ୍ (ସତ୍ୟତା)ର ସବୁଠାରୁ ବଡ ଦଲିଲ୍ ହେଉଛି ମୁଁ, ଅର୍ଥାତ୍ ପ୍ରତ୍ୟେକ ଅହେମଦୀ ନିଜେ ନିଜକୁ ହିଁ ସଦାକତ୍‌ର ଦଲିଲ୍ ରୂପେ ବିବେଚନା କରିବା ଉଚିତ୍ । ପୁଣି ସେ କହିଲେ କି ଆପଣମାନେ ନିଜକୁ ଏପରି ଯୋଗ୍ୟ ବନାନ୍ତୁ ଯେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏହି ଜମାତ୍‌ର ସତ୍ୟତାର ପ୍ରମାଣ ହୋଇଯିବେ । ଏହା ତାଙ୍କ ତର୍‌ବିୟତ୍ କରିବାର ଶୈଳୀ ଥିଲା କି ଯଦି ଆପଣମାନେ ସମ୍ପୂର୍ଣ୍ଣ ରୂପେ ଅହେମଦୀୟତ୍ ଅର୍ଥାତ୍ ବାସ୍ତବିକ୍ ଇସ୍‌ଲାମ୍ ଉପରେ ଅମଳ କରିବେ ତେବେ ଆପଣମାନେ ଏହି ସିଲ୍‌ସିଲାର ସତ୍ୟତାର ସବୁଠାରୁ ବଡ ଦଲିଲ୍ ହୋଇଯିବେ । ଏହା ତାଙ୍କ ତର୍‌ବିୟତ୍ କରିବାର ଶୈଳୀଥିଲା । ଖୁତ୍‌ବା ଗୁଡିକ ବହୁତ ଧ୍ୟାନର ସହିତ ଶୁଣୁଥିଲେ । ପୁଣି ମୋର ଯେଉଁ ଖୁତ୍‌ବା ଗୁଡିକ ଶୁଣୁଥିଲେ ସେହି ଖୁତ୍‌ବା ଗୁଡିକ ସମ୍ବନ୍ଧରେ ଛାତ୍ରମାନଙ୍କ ସହିତ ପଂଏଁଟ୍ ଡିସ୍‌କସ୍ କରୁଥିଲେ । ଏ ବିଶ୍ୱାସ ଜନ୍ମାଉଥିଲେ କି ସେମାନେ ନୋଟିସ୍ ନେଇଛନ୍ତି । ଓ ସର୍ବଦା ଏହା ଦେଖୁଥିଲେ କି ଖଲିଫାଙ୍କର ବାର୍ତାକୁ ବୁଝିଛନ୍ତି କି ନାହିଁ । ସେହିପରି ସର୍ବଦା ଖିଲାଫତ୍‌ର ଆଜ୍ଞାବହତା ହେବା ସମ୍ବନ୍ଧରେ ପ୍ରୋତ୍ସାହନ କରୁଥିଲେ ।

ଶମ୍‌ସୁରୀ ମେହ୍‌ମୁଦ୍ ସାହେବ୍ ମୁବଲିଗ୍ ଲେଖୁଛନ୍ତି କି ସିୟୁତି ସାହେବ୍ ଜଣେ ସଫଳ ୱାକିଫେ ଜିନ୍ଦେଗୀ ଥିଲେ । ଏକଦା ସେ ମୋତେ ଉପଦେଶ ଦେଇ କହିଲେ କି ଜିନ୍ଦେଗୀ ୱକ୍‌ଫ (ଜୀବନ ଉତ୍ସର୍ଗ) କରିବା ପରେ ଅବହେଳା ଓ ଅଚେତ ରହିବନାହିଁ । ୱକ୍‌ଫ୍‌ରୁ ଅଲଗା ହେବା ନିଜକୁ ଜମାତ୍‌ରୁ ବାହାର କରିଦେବା ସହିତ ସମାନ । ଏକଥାକୁ ସର୍ବଦା ମନେରଖିବ । ପୁଣି ସେ ଏହି ବାକ୍ୟକୁ ପୁନର୍ବାର କହିଲେ । ଯେତେବେଳେ ସେ ଏକଥା କହୁଥିଲେ ତାଙ୍କ ଆଖି ଲାଲ ରଙ୍ଗ ହୋଇଯାଇଥିଲା, ଆଖିରେ ଅଶ୍ରୁ ଭରିଯାଇଥିଲା ।

ୟୁସୁଫ୍ ଇସ୍‌ମାଇଲ୍ ସାହେବ୍ ମୁବଲିଗ୍ ଲେଖୁଛନ୍ତି କି ଯେତେବେଳେ ମୋତେ ରିଜିଓନାଲ୍ ମୁବଲିଗ୍ ବନାଇ ଦିଆଗଲା ସେତେବେଳେ ମୁଁ ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଗଲି । ସିୟୁତି ସାହେବ୍ ରଇସୁତ୍ ତବ୍‌ଲିଗ୍ ଥିଲେ । ୟୁସୁଫ୍ ସାହେବ୍ ତାଙ୍କୁ ପଚାରିଲେ କି ମୋତେ କାହିଁକି ରିଜିଓନାଲ୍ ମୁବଲିଗ୍ କରାଗଲା । କାରଣ ମୋ ମଧ୍ୟରେ ବହୁତ ଦୁର୍ବଳତା ଭରି ରହିଛି ଓ ମୋର ଅନୁଭବ ମଧ୍ୟ କମ୍ । ତେଣୁ ରିଜିଓନାଲ୍ ମୁବଲିଗ୍ ହେବାର ମୁଁ ଯୋଗ୍ୟ ନୁହେଁ । ବଡବଡ ଅନୁଭବୀ ଅଛନ୍ତି, ସେମାନଙ୍କୁ ବନାନ୍ତୁ । ଏହି ପ୍ରଶ୍ନର ଉତରରେ ସିୟୁତି ସାହେବ୍ ବହୁତ ସରଳ ଓ ସିଧା ଉତର ଦେଲେ କି ଆପଣଙ୍କୁ ଏକଥା କିଏ କହିଲା ଯେ ଆପଣ ଯୋଗ୍ୟ ଅଟନ୍ତି ତେଣୁ ଆପଣଙ୍କୁ ରିଜିଓନାଲ୍ ମୁବଲିଗ୍ କରାଯାଉଛି । ଆପଣଙ୍କୁ ତ ଏ ଦାୟିତ୍ୱ ଏଇଥିପାଇଁ ଦିଆଯାଇଛି ଯଦ୍ୱାରା ଆପଣ ଶିଖିପାରିବେ, କାମ ଶିଖିବେ, ଦାୟିତ୍ୱର ଭାବନା ସୃଷ୍ଟିହେବ । ପୁଣି କହିଲେ କି ଆମେ ତ ଦୁର୍ବଳ ଭକ୍ତ, କିଛି କରିପାରିବା ନାହିଁ କିନ୍ତୁ ଯଦି ଅଲ୍ଲାଃତାଲାଙ୍କ ସହିତ ଆମର ଦୃଢ଼ ସମ୍ପର୍କ ରହିବ ତେବେ ଆମର ସମସ୍ତ ମାମଲା ସହଜ ହୋଇଯିବ ସୁତରାଂ ଏକଥା ସବୁବେଳେ ମୁଣ୍ଡରେ ରଖିବା ଉଚିତ୍ । ତୁମେ ରିଜୁଓନାଲ୍ ମୁବଲିଗ୍ ହୁଅ ବା ସାଧାରଣ ମୁବଲିଗ୍ । ଅଲ୍ଲାଃତାଲାଙ୍କ ସହିତ ଦୃଢ଼ ସମ୍ପର୍କ ରଖିବାକୁ ହେବ । ତେବେ ଯାଇ ତୁମକୁ ସଫଳତା ଲାଭ ହେବ ଓ ସବୁକିଛି ସହଜ ହୋଇଯିବ ।

ଏମ୍.ଟି.ଏର ଜେନେରାଲ୍ ମ୍ୟାନେଜର୍ ଇଖା ନୁର୍ ସାହେବ୍ କହୁଛନ୍ତି କି ଏକଦା ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲି । ମୁଁ ତାଙ୍କ ପାଖକୁ ଦୁଆ କରିବା ପାଇଁ ବାର୍ତା ପଠାଇଲି । ସେତେବେଳେ ତ କୌଣସି ଉତର ଦେଲେନାହିଁ । ପୁଣି ସେ କାହାଠାରୁ ମୋର ଫୋନ୍ ନଂ ମାଗିଲେ । ତା ପରଦିନ ମୋର ସାକ୍ଷାତ୍‌କାର୍ ତାଙ୍କ ସହିତ ହେଲା । ସେତେବେଳେ ସର୍ବପ୍ରଥମ ପ୍ରଶ୍ନ ସେ ମୋତେ କଲେ, ମୋତେ ତ ତୁମେ ଦୁଆପାଇଁ ଲେଖିଥିଲ କିନ୍ତୁ କଣ ତୁମେ ନିଜର ଅସୁବିଧା ପାଇଁ ଖଲିଫାଙ୍କ ନିକଟକୁ ମଧ୍ୟ ଦୁଆପାଇଁ ଲେଖିଛ କି ? ଯେତେବେଳେ ମୁଁ ତାଙ୍କୁ କହିଲି କି ଦୁଆପାଇଁ ଲେଖିଛି ଏହା ଶୁଣି ସେ ବହୁତ ଖୁସି ହୋଇଗଲେ ଓ କହିଲେ କି ଏହି ଶୈଳୀ ହେବା ଉଚିତ୍ । ଏବଂ କହୁଛନ୍ତି କି ସେତେବେଳେ ମଧ୍ୟ ତାଙ୍କ ଆଖିରେ ଅଶ୍ରୁ ଭରିଯାଇଥିଲା । ତାଙ୍କ ହାବଭାବରୁ ଖିଲାଫତ୍ ସହିତ ଗଭୀର ପ୍ରେମଭାବ ବାରି ହୋଇପଡୁଥିଲା ।

ଏହିପରି ବିଭିନ୍ନ ଅବସରରେ ଯେତେବେଳେ ମଧ୍ୟ ଖିଲାଫତ୍ ସମ୍ବନ୍ଧିତ ଚର୍ଚ୍ଚା ହୁଏ ସେତେବେଳେ ସେ ଅତ୍ୟନ୍ତ ଭାବ ବିହ୍ୱଳ ହୋଇଯାଉଥିଲେ । ମର୍‌ହୁମ୍ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ମୁସି ଥିଲେ । ରବ୍‌ୱାରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କର ମରଶରୀର ପାକିସ୍ତାନ୍‌ରୁ ୨୩ ନଭେମ୍ବର ଦିନ ଯାଇ ଇଣ୍ଡୋନେସିଆରେ ପହଂଚିଲା ଓ ୨୪ ନଭେମ୍ବର ଦିନ ତାଙ୍କର ତଦ୍‌ଫିନ୍ (ଅନ୍ତେଷ୍ଟିକ୍ରିୟା) ମର୍କଜ୍ ପାରୁଙ୍ଗ୍‌ଠାରେ ମକ୍‌ବରା ମୁସିୟାନ୍ (ୱସିୟତ୍ କରିଥିବା ଲୋକମାନଙ୍କ ନିମନ୍ତେ ନିର୍ମିତ କବରସ୍ଥାନ୍) ରେ କବର ଦିଆଗଲା । ଜମାତ୍‌ର ବହୁ ସଂଖ୍ୟକ ଲୋକେ ଯନାଜାଃରେ ସାମିଲ୍ ହୋଇଥିଲେ । ଅଲ୍ଲାଃତାଲା ତାଙ୍କର ପଦମର୍ଯ୍ୟାଦା ବଢ଼ାନ୍ତୁ ଏବଂ ଜନ୍ନତୁଲ୍ ଫିରଦୋସ୍‌ରେ ଉଚ୍ଚ ସ୍ଥାନ ପ୍ରଦାନ କରନ୍ତୁ । ତାଙ୍କର ସମସ୍ତ ନିକଟ ସମ୍ପର୍କୀୟକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ଏବଂ ତାଙ୍କର ସନ୍ତାନମାନଙ୍କୁ ଓ ଆସନ୍ତା ପିଢ଼ୀକୁ ତାଙ୍କ ପଦାଙ୍କ ଅନୁସରଣରେ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ ।

(ଖୁତ୍‌ବା ସାନିୟା ପରେ ହଜୁର୍ ଅନୁୱର୍ କହିଲେ) ନମାଜ ପାଠ ପରେ ମୁଁ ତାଙ୍କର ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇଲି । ⌘⌘⌘ ⌘⌘⌘ ⌘⌘⌘

*ପୃଷ୍ଠା- ୧୦ ର ଅବଶିଷ୍ଟାଂଶ ...*

ସେ କଲା କି ଯେତେବେଳେ ମୁସଲ୍‌ମାନ୍‌ମାନେ ଚାରିଆଡୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ମୁସଲ୍‌ମାନ୍‌ମାନେ ଭୀଷଣ କଠିନ ପରିସ୍ଥିତି ଦେଇ ଗତି କରୁଥିଲେ । ଏତିକିବେଳେ ସେ ଆହୁରି ଅଡୁଆ ପରିସ୍ଥିତି ସୃଷ୍ଟି କରିଦେଲା ଓ କାଆବ୍‌ର ଅପରାଧ ବହୁତ ବଢ଼ିଗଲା । ତେଣୁ ତା ବିରୋଧରେ ଦଣ୍ଡ ଦିଆଯିବା ପାଇଁ ଧାର୍ଯ୍ୟ କରାଗଲା । ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି କି ଆଜିକାଲିର ସଭ୍ୟ ବୋଲାଉଥିବା ଦେଶଗୁଡିକରେ ବିଦ୍ରୋହ, ପ୍ରତିଶୃତି ଭଙ୍ଗ ଓ ଯୁଦ୍ଧକୁ ପ୍ରୋତ୍ସାହିତ କରିବା ଏବଂ ହତ୍ୟା କରିବା ଯୋଜନାର ଅପରାଧରେ ଅପରାଧିମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଉଛି । ତେଣୁ ଆପତି କରିବାର କଣ କଥା ।

ଏବଂ ପୁଣି ଦ୍ୱିତୀୟ ପ୍ରଶ୍ନ ହେଉଛି ହତ୍ୟା କରିବାର ଶୈଳୀ କି ତାକୁ ନୀରବରେ ଚୁପ୍‌ଚାପ୍ ହୋଇ କାହିଁକି ରାତିବେଳା ହତ୍ୟା କରାଗଲା ? ଏ ସମ୍ବନ୍ଧରେ ସେ କହୁଛନ୍ତି କି ମନେରଖିବା ଉଚିତ୍ ହେବ କି ଆରବରେ ସେ ସମୟରେ କୌଣସି ନିୟମିତ ରାଜତ୍ୱ ନଥିଲା । ଜଣେ ନେତା ତ ଧାର୍ଯ୍ୟ ହୋଇଯାଇଥିଲେ କିନ୍ତୁ କେବଳ ତାର ନିଷ୍ପତି ହିଁ ଗ୍ରହଣଯୋଗ୍ୟ ନଥିଲା ବରଂ ଯଦି ନିଜ ନିଜର ନିଷ୍ପତି କରିବାକୁ ପ୍ରତ୍ୟେକ ବ୍ୟକ୍ତି ଓ ପ୍ରତ୍ୟେକ କବିଲା ସ୍ୱୟଂ ସ୍ୱାଧୀନ ମଧ୍ୟ ଥିଲା । ମୋଟାମୋଟି ସବୁ ପ୍ରକାରର ନିଷ୍ପତି ନେବାପାଇଁ ଲୋକେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସୁଥିଲେ ଓ ଯଦି କୌଣସି ନିଷ୍ପତି କବିଲା ନେବାକୁ ଚାହୁଁଥିଲା ସେ ନିଜେ ମଧ୍ୟ ନେଉଥିଲା । ତେବେ ଏପରି ପରିସ୍ଥିତିରେ ସେଠାରେ କି ପ୍ରକାର ଅଦାଲତ ଥିଲା ଯେଉଁଠି କାଆବ୍ ବିରୋଧରେ ମୋକଦ୍ଦମା ଦାଏର୍ କରାଯାଇ ତାକୁ ହତ୍ୟା କରାଯିବାର ନିର୍ଦ୍ଦେଶ ଦିଆଯାଇଥାଆନ୍ତା । କଣ ୟୁହୁଦୀଙ୍କ ନିକଟରେ ଅଭିଯୋଗ କରାଯାଇଥାଆନ୍ତା ଯାହାର ସେ ସର୍ଦ୍ଦାର ଥିଲା ଓ ଯିଏ ନିଜେ ହିଁ ମୁସଲ୍‌ମାନ୍ ମାନଙ୍କ ବିରୁଦ୍ଧରେ ବି ଶ୍ୱାସଘାତକତା କରିସାରିଥିଲା, ଏବଂ ପ୍ରତ୍ୟେକ ଦିନ ବିଭ୍ରାଟ ସୃଷ୍ଟି କରୁଥିଲା ? ତେଣୁ ଏ ପ୍ରଶ୍ନ ଉଠୁନାହିଁ ଯେ ୟୁହୁଦୀଙ୍କ ପାଖକୁ ଯାଇଥାଆନ୍ତେ । ସୁଲେମ୍ କବିଲା ଏବଂ ଗତ୍‌ଫାନ୍ କବିଲାଙ୍କ ଠାରୁ ନ୍ୟାୟ ମାଗିଥାଆନ୍ତେ ଯେଉଁମାନେ ବିଗତ ତିନିମାସ ଭିତରେ ତିନିଚାରିଥର ମଦିନା ଉପରେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତି କରିସାରିଥିଲେ ? ସେମାନେ ମଧ୍ୟ ତାଙ୍କ କବିଲା ଥିଲେ । ତେଣୁ ତାଙ୍କଠାରୁ ମଧ୍ୟ କୌଣସି ନ୍ୟାୟ ମିଳିପାରିନଥାନ୍ତା । ପୁଣି ଆପଣ ଲେଖୁଛନ୍ତି କି ଯଦି ସେ ସମୟର ଅବସ୍ଥାକୁ ଦେଖାଯାଏ ଓ ଚିନ୍ତା କରାଯାଏ ସେତେବେଳେ ମୁସଲ୍‌ମାନ୍ ମାନଙ୍କ ପାଇଁ ସେହି ଗୋଟିଏ ରାସ୍ତାକୁ ଛାଡିଦେଲେ ଆଉ କଣ ରାସ୍ତା ଖୋଲାଥିଲା ଯେ ଯେତେବେଳେ ଜଣେ ବ୍ୟକ୍ତି ଏ ପ୍ରକାର ବିଭ୍ରାଟ ଯୁଦ୍ଧ ପ୍ରୋତ୍ସାହନ ଓ ହତ୍ୟାର ସାଜିସ୍ କରିବା ଯୋଗୁ ତା ଜୀବନକୁ ନିଜପାଇଁ ଓ ଦେଶପାଇଁ ଶାନ୍ତି ନିମନ୍ତେ ବିପଦପୂର୍ଣ୍ଣ ରୂପେ ପାଇ ନିଜର ସୁରକ୍ଷାକୁ ଖିଆଲ ରଖି ତାକୁ ହତ୍ୟା କରାଯାଇଥାଆନ୍ତା । ତେଣୁ ଏହା ସବୁଠୁ ଭଲ ରାସ୍ତା ଥିଲା କି ଜଣେ ଦୁଷ୍ଟ ଓ ବିଭ୍ରାଟପୂର୍ଣ୍ଣ ବ୍ୟକ୍ତିକୁ ହତ୍ୟା କରିଦିଆଯାଉ । ନଚେତ୍ ଅନେକ ଶାନ୍ତିପ୍ରିୟ ଅଧିବାସୀମାନଙ୍କର ଜୀବନ ବିପଦରେ ପଡିଯିବ ଓ ଦେଶର ଶାନ୍ତି ନଷ୍ଟ ହୋଇଯିବ । ଇଶ୍ୱର ମଧ୍ୟ ଏହା କହିଛନ୍ତି କି ଫିତ୍‌ନା (ବିଭ୍ରାଟ) ହତ୍ୟାଠାରୁ ମଧ୍ୟ ଅଧିକା । ସେ ଯାହା ହେଉ ଏହି ଚୁକ୍ତି ମୁତାବକ ଯାହା ହିଜ୍‌ରତ୍ ପରେ ମୁସଲ୍‌ମାନ୍ ଏବଂ ୟୁହୁଦୀମାନଙ୍କ ମଧ୍ୟରେ ଧାର୍ଯ୍ୟ ହୋଇଥିଲା ଆଁ ହଜ୍‌ରତ୍ ସ:ଆ:ସକୁ ଜଣେ ସାଧାରଣ ନାଗରିକର ମର୍ଯ୍ୟାଦା ହାସଲ ଥିଲା ବରଂ ଆପଣ ସ:ଆ:ସ ସେହି ଲୋକତନ୍ତ୍ରର ରାଜ୍ୟରେ ସଭାପତି ନିଯୁକ୍ତ ପାଇଥିଲେ ଯାହା ମଦିନାରେ ପ୍ରତିଷ୍ଠା ହୋଇଥିଲା । ଏବଂ ଆପଣ ସ:ଆ:ସଙ୍କୁ ଏ ଅଧିକାର ଦିଆଯାଇଥିଲା କି ସବୁ ପ୍ରକାରର ବାଦ ବିବାଦ ଓ ରାଜନୈତିକ ସମସ୍ୟା ଗୁଡିକର ନିଷ୍ପତି ଆପଣ ସୁଚାରୁରୂପେ ନିର୍ବାହ କରିପାରିବେ । ସୁତରାଂ ଯଦି ଆପଣ ସ:ଆ:ସ ଦେଶରେ ଶାନ୍ତିକୁ କାଏମ୍ ରଖିବା ପାଇଁ କାଆବ୍‌ର ବିଭ୍ରାଟ ମୂଳକ କାର୍ଯ୍ୟ ଯୋଗୁ ତାକୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶ ଦେଲେ ତେବେ ଏଥିରେ କୌଣସି ଏପରି କଥା ନଥିଲା ଓ ତେରଶହ ବର୍ଷ ପରେ ଇସ୍‌ଲାମ୍ ଉପରେ ଏ ଅଭିଯୋଗ ଯେଉଁ ଲଗାଯାଉଛି ତାହା ସମ୍ପୂର୍ଣ୍ଣ ରୂପେ ନିରର୍ଥକ କାରଣ ସେ ସମୟରେ ୟୁହୁଦୀମାନେ ଆପଣ ସ:ଆ:ସଙ୍କ କଥାକୁ ଶୁଣି କୌଣସି ଆପତି କରିନାହାଁନ୍ତି ଏବଂ କେବେ ମଧ୍ୟ ଅଭିଯୋଗ କରିନାହାଁନ୍ତି । (ଉଦ୍ଧୃତ ସିରତ୍ ଖାତମୁନ୍ ନବୀଇନ୍, ସଂକଳକ- ହଜ୍‌ରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ, ପୃଷ୍ଠା-୪୬୭-୪୭୩)

ତେବେ ଏହାଥିଲା ସେହି ଘଟଣା । ହଜ୍‌ରତ୍ ଖାରିସ୍ ବିନ୍ ଅଓସ୍ ବିନ୍ ମାଆଜ୍ ର:ଅଙ୍କର କି ସେ ମଧ୍ୟ ଉକ୍ତ ହତ୍ୟାରେ ସାମିଲ୍ ଥିଲେ ଅର୍ଥାତ୍ ସେହି ହତ୍ୟା କରିବାକୁ ପଠାଯାଇଥିବା ଟିମ୍‌ରେ ଥିଲେ । ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବା ଇସ୍‌ଲାମ୍ ଉପରେ ଚରମପନ୍ଥୀର ଯେଉଁ ଅଭିଯୋଗ ଲାଗୁଛି ସେହିସବୁ ଅଭିଯୋଗ ଗୁଡିକ ମଧ୍ୟ ଭୁଲ୍ ଥିଲା । ସେ (କାଆବ୍) ଦଣ୍ଡ ପାଇବାର ହକ୍‌ଦାର୍ ଥିଲା ଏବଂ ଆଁ ହଜ୍‌ରତ୍ ସ:ଆ:ସ ସରକାରଙ୍କ ସର୍ବୋଚ୍ଚ ନେତା ରୂପେ ତାକୁ ଦଣ୍ଡ ଦେଲେ । ଆଜି ଏହି ଘଟଣାରେ ମୁଁ ଶେଷ କରୁଅଛି ।

ଅଲ୍ଲାଃତାଲା ସର୍ବଦା ଇସ୍‌ଲାମ୍‌କୁ ମଧ୍ୟ ଉକ୍ତ ଫିତ୍‌ନାରୁ ସୁରକ୍ଷାରେ ରଖନ୍ତୁ । ଆଜିକାଲି ମୁସଲ୍‌ମାନ୍ ମାନଙ୍କର ସେହିପରି ଅବସ୍ଥା ହୋଇଯାଇଛି । ତେଣୁ ସେମାନେ ସେହି ପୁରୁଣା ଇତିହାସରୁ ଶିକ୍ଷା ନେବା ପରିବର୍ତେ ନିଜେ ଫିତ୍‌ନା ଓ ବିଭ୍ରାଟରେ ପଡିଯାଇଛନ୍ତି । ସରକାରଙ୍କ ମଧ୍ୟରୁ ମଧ୍ୟ ଓ ମୁସଲ୍‌ମାନମାନଙ୍କ ମଧ୍ୟରେ ମଧ୍ୟ ଏହି ବିଭ୍ରାଟ ଦେଖାଦେଇଛି । ଅଲ୍ଲାଃତାଲା ଇସ୍‌ଲାମ୍‌କୁ ଉପରୋକ୍ତ ଫିତ୍‌ନାରୁ ବଂଚାନ୍ତୁ ଓ ଏଯୁଗରେ ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରେରିତ ହାଦି (ସୁଧାରକ)କୁ ଯିଏ ଇସ୍‌ଲାମ୍‌କୁ ପୁନର୍ଜୀବୀତ କରିବା ପାଇଁ ଆସିଛନ୍ତି, ତାଙ୍କୁ ମାନିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ⌘⌘⌘⌘⌘⌘⌘⌘⌘⌘

# ଖୁତ୍‌ବା ଜୁମା

## ଆଜ୍ଞାନୁବର୍ତିତା, ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ନବୀ କରିମ୍ ସ:ଆ:ସଙ୍କ ବଦ୍‌ରି ସାହାବା ର:ଅ

ହଜ୍‌ରତ୍ ସାବିତ୍ ବିନ୍ ଖାଲିଦ୍ ଅନ୍‌ସାରୀ, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅର୍‌ଫତା, ହଜ୍‌ରତ୍ ଉତ୍‌ବା ବିନ୍ ଅବ୍‌ଦୁଲ୍ଲାଃ, ହଜ୍‌ରତ୍ କଏସ୍ ବିନ୍ ଅବି ସାଆ ଏବଂ ହଜ୍‌ରତ ଉବୈଦା ବିନ୍ ହାରିସ୍ ର:ଅଙ୍କ ପବିତ୍ର ଜୀବନ ଚରିତର ବର୍ଣ୍ଣନା ।

ଇଣ୍ଡୋନେସିଆର ଜଣେ ପୁରାତନ ଖାଦିମେ ସିଲ୍‌ସିଲା (ଅହେମଦୀୟତ୍‌ର ସେବକ), ୱାକିଫେ ଜିନ୍ଦେଗୀ, ମୁବଲିଗ୍ ସିଲ୍‌ସିଲା, ପୂର୍ବତନ ରଇସୁତ୍ ତବ୍‌ଲିଗ୍ ଏବଂ ଜାମିଆ ଅହେମଦୀୟା ଇଣ୍ଡୋନେସିଆର ପ୍ରିନ୍‌ସିପାଲ୍ ରୂପେ ସେବା କରିଥିବା ମୋହତରମ୍ ସିୟୁତି ଅହେମଦ୍ ଅଜିଜ୍ ସାହେବ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୩୦ ନଭେମ୍ବର୍ ୨୦୧୮ ଅନୁଯାୟୀ ୩୦ ନବୁଓ୍ୱତ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَ اِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ଆଜି ଯେଉଁ ସାହାବା ମାନଙ୍କର ଏଠାରେ ମୁଁ ଚର୍ଚ୍ଚା କରିବି ସେମାନଙ୍କ ମଧ୍ୟରୁ ସର୍ବପ୍ରଥମେ ହଜ୍‌ରତ୍ ସାବିତ୍ ବିନ୍ ଖାଲିଦ୍ ଅନ୍‌ସାରୀ ଅଛନ୍ତି । ସେ ବନୁ ମାଲିକ୍ ବିନ୍ ନଜ୍ଜାର୍ କବିଲାର ଥିଲେ । ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ଏହିପରି ୟମାମା ଯୁଦ୍ଧରେ ମଧ୍ୟ ସାମିଲ୍ ହୋଇଥିଲେ ଓ ସେହି ଯୁଦ୍ଧରେ ସେ ଶହୀଦ୍ ମଧ୍ୟ ହେଲେ । କେତେକ କୁହନ୍ତି କି ସେ ବୈରେ ମାଉନାରେ ଘଟିଥିବା ଘଟଣା ଅବସରରେ ଶହୀଦ୍ ହୋଇଛନ୍ତି ବୋଲି । (ଅଲ୍ ଇସ୍ତିଆବ୍, ଖଣ୍ଡ-୧, ପୃଷ୍ଠା-୧୯୮, ମୁଦ୍ରଣ ଦାରୁଲ୍ ଜୈଲ୍ ବେରୁତ ୧୯୯୨)

ପୁଣି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅର୍‌ଫତା । ସେ ହଜ୍‌ରତ୍ ଜାଫର୍ ବିନ୍ ଅବି ତାଲିବ୍ ର:ଅଙ୍କ ସହିତ ହବ୍‌ଶା ହିଜ୍‌ରତ୍ କରିଥିଲେ ଓ ଆଉ ଗୋଟିଏ ରିଓ୍ୱାୟତ୍ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍‌ଙ୍କର ରହିଛି କି ସେ କହୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଆମକୁ ନଜାଶିଙ୍କ ନିକଟକୁ ପଠାଇଥିଲେ ଓ ଆମେ ପାଖାପାଖି ୮୦ଜଣ ଥିଲୁ । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୨, ପୃଷ୍ଠା-୨୦୧, ହଦିସ୍ ୪୪୦୦, ମସ୍‌ନଦ୍ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ, ମୁଦ୍ରଣ- ଆଲିମୁଲ୍ କୁତୁବ୍ ବେରୁତ୍ ୧୯୯୮) ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅର୍‌ଫତା ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ଅଲ୍ ଇସ୍ତିଆବ୍, ଖଣ୍ଡ-୩, ପୃଷ୍ଠା-୯୪୯, ଅବ୍‌ଦୁଲ୍ଲାଃ ବିନ୍ ଅର୍‌ଫତା ର:ଅ, ମୁଦ୍ରଣ ଦାରୁଲ୍ ଜୈଲ୍ ବେରୁତ ୧୯୯୨)

ପୁଣି ହଜ୍‌ରତ୍ ଉତ୍‌ବା ବିନ୍ ଅବ୍‌ଦୁଲ୍ଲାଃ । ତାଙ୍କ ବାପାଙ୍କ ନାମ ବୁସ୍‌ରା ବିନ୍‌ତ ଜଏଦ୍ ଥିଲା । ବୟତେ ଉକ୍‌ବା ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ । (ଅଲ୍ ଇସ୍ତିଆବ୍, ଖଣ୍ଡ-୩, ପୃଷ୍ଠା-୧୦୨୬, ଉତ୍‌ବା ବିନ୍ ଅବ୍‌ଦୁଲ୍ଲାଃ, ମୁଦ୍ରଣ ଦାରୁଲ୍ ଜୈଲ୍ ବେରୁତ ୧୯୯୨) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୦, ଉତ୍‌ବା ବିନ୍ ଅବ୍‌ଦୁଲ୍ଲାଃ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ପୁଣି ହଜ୍‌ରତ୍ କଏସ୍ ବିନ୍ ଅବି ସାଆସାଆ । ସେ ଅନ୍‌ସାରୀ ଥିଲେ । ହଜ୍‌ରତ୍ କଏସ୍‌ଙ୍କ ବାପାଙ୍କ ନାମ ଉମ୍‌ରୋ ବିନ୍ ଜଏଦ୍ ଥିଲା । କିନ୍ତୁ ସେ ନିଜର କୁନିୟତ୍ ଅବୁ ସାଆସାଆ ନାମରେ ପ୍ରସିଦ୍ଧ ଥିଲେ । ହଜ୍‌ରତ୍ କଏସ୍ ର:ଅଙ୍କ ମାଆଙ୍କ ନାମ ଶୈୟା ବିନ୍‌ତ୍ ଆସିମ୍ ଥିଲା ଏବଂ ହଜ୍‌ରତ୍ କଏସ୍ ୭୦ଜଣ ଅନ୍‌ସାରଙ୍କ ସହିତ ବୟତେ ଉକ୍‌ବାଠାରେ ସାମିଲ୍ ହୋଇଥିଲେ । ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହେବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କରିଛନ୍ତି । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯୨, କଏସ୍ ବିନ୍ ଅବି ସାଆସାଆ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ବଦର୍ ଯୁଦ୍ଧ ନିମନ୍ତେ ଗସ୍ତ କରିବା ସମୟରେ ନବୀ କରିମ୍ ସ:ଆ:ସ ନିଜ ସୈନ୍ୟ ସାମନ୍ତଙ୍କ ସହିତ ମଦିନାଠାରୁ ବାହାରି ବଇତୁସ୍ ସୁକ୍‌ୟାଠାରେ ରହିବେ ଏବଂ ଯେଉଁସବୁ କମ୍ ବୟସର ବାଳକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଉତ୍ସାହିତ ହୋଇ ଚାଲିଆସିଥିଲେ ସେମାନଙ୍କୁ ସେଠାରୁ ଫେରାଇ ଦିଆଗଲା । ପୁଣି ହଜୁର୍ ସ:ଆ:ସ ସାହବା ମାନଙ୍କୁ ନିର୍ଦ୍ଦେଶ ଦେଲେ କି ସୁକ୍‌ୟାର କୂଅରୁ ପାଣି ଆଣି ପିଇବାକୁ ଦିଅନ୍ତୁ । ଆପଣ ସ:ଆ:ସ ଉକ୍ତ ପାଣିକୁ ପିଇଲେ ପୁଣି ଆପଣ ସ:ଆ:ସ ସୁକ୍‌ୟା ନିକଟରେ ନମାଜ ପାଠ କଲେ । ସୁକ୍‌ୟାରୁ ବାହାରିବା ସମୟରେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ କଏସ୍ ବିନ୍ ଅବି ସାଆସାଙ୍କୁ ମୁସଲ୍‌ମାନ୍ ମାନଙ୍କୁ ଗଣିବା ପାଇଁ ନିର୍ଦ୍ଦେଶ ଦେଲେ । ଏହି ଅବସରରେ ତାଙ୍କୁ ପାଣି ଯୋଗାଣର ବ୍ୟବସ୍ଥାପକ ରୂପେ ମଧ୍ୟ ନିଯୋଜିତ କରାଯାଇଥିଲା । ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ମସ୍‌ଜିଦ୍ ନବଓ୍ୱିଠାରୁ ପାଖାପାଖି ଅଢ଼େଇ କି.ମି ଦୂରତାରେ ଥିବା ବୈରେ ଅବି ଇନବା ନିକଟରେ ରହିଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ କଏସ୍‌କୁ ମୁସଲ୍‌ମାନ୍ ମାନଙ୍କୁ ଗଣିବା ନିମନ୍ତେ କହିଲେ, ଗଣ କେତେ ଲୋକ ଅଛନ୍ତି । ଏଥିରେ ହଜ୍‌ରତ୍ କଏସ୍ ଗଣନା କରି ରସୁଲୁଲ୍ଲାଃ ସ:ଆ:ସଙ୍କୁ କହିଲେ କି ଏମାନଙ୍କର ସଂଖ୍ୟା ହେଉଛି ୩୧୩ । ହଜୁର୍ ସ:ଆ:ସ ଏହା ଶୁଣି ବହୁତ ଖୁସି ହେଲେ ଏବଂ କହିଲେ କି ତାଲୁତ୍‌ଙ୍କ ସାଥିମାନଙ୍କର ମଧ୍ୟ ଏତିକି ସଂଖ୍ୟା ଥିଲା । ସୁକିୟା ସମ୍ବନ୍ଧରେ ଏ ନୋଟ୍ ଲେଖାଯାଇଛି ଯେ ମସ୍‌ଜିଦ୍ ନବଓ୍ୱିଠାରୁ ତାର ଦୂରତା ହେଉଛି ପାଖାପାଖି ୨କି.ମି ଏବଂ ଏହାର ପୁରୁଣା ନାମ ହୁସୈକା ଥିଲା । ହଜ୍‌ରତ୍ ଖଲାଦ୍ ର:ଅ ବର୍ଣ୍ଣନା କରୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ହୁସୈକାର ନାମକୁ ବଦଳାଇ ସୁକ୍‌ୟା ରଖି ଦେଇଥିଲେ । ସେ ପୁଣି କହୁଛନ୍ତି କି ମୋ ମନ ଭିତରେ ଏ ଇଚ୍ଛା ସୃଷ୍ଟି ହେଲା ଯେ ମୁଁ ସୁକ୍‌ୟାକୁ କିଣିଦେବି । କିନ୍ତୁ ମୋ ପୂର୍ବରୁ ହଜ୍‌ରତ୍ ସାଆଦ୍ ବିନ୍ ଅବି ଓ୍ୱକାସ୍ ର:ଅ ତାକୁ ଦୁଇଟି ଓଟର ବଦଳରେ କିଣିନେଲେ ଏବଂ କେତେକଙ୍କ ମତରେ ସାତ ଉକିୟା ଅର୍ଥାତ୍ ୨୮୦ ଦିର୍‌ହମ୍ ବଦଳରେ କିଣାଯାଇଥିଲା । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଏ ବିଷୟର ଚର୍ଚ୍ଚା ହେଲା ଏଥିରେ ଆପଣ ସ:ଆ:ସ କହିଲେ କି ଏହି ସଉଦା ବହୁତ ହିଁ ଲାଭଦାୟକ ଅଟେ । (ସିରତୁନ୍ ନବଓ୍ୱିୟା ଆଲା ଜୌଓ୍ୱିଲ୍ କୁର୍‌ଆନି ଓ୍ୱସ୍ ସୁନ୍ନାଃ ସଂକଳକ ମୁହମ୍ମଦ୍ ବିନ୍ ମୁହମ୍ମଦ୍ ବିନ୍ ସୌଲିମ୍, ଖଣ୍ଡ-୨, ପୃଷ୍ଠା-୧୨୪, ମକ୍‌ତବତୁସ୍ ଶାମଲାଃ), (ସବଲୁଲ୍ ହୁଦା ଓ୍ୱର୍ ରଶାଦ୍, ଖଣ୍ଡ-୪, ପୃଷ୍ଠା-୨୩-୨୫, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୩), (ୟମୁଲ୍ ଫୁର୍‌କାନ୍ ଇସ୍‌ରାର୍ ଗଜ୍‌ଓ୍ୱାୟେ ବଦର୍....ପୃଷ୍ଠା-୧୨୪, ମୁଦ୍ରଣ ଦାରୁଲ୍ ମିନ୍‌ହାଜ୍ ବେରୁତ୍ ୨୦୧୫), (ଇମ୍‌ତାଅଲ୍ ଅସ୍‌ମାଆ, ଖଣ୍ଡ-୮, ପୃଷ୍ଠା-୩୪୧, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୧୯୯୯) (କିତାବୁଲ୍ ମଗାଜି, ଲିଲ୍ ଓ୍ୱାକଦି, ଖଣ୍ଡ-୧, ପୃଷ୍ଠା-୩୭-୩୮, ମୁଦ୍ରଣ ଦାରୁଲ୍ ମିନ୍‌ହାଜ୍ ବେରୁତ୍ ୨୦୧୩)

ସେହିଭଳି ବଦର୍ ଯୁଦ୍ଧ ଦିନ ରସୁଲୁଲ୍ଲାଃ ସ:ଆ:ସ ସାକାର ପ୍ରମାଣକୁ ତାଙ୍କ ଦାୟିତ୍ୱରେ ଦେଇଥିଲେ । ସାକା ହେଉଛି ସେନାର ସେହି ଦଳ ଯିଏ ସେନାର ପଛପଛେ ସୁରକ୍ଷା ନିମନ୍ତେ ଚାଲିଥାଏ । ଏକଦା ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ନିବେଦନ କଲେ କି ହେ ଅଲ୍ଲାଃଙ୍କ ରସୁଲ୍ ! ମୁଁ କେତେ ସମୟ ଭିତରେ ପବିତ୍ର କୋରାନ୍‌କୁ ପଢ଼ି ଶେଷ କରିବି । ଆପଣ ସ:ଆ:ସ ଏଥିରେ କହିଲେ କି ପନ୍ଦରଟି ରାତିରେ । ହଜ୍‌ରତ୍ କଏସ୍ ର:ଅ କହିଲେ ମୁଁ ଏହାଠାରୁ ଆହୁରି ଶିଘ୍ର ପଢ଼ିବା ପାଇଁ ଶକ୍ତି ରଖିଛି । ଏଥିରେ ଆପଣ ସ:ଆ:ସ କହିଲେ କି ଗୋଟିଏ ଜୁମାରୁ ଅନ୍ୟ ଜୁମା ଭିତରେ ଶେଷ କର । ଏଥିରେ ସେ କହିଲେ କି ମୁଁ ଏହି ସମୟଠାରୁ ମଧ୍ୟ କମ୍ ସମୟରେ ଶେଷ କରିବାର ଶକ୍ତି ରଖିଛି । ପୁଣି ସେ ବହୁତ ଦିନ ପର୍ଯ୍ୟନ୍ତ ଏହିପରି ପବିତ୍ର କୋରାନ୍‌କୁ ତିଲାଓ୍ୱତ୍ କଲେ । ଯେତେବେଳେ ସେ ବୁଢ଼ା ହୋଇଗଲେ ଓ ନିଜ ଆଖିରେ ପଟି ବାନ୍ଧିଲେ ସେତେବେଳେ ସେ ପନ୍ଦର ରାତିରେ ପବିତ୍ର କୋରାନ୍‌କୁ ପଢ଼ି ଶେଷ କରିବା ଆରମ୍ଭ କରିଦେଲେ । ସେତେବେଳେ ସେ କହୁଥିଲେ କି କାଳେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦ୍ୱାରା ଦିଆଯାଇଥିବା କୋହଳ ସମୟ ଉପରେ ପାଳନ କରିଥାଆନ୍ତି କି । (ଅସଦୁଲ୍‌ଗାବା, ଖଣ୍ଡ-୪, ପୃଷ୍ଠା-୪୦୮, କଏସ୍ ବିନ୍ ଅବି ସାଆସାଆ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ତାଜୁଲ୍ ଉରୁସ୍, ଜେରେ ମାଦାଃ ସୁକ୍)

ହଜ୍‌ରତ୍ କଏସ୍ ର:ଅଙ୍କର ଦୁଇଜଣ ସନ୍ତାନ ଥିଲେ- ଅଲ୍‌ଫାକି ଏବଂ ଉମ୍ମେ ହାରିସ୍ । ଏହି ଦୁଇଜଣ ସନ୍ତାନଙ୍କର ମାଆଙ୍କ ନାମ ଥିଲା ଇମାମା ବିନ୍‌ତ୍ ମାଆଜ୍ । ହଜ୍‌ରତ୍ କଏସ୍ ର:ଅଙ୍କ ବଂଶ ଆଗକୁ ବଢ଼ିପାରିନଥିଲା । ହଜ୍‌ରତ୍ କଏସ୍ ର:ଅଙ୍କ ତିନିଜଣ ଭାଇଥିଲେ । ଯେଉଁମାନଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବୀ ହେବାର ସୌଭାଗ୍ୟ ମିଳିଥିଲା କିନ୍ତୁ ସେମାନେ ବଦର୍ ଯୁଦ୍ଧରେ ସାମିଲ୍ ହୋଇନଥିଲେ । ସେମାନଙ୍କ ମଧ୍ୟରୁ ହଜ୍‌ରତ୍ ହାରିସ୍ ର:ଅ ୟମାମା ଯୁଦ୍ଧରେ ଶହୀଦ୍ ହୋଇଥିଲେ । ହଜ୍‌ରତ୍ ଅବୁ କୁଲାବ ର:ଅ ଏବଂ ହଜ୍‌ରତ୍ ଜାବିର୍ ର:ଅ ମୌତା ଯୁଦ୍ଧରେ ଶହୀଦ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୯୨, କଏସ୍ ବିନ୍ ଅବି ସାଆସାଆ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ୧୯୯୦)

ପୁଣି ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ନାମକ ଜଣେ ସାହାବୀ ଥିଲେ । ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ବନୁ ମତଲବ୍‌ର ବ୍ୟକ୍ତି ଥିଲେ ଓ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟ ସମ୍ପର୍କୀୟ ଥିଲେ । (ଉଦ୍ଧୃତ ପୁସ୍ତକ ସିରତ୍ ଖାତମୁନ୍ ନବୀଇନ୍, ସଂକଳକ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଏମ୍.ଏ, ପୃଷ୍ଠା-୧୨୩-୧୨୪) ତାଙ୍କର ସମ୍ପର୍କ ବନୁ ମୋତଲବ୍ କବିଲା ସହିତ ଥିଲା । ତାଙ୍କର କୁନିୟତ୍ ଥିଲା ଅବୁ ହାରିସ୍ । ଯେବେ କି କିଛି ଲୋକଙ୍କ ମତରେ ଅବୁ ମାଓ୍ୱିୟା ଥିଲା । ତାଙ୍କ ମାଆଙ୍କ ନାମ ସୁଖୈଲା ବିନ୍‌ତ୍ ଖୁଜାଇ ଥିଲା । ହଜ୍‌ରତ୍ ଉବୈଦା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ବୟସରେ ଦଶବର୍ଷ ବଡ ଥିଲେ । ସେ ପ୍ରାରମ୍ଭରୁ ଇମାନ୍ ଆଣିଥିବା ଲୋକମାନଙ୍କ ମଧ୍ୟରେ ଥିଲେ । ଆଁ ହଜ୍‌ରତ୍ ସ:ଆ:ସ ଦାରେ ଅର୍‌କମ୍‌ଠାରେ

ପ୍ରବେଶ ହେବା ପୂର୍ବରୁ ସେ ଇମାନ୍ ନେଇଆସିଥିଲେ । ହଜ୍‌ରତ୍ ଅବୁ ଉବୈଦାଃ, ହଜ୍‌ରତ୍ ଅବୁ ସଲ୍‌ମା ବିନ୍ ଅବ୍‌ଦୁଲ୍ଲାଃ ଅସଦି, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅର୍‌କମ୍ ମଖ୍‌ଜୁମି ଏବଂ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍, ଏମାନେ ସମସ୍ତେ ଏକସଙ୍ଗେ ଇମାନ୍ ଆଣିଥିଲେ । ହଜ୍‌ରତ୍ ଉବୈଦାଃ ର:ଅ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଏକ ବିଶେଷ ମର୍ଯ୍ୟାଦା ରଖୁଥିଲେ । ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ବନୁ ଅବ୍‌ଦେ ମୁନାଫ୍‌ର ସର୍‌ଦାର ଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୫୪୭, ଉବୈଦା ବିନ୍ ହାରିସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩) (ଅଲଅସାବା ଫିତମିଜିସ୍ ସାହାବା, ଖଣ୍ଡ-୪, ପୃଷ୍ଠା-୩୫୩, ଉବୈଦା ବିନ୍ ହାରିସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୫)

ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ନିଜର ଦୁଇଭାଇ ହଜ୍‌ରତ୍ ତୁଫୈଲ୍ ବିନ୍ ହାରିସ୍ ଏବଂ ହଜ୍‌ରତ୍ ହୁସୈନ୍ ବିନ୍ ହାରିସ୍‌ଙ୍କ ସହିତ ମଦ୍ଦିନା ହିଜ୍‌ରତ୍ କଲେ ଓ ସେମାନଙ୍କ ସହିତ ହଜ୍‌ରତ୍ ମିସ୍‌ତାହ୍ ବିନ୍ ଉସାସା ମଧ୍ୟ ଥିଲେ । ଯାତ୍ରା କରିବା ପୂର୍ବର ଏକଥା ନିର୍ଦ୍ଧାରଣ କରାଗଲା କି ଏମାନେ ସମସ୍ତେ ନାଜିହ୍ ଉପତ୍ୟକାଠାରେ ଏକାଠି ହେବେ । କିନ୍ତୁ ହଜ୍‌ରତ୍ ମିସ୍‌ତାହ୍ ବିନ୍ ଉସାସା ପଛରେ ରହିଗଲେ । କାରଣ ତାଙ୍କୁ ସାପ କାମୁଡି ଦେଇଥିଲା । ତା ପରଦିନ ତାଙ୍କୁ ସାପ କାମୁଡିବା ବିଷୟରେ ଏତେଲା ମିଳିଲା । ସୁତରାଂ ଏମାନେ ଫେରିଯାଇ ମିସ୍‌ତାହ୍‌ଙ୍କୁ ସାଥିରେ ନେଇ ମଦିନା ଚାଲିଗଲେ । ମଦିନାରେ ଏମାନେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ସଲ୍‌ମାହ୍‌କେଙ୍କ ଘରେ ରହିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୭, ଉବୈଦା ବିନ୍ ହାରିସ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ଏବଂ ହଜ୍‌ରତ୍ ଉମୈର୍ ବିନ୍ ଅଲ୍‌ହୁମାମ୍‌ଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ଏବଂ ହଜ୍‌ରତ୍ ଉମୈର୍ ବିନ୍ ହୁମାମ୍ ଦୁଇଜଣଯାକ ବଦର୍ ଯୁଦ୍ଧରେ ଶହୀଦ୍ ହେଲେ ।
(ଅଲ୍ ଇସ୍ତିଆବ୍, ଖଣ୍ଡ-୩, ପୃଷ୍ଠା-୧୨୧୪, ଉମୈର୍ ବିନ୍ ହମାମ୍, ମୁଦ୍ରଣ ଦାରୁଲ୍ ଜୈଲ୍ ବେରୁତ ୧୯୯୨)

ତାଙ୍କର ଦୁଇଜଣଯାକ ଭାଇ ଅର୍ଥାତ୍ ତୁଫୈଲ୍ ବିନ୍ ହାରିସ୍ ଏବଂ ହଜ୍‌ରତ୍ ହୁସେନ ହାରିସ୍ ମଧ୍ୟ ତାଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୮-୩୯, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ନବୀ କରିମ୍ ସ:ଆ:ସ ମଦିନାରେ ଆସି କୁଫାର୍ (ଅମାନ୍ୟକାରୀ)ଙ୍କ ଦୁଷ୍ଟାମୀରୁ ବଂଚିବା ପାଇଁ ଓ ମୁସଲ୍‌ମାନ୍ ମାନଙ୍କୁ ସୁରକ୍ଷାରେ ରଖିବା ପାଇଁ କିଛି ଉପାୟ ଅବଲମ୍ବଲ୍ କଲେ । ଏଥିରୁ ଆଁ ହଜ୍‌ରତ୍ ସ:ଆ:ସଙ୍କର ଉତମ ରାଜନୈତିକ ଯୋଗ୍ୟତା ଏବଂ ଯୁଦ୍ଧ ସମ୍ବନ୍ଧୀୟ ଦୂରଦୃଷ୍ଟି ସମ୍ପର୍କରେ ପ୍ରମାଣ ମିଳୁଅଛି । ଏ ସମ୍ବନ୍ଧରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ଖାତମୁନ୍ ନବୀଇନ୍ ପୁସ୍ତକରେ ଲେଖୁଛନ୍ତି କି:- ''ଇତିହାସରୁ ଏହା ପ୍ରମାଣିତ ଯେ ଆଁ ହଜ୍‌ରତ ସ:ଆ:ସ ସର୍ବପ୍ରଥମ ସେନାଦଳଟିକୁ ଉବୈଦା ବିନ୍ ହାରିସ୍‌ଙ୍କ ନେତୃତ୍ୱରେ ପ୍ରେରଣ କରିଥିଲେ ଓ ତାହା ଅକ୍‌ରମା ବିନ୍ ଅବୁ ଜହଲର ଗୋଟିଏ ଗୋଟିଏ ଗୋଷ୍ଠୀ ସହିତ ମୁହାମୁହି ହୋଇଯାଇଥିଲା । ସେଥିରେ ମକ୍କାର ଦୁଇଜଣ ମୁସଲ୍‌ମାନ୍ କୁରୈସ୍‌ଙ୍କ ସହିତ ମିଶି ଆସିଯାଇଥିଲେ । ସେମାନେ କୁରୈସ୍‌କୁ ଛାଡି ମୁସଲ୍‌ମାନଙ୍କ ସହିତ ମିଶିଗଲେ ସୁତରାଂ ବଣ୍ଡିତ ଅଛି କି ......ଏହି ଅଭିଜାନରେ ଯେବେ ମୁସଲ୍‌ମାନଙ୍କର ଦଳ କୁରୈସ୍ ସେନାଙ୍କ ସମୁଖକୁ ଆସିଲେ ସେତେବେଳେ ସେହି ଦୁଇଜଣ ବ୍ୟକ୍ତି ଅର୍ତାତ୍ ମକ୍‌ଦାଦ୍ ବିନ୍ ଉମ୍‌ରୋ ଏବଂ ଉତ୍‌ବା ବିନ୍ ଗଜ୍‌ୱାନ୍ ଯିଏ ବନୁ ଜୋହ୍‌ରା ଏବଂ ବନୁ ନଫିଲ୍‌ର ବନ୍ଧୁ ଥିଲେ ସେମାନେ ମୁସ୍‌ରିକ୍ ମାନଙ୍କ ନିକଟରୁ ଦୌଡି ଆସି ମୁସଲ୍‌ମାନ୍ ମାନଙ୍କ ସହିତ ମିଶିଗଲେ । ଏବଂ ଏହି ଦୁଇଜଣ ମୁସଲ୍‌ମାନ୍ ଥିଲେ । କେବଳ କୁଫାର୍‌ଙ୍କ ସାହାଯ୍ୟ ନେଇ ମୁସଲ୍‌ମାନ୍ ମାନଙ୍କ ସହିତ ମିଶିବା ପାଇଁ ବାହାରି ଆସିଥିଲେ''। ''ସୁତରାଂ ସେହି ଦଳକୁ ପଠାଇବାର ଗୋଟିଏ ଉଦ୍ଦେଶ୍ୟ ଆଁ ହଜ୍‌ରତ୍ ସ:ଆ:ଙ୍କର ଏହା ଥିଲା କି ଯେଉଁ ଲୋକମାନେ କୁରୈସ୍‌ଙ୍କ ଦ୍ୱାରା ଅତ୍ୟାଚାରିତ ସେମାନେ ମୁକ୍ତି ପାଇଯିବେ ଏବଂ ମୁସଲ୍‌ମାନ୍ ମାନଙ୍କ ସହିତ ମିଶିବାକୁ ଅବସର ମିଳିଯିବ'' । (ସିରତ୍ ଖାତମୁନ୍ ନବୀଇନ୍, ସଂକଳକ- ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ ର:ଅ ପୃଷ୍ଠା-୩୨୪)

ହିଜ୍‌ରତ୍ କରିବାର ଆଠମାସ ପରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କୁ ଷାଠିଏ ବା ଅଶୀଟି ଅଶ୍ୱାରୋହୀଙ୍କ ସହିତ ପଠାଇଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କ ନିମନ୍ତେ ଗୋଟିଏ ଧଳା ରଙ୍ଗର ଧ୍ୱଜା ବାନ୍ଧିଲେ ଯାହାକୁ ହଜ୍‌ରତ୍ ମିସ୍‌ତିହ୍ ବିନ୍ ଉସାସା ଉଠାଇ ଧରିଲେ । ଏହି ଯୁଦ୍ଧର ଉଦ୍ଦେଶ୍ୟ ଏହା ଥିଲା କି ସେନାର ଗୋଟିଏ ଦଳ କୁରୈଶ୍‌ର ଗୋଟିଏ ବଣିକ କାଫିଲାଙ୍କୁ ରାସ୍ତାରେ ରୋକିବ । କୁରୈଶ୍ କାଫିଲାର ଅମିର୍ (ମୁଖିଆ) ଅବୁସୁଫିଆନ୍ ଥିଲା । କେତେକଙ୍କ ମତରେ ଅକ୍‌ରମା ବିନ୍ ଅବୁ ଜହଲ୍ ଏବଂ ଆଉ କେତେକଙ୍କ ନିକଟରେ ମିକ୍‌ରଜ୍ ବିନ୍ ହଫ୍‌ସ୍ ଥିଲା । ଏହି କାଫିଲାରେ ଦୁଇଶହ ଲୋକ ଥିଲେ । ଅର୍ଥାତ୍ ଅମାନ୍ୟକାରୀଙ୍କ କାଫିଲା ଯିଏ ବାଣିଜ୍ୟ ଧନସମ୍ପତି ନେଇ ଯାଉଥିଲେ । ସାହାବା ମାନଙ୍କର ଏହି ଦଳଟି ରାବିଗ୍ ଉପତ୍ୟକାଠାରେ କାଫିର୍‌ମାନଙ୍କର ଉକ୍ତ କାଫିଲାଙ୍କୁ ଭେଟିଲା । ସେହି ସ୍ଥାନକୁ ୱଦ୍‌ଦାନ୍ ମଧ୍ୟ କୁହାଯାଏ । ଦୁଇପକ୍ଷଙ୍କ ମଧ୍ୟରେ ତୀର ଚାଳନା ବ୍ୟତୀତ ଅନ୍ୟ କୌଣସି ମୁକାବିଲା ହେଲାନାହିଁ । ଏବଂ ଯୁଦ୍ଧ କରିବା ପାଇଁ ନିୟମିତ ଧାଡି ପ୍ରସ୍ତୁତ ନଥିଲା । ମୁସଲ୍‌ମାନ୍ ମାନଙ୍କ ମଧ୍ୟରୁ ଯେଉଁ ସାହାବୀ ଜଣକ ପ୍ରଥମ ତୀର ଚାଳନା କଲେ ସେ ହେଉଛନ୍ତି ହଜ୍‌ରତ୍ ସାଆଦ୍ ବିନ୍ ଅବି ୱକାସ୍ । ଏବଂ ଏହା ପ୍ରଥମ ତୀର ଥିଲା ଯାହା ମୁସଲ୍‌ମାନଙ୍କ ତରଫରୁ ଚାଳନା କରାଯାଇଥିଲା । ଏହି ଅବସରରେ ହଜ୍‌ରତ୍ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ଏବଂ ହଜ୍‌ରତ୍ ଐଏନା ବିନ୍ ଗଜ୍‌ୱାନ୍ (ଇବ୍‌ନେ ହୁଶାମ୍ ଏବଂ ତାରିଖେ ତିବ୍‌ରିରେ ଉତ୍‌ବା ବିନ୍ ଗଜ୍‌ୱାନ୍ ମଧ୍ୟ ଅଛି) ମୁଶ୍‌ରିକ୍ ମାନଙ୍କ ଦଳରୁ ବାହାରି ମୁସଲ୍‌ମାନ୍ ମାନଙ୍କ ସହିତ ମିଶିଗଲେ । କାରଣ ସେହି ଦୁଇଜଣ ଇସ୍‌ଲାମ୍ ଗ୍ରହଣ କରିସାରିଥିଲେ ଓ ମୁସଲ୍‌ମାନଙ୍କ ନିକଟକୁ ଯିବାକୁ ଚାହୁଁଥିଲେ । ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କ ନେତୃତ୍ୱରେ ଏହା ଇସ୍‌ଲାମ୍‌ର ଦ୍ୱିତୀୟ ଯୁଦ୍ଧ ଥିଲା । ତୀର ଚାଳନା ପରେ ଦୁଇପକ୍ଷ ପଛକୁ ହଟିଗଲେ । କାରଣ ମୁସ୍‌ରିକ୍ ମାନଙ୍କ ଉପରେ ମୁସଲ୍‌ମାନ୍ ମାନଙ୍କର ଏତେମାତ୍ରାରେ ଭୟର ପ୍ରଭାବ ପଡ଼ିଥିଲା ଯେ ଫଳତଃ ସେମାନେ ଏକଥା ଭାବିଲେ କି ମୁସଲ୍‌ମାନ୍ ମାନଙ୍କର ଗୋଟିଏ ବହୁତ ବଡ ସେନା ଏଠାରେ ରହିଛନ୍ତି ଓ ସେମାନଙ୍କୁ ପଛରୁ ସାହାଯ୍ୟ ସହଯୋଗ ମିଳୁଅଛି । ସୁତରାଂ ସେମାନେ ଭୟଭୀତ ହୋଇ ପଛକୁ ଫେରିଗଲେ । ଏବଂ ମୁସଲ୍‌ମାନମାନେ ମଧ୍ୟ ତାଙ୍କର ଅନୁଧାବନ କଲେନାହିଁ । (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃଷ୍ଠା-୨୧୫-୨୧୬.....ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨) (ସିରତେ ଇବ୍‌ନେ ହୁଶାମ୍, ପ୍ରଥମ ଖଣ୍ଡ, ପୃଷ୍ଠା-୫୯୨, ଶରିୟା ଉବୈଦା ବିନ୍ ହାରିସ୍ ର:ଅ....ମିଶର୍ ୧୯୫୫) (ତାରିଖେ ତିବ୍‌ରି, ଖଣ୍ଡ-୨, ପୃଷ୍ଠା-୧୨...ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୮୭)

ଯାଇ ତ ଥିଲେ କିନ୍ତୁ ନିୟମିତ କୌଣସି ଯୁଦ୍ଧ ହୋଇନଥିଲା । ଦୁଇପଟରୁ ଆକ୍ରମଣ ହୋଇଥିଲା । ସେମାନେ ମଧ୍ୟ ଆକ୍ରମଣ କଲେ ଓ ଏମାନେ ମଧ୍ୟ ତୀର ଚାଳନା କଲେ ଓ ଶେଷରେ ସେହି କୁଫାର୍‌ମାନେ ପଛକୁ ଫେରିଗଲେ, ଏଥିରେ ମୁସଲ୍‌ମାନ୍ ମାନେ ମଧ୍ୟ ଫେରିଆସିଲେ ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ସିରତ୍ ପୁସ୍ତକରେ ଲେଖୁଛନ୍ତି କି:- ''ୱଦ୍‌ଦାନ୍ ଯୁଦ୍ଧରୁ ଫେରିବା ବେଳେ ରବିଉଲ୍ ଅୱ୍‌ଲ୍ ମାସର ପ୍ରାରମ୍ଭରେ ଆଁ ହଜ୍‌ରତ୍ ସ:ଆ:ସ ନିଜର ଜଣେ ନିକଟ ସମ୍ପର୍କୀୟ ଉବୈଦା ବିନ୍ ହାରିସ୍ ମତଲବିଙ୍କ ନେତୃତ୍ୱରେ ଷାଠିଏ ସତୁରୀ ଆରୋହୀ ମୁହାଜିର୍ ମାନଙ୍କର ଗୋଟିଏ ସେନାଦଳ ପଠାଇଥିଲେ । ସେହି ଅଭିଯାନର ଉଦ୍ଦେଶ୍ୟ କେବଳ ଏହା ଥିଲା କି ମକାର କୁରୈଶ ମାନଙ୍କ ଆକ୍ରମଣକୁ ରୋକିବା'' । ଉଦ୍ଦେଶ୍ୟ ବର୍ଣ୍ଣନା କରିଦିଆଗଲା ଯେ ମକାର କୁରୈଶ୍ ମାନଙ୍କ ଆକ୍ରମଣକୁ ରୋକିବାର ଥିଲା । ''ସୁତରାଂ ଯେତେବେଳେ ଉବୈଦା ବିନ୍ ହାରିସ୍ ଏବଂ ତାଙ୍କ ସାଥିମାନେ କିଛି ଦୂର ଯିବା ପରେ ସନିୟତୁଲ୍ ମର୍‌ରାଃ ନିକଟରେ ପହଂଚିଲେ ସେତେବେଳେ ଅଚାନକ ଦେଖିବାକୁ ପାଇଲେ ଯେ କୁରୈଶ୍‌ର ଦୁଇଶହ ଶସସ୍ତ୍ର ଯୁବକ ଅକ୍‌ରମା ବିନ୍ ଅବୁ ଜହଲ୍‌ଙ୍କ ନେତୃତ୍ୱରେ ସେଠାରେ ଛାଉଣୀ ପକାଇଛନ୍ତି । ଦୁଇଦଳ ଆମନା ସାମ୍‌ନା ହେଲେ ଏବଂ ଗୋଟିଏ ପକ୍ଷ ଅନ୍ୟ ପକ୍ଷର ମୁକାବିଲାରେ ତୀରଚାଳନା କଲେ । କିନ୍ତୁ ପୁଣି ମୁସ୍‌ରିକ୍ ମାନଙ୍କର ଏ ଭୟ ଥିଲା ଯେ ବୋଧହୁଏ ମୁସଲ୍‌ମାନ୍ ମାନଙ୍କ ପଛରୁ କିଛି ସାହାଯ୍ୟ ମିଳୁଅଛି । (ତେଣୁ) ସେମାନେ ମୁକାବିଲା ନକରି ପଛକୁ ଫେରିଗଲେ ଏବଂ ମୁସଲ୍‌ମାନମାନେ ସେମାନଙ୍କୁ ପଛରେ ଅନୁଧାବନ କଲେନାହିଁ । ହଁ ମୁସ୍‌ରିକ୍ ମାନଙ୍କର ସେନା ମଧ୍ୟରୁ ଦୁଇଜଣ ବ୍ୟକ୍ତି ମକ୍‌ଦାଦ୍ ବିନ୍ ଉମ୍‌ରୋ ଏବଂ ଉତ୍‌ବା ବିନ୍ ଗଜ୍‌ୱାନ୍ ଅକ୍‌ରମା ବିନ୍ ଅବୁଜହଲ୍‌ଙ୍କ ନେତୃତ୍ୱରୁ ଖସି ପଳାଇ ଆସିଲେ ଓ ମୁସଲ୍‌ମାନ୍ ମାନଙ୍କ ସହିତ ମିଶିଗଲେ ଏବଂ ଲେଖାଯାଇଛି କି ସେମାନେ ଏହି ଉଦ୍ଦେଶ୍ୟରେ କୁରୈଶ୍‌ଙ୍କ ସହିତ ମିଶି ବାହାରିଥିଲେ । ଅବସର ମିଳିବା କ୍ଷଣି ମୁସଲ୍‌ମାନଙ୍କ ସହିତ ମିଶିଯିବେ । କାରଣ ସେମାନେ ହୃଦୟରୁ ମୁସଲ୍‌ମାନ୍ ଥିଲେ । କିନ୍ତୁ ଦୁର୍ବଳତା ଯୋଗୁ କୁରୈଶ୍‌କୁ ଡରୁଥିଲେ । ସେଇଥିପାଇଁ ହିଜ୍‌ରତ୍ କରିପାରିନଥିଲେ ଓ ସମ୍ଭବତଃ ଉକ୍ତ ଘଟଣାଟି କୁରୈଶ୍‌କୁ ନିରୁତ୍ସାହିତ କରିଦେଇଥିବ ଏବଂ ସେମାନେ ଏହାକୁ ଅଶୁଭ ଜାଣି ପଛକୁ ଫେରିଯିବାର ନିଷ୍ପତି କରିନେଇଥିବେ । ଇତିହାସ୍‌ରେ ଏକଥା ବର୍ଣ୍ଣନା ହୋଇନାହିଁ କେ କୁରୈଶ୍ ସେନା ନିଶ୍ଚିତ ରୂପେ କୌଣସି ବଣିକ କାଫିଲା ନଥିଲା'' । ବାଣିଜ୍ୟ ଆଳରେ ସେମାନେ ଗୋଟିଏ ସେନାଦଳ ନେଇ ବାହାରିଥିଲେ ଓ ଅସ୍ତ୍ର ଶସ୍ତ୍ରରେ ସୁସଜ୍ଜିତ ଥିଲେ । ''ଏବଂ ଯାହା ସମ୍ବନ୍ଧରେ ଇବ୍‌ନେ ଇସ୍‌ହାକ୍ ଗୋଟିଏ ବଡ ସେନାର ଶବ୍ଦକୁ ବ୍ୟବହାର କରିଛନ୍ତି । ତାହା କୌଣସି ବିଶେଷ ମନୋଭାବ ରଖି ଏଠାକୁ ଆସିଥିଲା । କିନ୍ତୁ ଏହା ନିଶ୍ଚିତ ଯେ ସେମାନଙ୍କର ନିୟତ ଭଲ ନଥିଲା'' । ସେମାନେ ଭଲ ନିୟତରେ ଆସିନଥିଲେ । ମୁସଲ୍‌ମାନ୍ ମାନଙ୍କ ଉପରେ ଆକ୍ରମଣ କରିବା ପାଇଁ ଆସିଥିଲେ । ସେଥିପାଇଁ ମୁସଲ୍‌ମାନ୍‌ମାନେ ମଧ୍ୟ ତୀର ଚାଳନା କଲେ । ଏଥିରୁ ନିଶ୍ଚିତ ରୂପେ ଜଣାପଡୁଛି ଯେ ପ୍ରଥମ ତୀର ଚାଳନା ମଧ୍ୟ କାଫିର୍‌ମାନଙ୍କ ତରଫରୁ ହୋଇଥିଲା । ''ଏବଂ ଏହା ଇଶ୍ୱରଙ୍କର କୃପା ଥିଲା କି ମୁସଲ୍‌ମାନ୍‌ମାନ ମାନଙ୍କୁ ସତର୍କ ରହିଥିବାର ଦେଖି ଓ ନିଜ ଲୋକମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ମୁସଲ୍‌ମାନଙ୍କ ଆଡକୁ ଯିବାର ଦେଖି ସେମାନଙ୍କର ସାହସ ହେଲାନାହିଁ । ତେଣୁ ସେମାନେ ଫେରିଗଲେ । ଏବଂ ସାହାବାମାନଙ୍କୁ ଏହି ଅଭିଯାନ୍‌ର ଏପରି ଲାଭ ମିଳିଲା ଯେ ଦୁଇଜଣ ମୁସଲ୍‌ମାନ୍ କୁରୈଶ୍‌ଙ୍କ ଅତ୍ୟାଚାରରୁ ମୁକ୍ତି ପାଇଗଲେ'' । (ସିରତ୍ ଖାତମୁନ୍ ନବିଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୨୮-୩୨୯)

ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ର:ଅ ବଦର୍ ଯୁଦ୍ଧ ଅବସରରେ ମୁସଲ୍‌ମାନ୍ ମାନଙ୍କ ତରଫରୁ ୱଲିଦ୍ ବିନ୍ ଉତ୍‌ବାଙ୍କ ସହିତ ମୁକାବିଲା କରିଥିଲେ । ଆହାଦିସ୍‌ରେ ଆସୁଛି ଯେ ପବିତ୍ର କୋରାନ୍‌ରେ ଗୋଟିଏ ଆୟତ ମଧ୍ୟ ଏହି ଅବସରରେ ଅବତୀର୍ଣ୍ଣ ହୋଇଥିଲା । ସୁତରାଂ ହଜ୍‌ରତ୍ ଅଲ୍ଲୀଙ୍କ ଠାରୁ ବର୍ଣ୍ଣିତ ଅଛି କି ଏହି ଆୟତ ଅର୍ଥାତ୍ *ହାଜିନି ଖସ୍‌ମାନିକ୍ ତସମୁ ଫି ରବ୍‌ବିହିମ୍* (ହଜ୍:୨୦) ସେହି ଲୋକମାନଙ୍କ ସମ୍ବନ୍ଧରେ ଅବତୀର୍ଣ୍ଣ ହୋଇଥିଲା ଯେଉଁମାନେ ବଦର୍ ଯୁଦ୍ଧ ଦିନ ଯୁଦ୍ଧ କରିଥିଲେ ଅର୍ଥାତ୍ ହଜ୍‌ରତ୍ ହମ୍‌ଜାଃ ବିନ୍ ଅବ୍‌ଦୁଲ୍ ମୋତଲବ୍, ହଜ୍‌ରତ୍ ଅଲି ବୀନ୍ ତାଲିବ୍ ଏବଂ ହଜ୍‌ରତ୍ ଉବୈଦା ବିନ୍ ହାରିସ୍ ଏବଂ ଉତ୍‌ବା ବିନ୍ ରବିୟା, ଶୈୟବା ବିନ୍ ରବିୟା ଏବଂ ୱଲିଦ୍ ବିନ୍ ଉତ୍‌ବା । (ଅଲ୍ ମୁସ୍‌ତଦରକ୍ ଅଲସ୍ ସହିହୀନ୍, ଖଣ୍ଡ-୨, ପୃଷ୍ଠା-୪୧, କିତାବୁଲ୍ ତଫସିର୍, ସୁରା ହଜ୍, ହଦିସ୍ ୩୪୫୬, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨)

ଏହି ଆୟତର ଅର୍ଥ ହେଉଛି ଦୁଇଟି ଝଗଡା କରୁଥିବା ପକ୍ଷ ଯେଉଁମାନେ ନିଜ ପାଳନକର୍ତାଙ୍କ ପାଇଁ ଝଗଡା କରିଛନ୍ତି । ସମ୍ପୂର୍ଣ୍ଣ ଆୟତଟି ହେଉଛି ଏପରି- *ହାଜାନି, ଖସ୍‌ମାନିକ୍ ତସମୁ ଫିରବ୍‌ବିହିମ୍ ଫଲ୍ ଲଜିନା କଫରୁ କୁତିୟତ୍ ଲହୁମ୍ ସିୟାବୁମ୍ ମିନ୍‌ନାର୍ ୟୁସବ୍‌ବୁ ମିନ୍ ଫୌକି ରୁସିହିମୁଲ୍ ହମିମ୍* (ହଜ୍:୨୦) ଅର୍ଥାତ୍ ଏ ଦୁଇଟି ପରସ୍ପର-ବିରୋଧି ଗୋଷ୍ଠୀ ଏପରି ଅଟନ୍ତି ଯେଉଁମାନେ ସେମାନଙ୍କ ପାଳନକର୍ତାଙ୍କ ସମ୍ବନ୍ଧରେ କଳହ କରୁଥାନ୍ତି; ସୁତରାଂ ଯେଉଁମାନେ

ଅବିଶ୍ୱାସ କରିଛନ୍ତି ସେମାନଙ୍କ ସକାଶେ ଅଗ୍ନି (ନିର୍ମିତ) ବସ୍ତ୍ର ପ୍ରସ୍ତୁତ କରାହେବ ଏବଂ ସେମାନଙ୍କ ମସ୍ତକ ଉପରେ ଉତପ୍ତ ଜଲ ଢ଼ଳାହେବ ।

ସେ ଯାହା ହେଉ ଉକ୍ତ ଯୁଦ୍ଧର ଆହୁରି ଅଧିକା ବ୍ୟାଖ୍ୟା ସୁନନେ ଅବୁ ଦାଉଦ୍‌ରେ ଏପରି ବର୍ଣ୍ଣନା ହୋଇଛି କି ହଜ୍‌ରତ୍ ଅଲୀ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ଉତ୍‌ବା ବିନ୍ ରବିୟା ଏବଂ ତାଙ୍କ ପଛେପଛେ ତାଙ୍କର ପୁତ୍ର ଓ ଭାଇ ମଧ ବାହାରିଲେ ଓ ଉଚ୍ଚ ସ୍ୱରରେ ଡାକି କହିଲେ କି ଆମ ସହିତ ମୁକାବିଲା କରିବା ପାଇଁ କିଏ ଆସୁଛ ? ଏଥିରେ ଅନ୍‌ସାର୍ ମାନଙ୍କର ଅନେକ ଯୁବକ ଏହାର ଉତର ଦେଲେ । ଉତ୍‌ବା ପଚାରିଲେ ତୁମେ କିଏ ? ସେ ବତାଇଲେ କି ଆମେ ହେଉଛୁ ଅନ୍‌ସାର୍ । ଏଥିରେ ଉତ୍‌ବା କହିଲା କି ତମ ସହିତ ଆମର କୌଣସି ଦିଆନିଆ ନାହିଁ । ଆମେ ତ କେବଳ ଆମ ଚାଚାଙ୍କ ପୁତ୍ରମାନଙ୍କ ସହିତ ଯୁଦ୍ଧ କରିବାର ମନସ୍ଥ କରିଛୁ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ହେ ହମ୍‌ଜା ! ଉଠ । ହେ ଅଲୀ ! ଛିଡାହୁଅ । ହେ ଉବୈଦା ବିନ୍ ହାରିସ୍ ! ଆଗକୁ ବଢ଼ । ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସଙ୍କର ଆହ୍ୱାନ୍ ଶୁଣିବା ମାତ୍ରେ ହଜ୍‌ରତ୍ ହମ୍‌ଜା ର:ଅ ଉତ୍‌ବା ଆଡକୁ ବଢ଼ିଲେ ଏବଂ ମୁଁ ଶୈବା ଆଡକୁ ବଢ଼ିଲି ଏବଂ ଉବୈଦା ବିନ୍ ହାରିସ୍ ଓ ୱଲିଦ୍‌ଙ୍କ ମଧରେ ମୁକାବିଲା ହେଲା । ସେମାନେ ଜଣେ ଅନ୍ୟଜଣକୁ ଭୀଷଣ ଆଘାତ ପହଂଚାଇଲେ । ପୁଣି ଆମେ ୱଲିଦ୍‌ଙ୍କ ଆଡକୁ ଯାଇ ତାକୁ ମାରିଦେଲୁ ଏବଂ ଉବୈଦାଙ୍କୁ ଆମେ ଯୁଦ୍ଧ କ୍ଷେତ୍ରରୁ ଉଠାଇ ନେଇଆସିଲୁ । (ସୁନନେ ଅବୁ ଦାଉଦ୍ କିତାବୁଲ୍ ଜିହାଦ୍ ବାବ୍ ଫିଲ୍ ମୁବାରିଜାଃ, ହଦିସ୍ ୨୬୬୫)

ଯୁଦ୍ଧ ଚାଲିଥିବା ସମୟରେ ଉତ୍‌ବା ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କ ପେଣ୍ଡାକୁ କ୍ଷତ ପହଂଚାଇଥିଲେ ଯଦ୍ୱାରା ତାଙ୍କର ପେଣ୍ଡାଟି କଟିଯାଇଥିଲା । ପୁଣି ତାଙ୍କୁ ରସୁଲୁଲ୍ଲାଃ ସ:ଆ:ସ ଉଠାଇଲେ ଓ ଯୁଦ୍ଧ ଶେଷ ହେବା ପରେ ବଦର୍‌ର ନିକଟରେ ଥିବା ସଫ୍‌ରା ସ୍ଥାନକୁ ନେଇ ନିଆଗଲା ଏବଂ ସେଠାରେ ତାଙ୍କୁ ଦଫନ୍ କରିଦିଆଗଲା । (ଅଲ୍ ମୁସ୍‌ତଦରକ୍ ଅଲସ୍ ସହିହିନ୍ ଖଣ୍ଡ-୩, ପୃଷ୍ଠା-୨୦୭-୨୦୮, ପୁସ୍ତକ- ମାରେଫତୁସ୍ ସାହାବା ମିନ୍ ମନାକିବ୍ ଉବୈଦା ବିନ୍ ହାରିସ୍ ର:ଅ, ହଦିସ୍ ୪୮୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨) (ଲୁଗାତୁଲ୍ ହଦିସ୍, ପୁସ୍ତକ ''ସ୍ୱାଦ୍'' ପୃଷ୍ଠା-୬୭, ମୁଦ୍ରଣ ମିର୍ ମୁହମ୍ମଦ୍ କୁତୁବ୍ ଖାନା ଆରାମ୍‌ବାଗ୍ କରାଚି)

ଆଉଗୋଟିଏ ରିୱାୟତ୍ ମୁତାବକ ଯେତେବେଳେ ଉବୈଦା ର:ଅଙ୍କ ପେଣ୍ଡାଟି କଟିଯାଇଥିଲା ଓ ସେଥିରୁ ହାଡର ମଜ୍ଜା ବହିପଡୁଥିଲା ସେତେବେଳେ ସାହାବାମାନେ ହଜ୍‌ରତ୍ ଉବୈଦା ର:ଅଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ନେଇ ଆସିଲେ । ସେତେବେଳେ ସେ କହିଲେ- ହେ ରସୁଲଲ୍ଲାଃ ! କଣ ମୁଁ ଶହୀଦ୍ ହୋଇନାହିଁ ? ଯୁଦ୍ଧରେ କ୍ଷତାକ୍ତ ହୋଇଥିଲେ, ସେତେବେଳ ପର୍ଯ୍ୟନ୍ତ ଶହୀଦ୍ ହୋଇନଥିଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ- କାହିଁକି ନୁହେଁ, ତୁମେ ହେଉଛ ଶହୀଦ୍ । ଆଉ ଗୋଟିଏ ରିୱାୟତ୍ ମୁତାବକ ଯେତେବେଳେ ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କୁ ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ଆଣି ରଖାଗଲା ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ନିଜର ଜଙ୍ଘ ଉପରେ ତାଙ୍କର ମୁଣ୍ଡକୁ ରଖିଦେଲେ । ପୁଣି ହଜ୍‌ରତ୍ ଉବୈଦା ର:ଅ କହିଲେ- ଯଦି ଆଜି ଅବୁ ତାଲିବ୍ ଜିବୀତ ଥାଆନ୍ତେ ତେବେ ସେ ଜାଣିଥାଆନ୍ତେ ଯେ ଯାହା ସେ ଅଧିକାଂଶ ସମୟ କହୁଥିଲେ ତା'ଠାରୁ ଅଧିକା ମୁଁ ହକ୍‌ଦାର୍ ଅଟେ । ଏବଂ ସେ ଏକଥା କହୁଥିଲେ କି *ୱନୁସ୍‌ଲିମୁହୁ ହତ୍‌ତା ନୁସ୍‌ରଅ ହୌଲହୁ ୱ ନଜ୍‌ହଲ ଅନ୍ ଅବ୍‌ନାଇନା ୱଲ୍ ହଲାଇଲି* ଅର୍ଥାତ୍ ଏହା ମିଥ୍ୟା ଅଟେ କି ଆମେ ମୁହମ୍ମଦ୍‌କୁ ତୁମ ହାତରେ ଦେଇଦେବୁ । ଏପରି ସେତେବେଳେ ସମ୍ଭବ ହେବ ଯେତେବେଳେ ଆମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚତୁଃପାର୍ଶ୍ୱରେ ବିଛାଡି ହୋଇ ପଡିଯିବୁ ଏବଂ ଆମେ ନିଜ ସ୍ତ୍ରୀ ପିଲାଙ୍କ ଠାରୁ ମଧ ଗାଫିଲ୍ (ଅଚେତ ହୋଇ) ଦୂରେଇଯିବୁ । ସେମାନଙ୍କର ଏପରି ମନୋଭାବ ଥିଲା । ଶହୀଦ୍ ହେବା ସମୟରେ ହଜ୍‌ରତ୍ ଉବୈଦା ବିନ୍ ହାରିସ୍‌ଙ୍କର ବୟସ ୬୩ବର୍ଷ ହୋଇଥିଲା । (ଅଲ୍ ମୁସ୍‌ତଦରକ୍ ଅଲସ୍ ସହିହିନ୍ ଖଣ୍ଡ-୩, ପୃଷ୍ଠା-୨୦୮, ପୁସ୍ତକ- ମାରେଫତୁସ୍ ସାହାବା ମିନ୍ ମନାକିବ୍ ଉବୈଦା ବିନ୍ ହାରିସ୍ ର:ଅ, ହଦିସ୍ ୪୮୬୩, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨) (ଅସଦୁଲ୍ ଗାବା, ଫି ମାରେଫତୁ ସାହାବା, ଖଣ୍ଡ-୩, ପୃଷ୍ଠା-୫୪୭, ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ଏହି ଅଳ୍ପ କିଛି ସାହାବା ମାନଙ୍କର ଚର୍ଚ୍ଚା କରିବା ପରେ ବର୍ତମାନ ମୁଁ ଆମର ଜଣେ ଇଣ୍ଡୋନେସିଆର ପୁରୁଣା ଖାଦିମ୍ (ସେବକ), ୱାକିଫେ ଜିନ୍ଦେଗୀ, ମୁବଲିଗ୍ ସିଲ୍‌ସିଲାଙ୍କ ଚର୍ଚ୍ଚା କରିବି ଯାହାଙ୍କର ବିଗତ ଦିନ ଦେହାନ୍ତ ହୋଇଯାଇଛି । ତାଙ୍କ ନାମ ସିୟୁତି ଅହେମଦ୍ ଅଜିଜ୍ ସାହେବ୍ ଥିଲା । ୧୯ ନଭେମ୍ବର୍ ଦିନ ତାଙ୍କର ଦେହାନ୍ତ ହୋଇଗଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।* ସିୟୁତି ସାହେବ୍ ଭୀଷଣ ହୃଦ୍‌ରୋଗରେ ପିଡୀତ ଥିଲେ ଓ ଉପଚାର ନିମନ୍ତେ ତାଙ୍କୁ ରବ୍‌ୱା ପଠାଯାଇଥିଲା ଯେଉଁଠି ତାହେର୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ ରବ୍‌ୱାଠାରେ ତାଙ୍କର ବହୁତ ବଡ ମେଜର୍ ସର୍ଜରି କରାଗଲା ଓ କିଛିଦିନ ପରେ ୧୯ ନଭେମ୍ବର୍ ଦିନ ତାଙ୍କର ଦେହାନ୍ତ ହୋଇଗଲା । ସେ ତାଙ୍କ ପଛରେ ତାଙ୍କର ସ୍ତ୍ରୀ, ଚାରିଜଣ ପୁଅଝିଅ ଓ ଦଶଜଣ ନାତି ନାତୁଣୀ ଛାଡିଯାଇଛନ୍ତି । ସେଥିମଧରୁ ଛଅଜଣ ୱକ୍‌ଫେ ନୌରେ ସାମିଲ୍ ଅଛନ୍ତି ।

ସିୟୁତି ଅଜିଜ୍ ଅହେମଦ୍ ସାହେବ୍‌ଙ୍କର ଜନ୍ମ ୧୭ ଅଗଷ୍ଟ ୧୯୪୪ ଦିନ ଦକ୍ଷିଣ ସୁଲାୱସିର ବୁନେଠାରେ ହୋଇଥିଲା । ସେ ଜାମିଆ ଅହେମଦୀୟା ରବ୍‌ୱାରୁ ସେପ୍ଟେମ୍ବର୍ ୧୯୬୬ ମସିହାରୁ ନେଇ ଅକ୍ଟୋବର୍ ୧୯୭୧ ମସିହା ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଛନ୍ତି । ଏପ୍ରିଲ୍ ୧୯୭୨ ମସିହାରେ ଇଣ୍ଡୋନେସିଆର ମର୍କଜି ମୁବଲିଗ୍ ରୂପେ ତାଙ୍କୁ ନିୟୋଜିତ୍ କରାଗଲା । ପୁଣି ୧୯୮୫ ମସିହାରେ କାର୍ଯ୍ୟକ୍ଷେତ୍ରରେ ତାଙ୍କର ଉତମ କାର୍ଯ୍ୟକଳାପକୁ ଦେଖି ତାଙ୍କୁ ଶାହୀଦ୍‌ର ଡିଗ୍ରୀ ମଧ ମିଳିଲା । ୨୦୦୦ ମସିହାରେ ସେ ହଜ୍ କରିବାର ସୌଭାଗ୍ୟ ପାଇଛନ୍ତି । ୧୯୭୨ ରୁ ୧୯୭୯ ମସିହା ପର୍ଯ୍ୟନ୍ତ ୭ବର୍ଷ ଦକ୍ଷିଣ ସୁମାତ୍ରା ଲାମ୍‌ପୁଙ୍ଗ୍, ଜାମ୍ବି ଏବଂ ବେଙ୍କୁଲୁଠାରେ ମୁବଲିଗ୍ ରୁପେ ଖିଦ୍‌ମତ୍ ସମ୍ପାଦନ କରିଛନ୍ତି । ୧୯୭୯ରୁ ୧୯୮୧ ପର୍ଯ୍ୟନ୍ତ ମୁଅଲ୍ଲିମିନ୍ କ୍ଲାସ୍‌ରେ ଶିକ୍ଷକତା କରିବାର ସୌଭାଗ୍ୟ ପାଇଛନ୍ତି । ୧୯୮୧ ମସିହାରେ ପୁର୍‌ୱକେର୍‌ତୋ ଜମାତ୍‌ରେ ମୁବଲିଗ୍ ରୂପେ ନିଯୁକ୍ତ ପାଇଲେ । ପୁଣି ୧୯୮୨ ମସିହାରେ ମୁଅଲ୍ଲିମୀନ୍ ଏବଂ ମୁବଲ୍ଲିଗୀନ୍ କ୍ଲାସ୍‌ରେ ନାଏବ୍ ଡିରେକ୍ଟର୍ ରୂପେ ନିଯୁକ୍ତ ପାଇଲେ । ୧୯୮୨ରୁ ୧୯୯୨ ପର୍ଯ୍ୟନ୍ତ ଜାମିଆ ଅହେମଦୀୟା ଇଣ୍ଡୋନେସିଆର ପ୍ରିନ୍‌ସିପାଲ୍ ଥିଲେ । ଏହି ଅବଧିରେ ତାଙ୍କୁ ୧୯୮୫ ମସିହାରେ ଶାହୀଦ୍ ଡିଗ୍ରୀର ଉପାଧି ଦିଆଗଲା । ୧୯୯୨-୨୦୧୬ ପର୍ଯ୍ୟନ୍ତ ୨୦ ବର୍ଷକାଳ ''ରଇସୁତ୍ ତବ୍‌ଲିଗ୍'' ରହିଲେ । ୨୦୧୬ରୁ ମୃତ୍ୟୁ ପର୍ଯ୍ୟନ୍ତ ଜାମିଆ ଅହେମଦୀୟା ଇଣ୍ଡୋନେସିଆରେ ପ୍ରିନ୍‌ସିପାଲ୍ ରୂପେ ସେବା କରିବାର ସୌଭାଗ୍ୟ ପାଇଲେ ।

୧୯୭୩ ମସିହାରେ ତାଙ୍କ ବିବାହ ମୁବଲିଗ୍ ସିଲ୍‌ସିଲା ଅବ୍‌ଦୁଲ୍ ୱାହିଦ୍ ସାହେବ୍ ସୁମାତ୍ରିଙ୍କ ଝିଅ ଅଫିଫା ସାହେବ୍‌ଙ୍କ ସହିତ ହେଲା ଯିଏ ମୌଲାନା ଅବ୍‌ଦୁଲ୍ ବାସିତ୍ ସାହେବ୍ ଅମୀର୍ ଜମାତ୍ ଇଣ୍ଡୋନେସିଆଙ୍କ ବଡ ଭଉଣୀ ଥିଲେ । ତାଙ୍କଠାରୁ ସିୟୁତି ସାହେବ୍‌ଙ୍କର ଚାରିଜଣ ସନ୍ତାନ ଅଛନ୍ତି । ମର୍‌ଦିୟା ଖାଲିଦ୍, ହାରିସ୍ ଅବ୍‌ଦୁଲ୍ ବାରି, ସାଆଦତ୍ ଅହେମଦ୍ ଏବଂ ଅଲିୟା ଅତିଅତୁଲ୍ ଅଲିମ୍ । ଅଫିଫା ସାହେବ୍‌ଙ୍କର ୨୦୦୯ ମସିହାରେ ଦେହାନ୍ତ ହୋଇଗଲା । ତାଙ୍କ ପରେ ସିୟୁତି ସାହେବ୍ ଅରିନା ଦମୟନ୍ତି ସାହିବାଙ୍କୁ ବିବାହ କଲେ । ତାଙ୍କଠାରୁ କୌଣସି ସନ୍ତାନ ନାହାଁନ୍ତି । ନିଜ କୁଟୁମ୍ବରେ ଅହେମଦୀୟତ୍ କିପରି ପ୍ରବେଶ କଲା, ସେ ସମ୍ବନ୍ଧରେ ସେ ଥରେ ଏମ୍.ଟି.ଏରେ ଇଂଟରଭ୍ୟୁ ଦେଇଥିଲେ, ଯେଉଁଥିରେ ସେ ବତାଇଥିଲେ କି ମୋର ଓ ମୋ ଖାନ୍‌ଦାନ୍‌ର ବୟତ କରିବାର ସବୁଠାରୁ ବଡ କାରଣ ଏହା ଥିଲା କି ମୋ ଦାଦା (ଜେଜେବାପା) ଏ ୱସିୟତ୍ କରିଥିଲେ କି ଶେଷ ଯୁଗରେ ଇମାମ୍ ମେହ୍‌ଦୀ ଆସିବେ ଓ ଯେତେବେଳେ ସେ ଆସିବେ ତୁମେ ସମସ୍ତେ ତାଙ୍କୁ ଗ୍ରହଣ କରିନେବ । ଉକ୍ତ ୱସିୟତ୍‌କୁ ପୂରଣ କରିବା ପାଇଁ ଆମ ଖାନ୍‌ଦାନ୍ (କୁଟୁମ୍ବ) ଦୁଇଥର ହିଜ୍‌ରତ୍ କରିଛି । ୧୯୫୯ ମସିହାରେ ଆମ କୁଟୁମ୍ବ ଲାମ୍‌ପୁଙ୍ଗ୍ ହିଜ୍‌ରତ୍ କଲେ ଏବଂ ୧୯୬୩ ମସିହାରେ ଜଣେ ମୁବଲିଗ୍ ମୌଲାନା ଜିନି ଧଲାନ୍ ସାହେବ୍ ତବ୍‌ଲିଗ୍ କରିବା ପାଇଁ ଲାମ୍‌ପୁଙ୍ଗ୍‌ରେ ପହଂଚିଲେ ଓ ତାଙ୍କ ସହିତ ଆମର ସାକ୍ଷାତ୍‌କାର୍ ହୋଇଗଲା । ସେ ଆମକୁ ବତାଇଲେ ଯେ ଇମାମ୍ ମେହ୍‌ଦୀ ଆସିସାରିଛନ୍ତି । ମୁଁ ତାଙ୍କୁ ପଚାରିଲି ଯେ ଇମାମ୍ ମେହ୍‌ଦୀ ଆସିବାର କଣ ପ୍ରମାଣ ? ସେ ଗୋଟିଏ ପୁସ୍ତକ ''ଅଲ୍ ମସିହ୍ ଆଖିରୁଜ୍ ଜମାଆଁ କି ସଦାକତ୍'' ଆମକୁ ଦେଲେ ଏବଂ ଏହି ପୁସ୍ତକଟିକୁ ଅଧୟନ କରିବା ପାଇଁ ଆମକୁ କହିଲେ । ଯେତେବେଳେ ସେହି ପୁସ୍ତକକୁ ମୁଁ ଅଧୟନ କଲି ମୋର ବିଶ୍ୱାସ ହୋଇଗଲା ଯେ ଯେଉଁ ଇମାମ୍ ମେହ୍‌ଦୀଙ୍କୁ ଆସିବାର ଥିଲା ସେ ଆସିଯାଇଛନ୍ତି ଏବଂ ସେହି ଇମାମ୍ ମେହ୍‌ଦୀ ହେଉଛନ୍ତି ମିର୍ଜା ଗୁଲାମ୍ ଅହେମଦ୍ କାଦିଆନୀ ଆ:ସ । ସୁତରାଂ କହୁଛନ୍ତି କି ୧୩ ଫେବୃୟାରୀ ୧୯୬୩ ଦିନ ୧୯ ବର୍ଷ ବୟସରେ ମୁଁ ଏବଂ ମୋର କୁଟୁମ୍ବର ୪୦ଜଣ ଲୋକ ମୌଲାନା ଜିନି ଧଲାନ୍‌ଙ୍କ ମାଧମରେ ବୟତ୍ କଲେ ।

ପୁଣି ସେ କହୁଛନ୍ତି କି ୧୯୬୩ ମସିହାରେ ରବ୍‌ୱାରୁ ୱକିଲୁଲ୍ ତବ୍‌ଶିର୍ ସାହେବ୍ ବାନ୍‌ଡୁଙ୍ଗ୍ ଆସିଲେ । ସେତେବେଳେ ମୁଁ ସେଠାରେ ମଧ ଥିଲି । ଜମାତ୍‌ର ପ୍ରୋଗ୍ରାମ୍ ଗୁଡିକୁ ଦେଖି ଓ ମୁବଲିଗ୍ ସାହେବ୍‌ମାନଙ୍କ ସହିତ ମିଶିବା ପରେ ଜମାତ୍‌ର ସତ୍ୟତା ମୋ ପାଇଁ ସ୍ୱଷ୍ଟ ରୂପେ ପ୍ରକାଶ ହୋଇଗଲା । ପୁଣି ଜାମିଆରେ ପ୍ରବେଶ ସମ୍ବନ୍ଧରେ ବତାଉଛନ୍ତି କି ୧୯୬୩ ମସିହାରେ ମୌଲାନା ଅବୁବକର୍ ଅୟୁବ୍ ସାହେବ୍ ସେତେବେଳେ ଦକ୍ଷିଣ ସୁମାତ୍ରାରେ ମୁବଲିଗ୍ ଥିଲେ, ସେ ନୌମୁବାଇନ୍ ମାନଙ୍କ ତର୍‌ବିୟତ୍ ନିମନ୍ତେ ଆମ ନିକଟକୁ ଲାମ୍‌ପୁଙ୍ଗ୍ ଆସିଲେ । ଉକ୍ତ ଗସ୍ତ ପରେ ସେ ରଇସୁ ତବ୍‌ଲିଗ୍ ମୌଲାନା ସୟଦ୍ ଶାହ୍ ମୁହମ୍ମଦ୍ ଜିଲାନିଙ୍କୁ ରିପୋର୍ଟ୍ ଲେଖିଲେ ଯେ ଲାମ୍‌ପୁଙ୍ଗ୍‌ରେ ବୁଗିସ୍ କମ୍‌ର କିଛି ଲୋକେ ବୟତ୍ କରିଛନ୍ତି ଏବଂ ଏପର୍ଯ୍ୟନ୍ତ ସେହି କୌମ୍‌ରୁ କୌଣସି ମୁବଲିଗ୍ ହୋଇନାହାଁନ୍ତି । ଯେବେ କି ଜାୱା ଏବଂ ସୁନ୍ଦା କୌମ୍‌ରୁ ମୁବଲିଗ୍ ହୋଇସାରିଛନ୍ତି । ଏବଂ ସେ ଲେଖିଲେ କି ମୁଁ ସେଠାରେ ତିନଜଣ ଏପରି ଯୁବକଙ୍କୁ ଦେଖିଛି ଯେଉଁମାନଙ୍କୁ ରବ୍‌ୱାରେ ପଢ଼ିବା ପାଇଁ ପଠାଯାଇପାରିବ । କହୁଛନ୍ତି କି ସେହି ତିନିଜଣ ଯୁବକଙ୍କ ମଧରେ ଜଣେ ମୁଁ ଥିଲି । ତେବେ କହୁଛନ୍ତି ଆମ ତିନିଜଣଙ୍କୁ ଜାମିଆ ରବ୍‌ୱାରେ ପଢ଼ିବା ପାଇଁ ସୁପାରିଶ କରାଗଲା । ଆମକୁ ପାସ୍‌ପୋର୍ଟ୍ ତିଆରି କରିବା ପାଇଁ କୁହାଗଲା । କିନ୍ତୁ ସେତେବେଳେ ଇଣ୍ଡୋନେସିଆର ରାଜନୈତିକ ପରିସ୍ଥିତି ଠିକ୍ ନଥିଲା । ତେଣୁ ପାସ୍‌ପୋର୍ଟ୍ ତିଆରି ହୋଇପାରିଲା ନାହିଁ । ପୁଣି ୧୯୬୬ ମସିହାରେ ରଇସୁତ୍ ତବ୍‌ଲିଗ୍ ମୌଲାନା ଇମାମୁଦ୍ଦିନ୍ ସାହେବ୍‌ଙ୍କ ସହିତ ପାକିସ୍ତାନି ଆମ୍ବାସିରେ ଭିଜା ଆପ୍ଲାଇ କଲି ଏବଂ ୧୫ମି. ମଧରେ ଭିଜା ମିଳିଗଲା । ପୁଣି କରାଚି ପହଂଚିଲୁ । କହୁଛନ୍ତି- ଗୋଟିଏ ରାତି ମୁଁ କରାଚିରେ କାଟିଲି । ସେଠାରୁ ଟ୍ରେନ୍ ଜରିଆରେ ରବ୍‌ୱା ପହଂଚିଲି । ପୁଣି ଷ୍ଟେସନ୍‌ରୁ ଓହ୍ଲାଇ ପାଦରେ ଚାଲିଚାଲି ଜାମିଆରେ ପହଂଚିଗଲି ।

ସେ କହୁଛନ୍ତି- ଜାମିଆର ବହୁତ ଛାତ୍ର ମୋତେ ସ୍ୱାଗତ କଲେ, ନୂଆ ପରିବେଶ ଥିଲା ଏବଂ ପ୍ରାରମ୍ଭରେ ବହୁତ ଅସୁବିଧା ହେଲା । କିନ୍ତୁ ପୁଣି ପରେ ଅଭ୍ୟାସ ପଡିଗଲା । ସେ ପୁଣି କହୁଛନ୍ତି ତିନିଦିନ ପରେ ମୋତେ ଜାମିଆରେ ଦାଖଲ ମିଳିଗଲା । ଶିକ୍ଷକ ମାନଙ୍କ ମଧରୁ ଜଣେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବୀ ହଜ୍‌ରତ୍ ମାଷ୍ଟର୍ ଅତା ମୁହମ୍ମଦ୍ ସାହେବ୍ ର:ଅ ଥିଲେ । କହୁଛନ୍ତି- ରବ୍‌ୱାରେ ରହଣି ସମୟରେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅନେକ ସାହାବା ମାନଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପାଇଛି ଓ ସର୍ବଦା କୌଣସି ନା କୌଣସି ସାହାବୀଙ୍କ ସହିତ ସାକ୍ଷାତ୍ କରିବାକୁ ଅବସର ଖୋଜୁଥିଲି । ଏବଂ ସେମାନଙ୍କ ସହିତ କଥା କହିବା ସମୟରେ ସେମାନଙ୍କ ଗୋଡକୁ ଚିପୁଥିଲି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଙ୍କ ସହିତ ଗୋଟିଏ ସୁନ୍ଦର ସାକ୍ଷାତ୍‌କାର୍ ବିଷୟରେ ଚର୍ଚ୍ଚା କରି କହୁଛନ୍ତି କି ଯେବେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ଖଲିଫା ନିର୍ବାଚିତ ହେଲେ ସେତେବେଳେ ଆମ୍ଭେ ଆପଣଙ୍କ ସହିତ ପ୍ରଥମଥର ସାକ୍ଷାତ୍‌କାର୍ କଲୁ ଓ ହଜୁର୍‌ଙ୍କ ସହିତ କାନ୍ଧ ମିଳାଇଲୁ । ହଜୁର୍ ରହେମୁଲ୍ଲାଃ ତାଲା ଆମ ଗାଲ ଥାପୁଡାଇ କହିଲୋ କି ଇଏ ଇଣ୍ଡୋନେସିଆରୁ ଆସିଛନ୍ତି । ତୁମେ ସମସ୍ତେ ଦୂରରୁ ଏଠାକୁ ଆସିଛ (ଯେତେକ Foreign ପିଲା ଥିଲେ) ଏବଂ ତୁମେମାନେ ହେଉଛ

ମୋର ପିଲାମାନେ । ସେ କହୁଛନ୍ତି କି- ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍‌ଙ୍କ ଆଧ୍ୟାତ୍ମିକ ଜ୍ୟୋତି ସର୍ବଦା ଆମ ସହିତ ରହିଥାଏ, ଯେଉଁଥିଯୋଗୁ ଆମର ଯେତେ ପ୍ରକାର ମଧ୍ୟ ଅସୁବିଧା ଥିଲା ସେ ସବୁ ସହଜ ହୋଇଗଲା । ଏବଂ ଖଲିଫତୁଲ୍ ମସିହ୍ ସାଲିସ୍ କହିଥିଲେ କି ଯଦି କୌଣସି ଅସୁବିଧା ହେବ ତେବେ ମୋ ନିକଟକୁ ଚାଲିଆସିବ । କହୁଛନ୍ତି କି ଯେତେବେଳେ ମୁଁ ଇଣ୍ଡୋନେସିଆ ଫେରିବାକୁ ଲାଗିଲି ତା ପୂର୍ବରୁ ହଜୁର୍‌ଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଗଲି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ମୋତେ ପଚାରିଲେ କି ଆପଣଙ୍କୁ କଣ ଦରକାର । ମୁଁ କହିଲି ମୋତେ କିଛି ପୁସ୍ତକ ଦରକାର । ମୁଁ ଗୋଟିଏ ଦଫ୍‌ତର୍ ଯାଇଥିଲି କିନ୍ତୁ ମୋତେ ମିଳିଲା ନାହିଁ । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ନିଜ କଲମରେ ଗୋଟିଏ ନୋଟ୍ ଲେଖିଲେ ଯେ ସିୟୁତିଙ୍କୁ ପୁସ୍ତକ ଦେଇଦିଅ । ସେ କହୁଛନ୍ତି-ତା ପରେ ମୋତେ ରୁହାନି ଖଜାଏନ୍‌ର ସମ୍ପୂର୍ଣ୍ଣ ସେଟ୍ ଦିଆଗଲା ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ମୋ ନିକଟରେ ରହିଛି ଓ ଯିବା ପୂର୍ବରୁ ହଜୁର୍ ରହେମୁଲ୍ଲାଃ ତାଲା ବହୁତ ସମୟ ମୋ ସହିତ କାନ୍ଧ ମିଳାଇଲେ ଏବଂ ମୋ କାନରେ କହିଲେ କି ନିଜ ଆକା (ମୁନୀବ)ଙ୍କ ସହିତ ବିଶ୍ୱାସଘାତ କରିବନାହିଁ । ଏହା ହେଉଛି ମୋର ଉପଦେଶ ।

ଗୋଟିଏ ଘଟଣା ସେ ଲେଖୁଛନ୍ତି କି ୧୯୯୩ ମସିହାରେ ଇଣ୍ଡୋନେସିଆର ଅମୀର୍ ସାହେବ୍ ଶରୀଫ୍ ଅହେମଦ୍ ଲୋବିସ୍ ସାହେବ୍ ଆଲମି ବୟତ୍ ପ୍ରୋଗ୍ରାମ୍‌କୁ ସଫଳ କରିବା ପାଇଁ ମୋତେ ଫିଲିପାଇନସ୍ ପଠାଇଲେ ଏବଂ ଏକଥା କହିଲେ କି ଏହା ହଜୁର୍‌ଙ୍କର, ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେଙ୍କର ନିର୍ଦ୍ଦେଶ । ସେ କହିଲେ କି ମୁଁ ତ ବହୁତ ଦୁର୍ବଳ, ଭାଷା ମଧ୍ୟ ଜାଣିନାହିଁ । ଏଥିରେ ସେ ମୋତେ କହିଲେ କି ଆପଣଙ୍କ ଉପରେ ମୋର ବହୁତ ଭରଷା ଅଛି । ସେ ପୁଣି କହୁଛନ୍ତି କି ଯଦି ଆପଣଙ୍କର ଏହି ନିର୍ଦ୍ଦେଶ ତେବେ ମୁଁ ପ୍ରସ୍ତୁତ ଅଛି । ସୁତରାଂ ମୁଁ ଜମାତ୍ ସେଂଟର୍‌କୁ ଚାଲିଗଲି ଓ ସେଠାରେ ପହଂଚିବା ନିମନ୍ତେ ମନିଲା ଏବଂ ଜମ୍ବୁଙ୍ଗା ସିଟି ଦେଇ ଯିବାକୁ ପଡ଼ିଥାଏ । ସେ କହୁଛନ୍ତି- ମୁଁ ଖାଇସାରିଲି । ମୋତେ ଭୀଷଣ ହଇଜା ହୋଇଗଲା, ପେଟ ଖରାପ ହୋଇଗଲା । ଫଳତଃ ଅତ୍ୟନ୍ତ ଦୁର୍ବଳ ହୋଇଗଲି । ଏପରି ଅବସ୍ଥାରେ ମୁଁ ଦୁଆ କଲି କି ହେ ଅଲ୍ଲାଃ ! ଯଦି ମୁଁ ଏଠାରେ ମରିଯିବି ତେବେ ଏଠାରେ ତ କୌଣସି ମୁସଲ୍‌ମାନ୍ ନାହାଁନ୍ତି ଯେଉଁମାନେ ମୋ ନମାଜ ଯନାଜାଃ ପଢ଼ିବେ । ସେ କହୁଛନ୍ତି- ରାତିରେ ମୁଁ ସ୍ୱପ୍ନ ଦେଖିଲି ଯେ ଜଣେ ନର୍ସ ୟୁନିଫର୍ମ ପିନ୍ଧି ମୋ ନିକଟକୁ ଆସିଲେ ଓ ମୋ ମୁଣ୍ଡ ଉପରେ ହାତ ବୁଲାଇ ଫୁଙ୍କିଦେଲେ । ସେତେବେଳେ ମୋତେ ଏପରି ଅନୁଭବ ହେଲା ଯେପରି ମୋର ଶରୀର ଥଣ୍ଡା ହୋଇଯାଇଛି ଏବଂ ସେହି ଶୀତଳତା ମୋ ଗୋଡର ଆଙ୍ଗୁଳିରୁ ବାହାରୁଛି । ସେ ପୁଣି କହୁଛନ୍ତି- ଯେତେବେଳେ ମୁଁ ସକାଳେ ଉଠିଲି ସେତେବେଳେ ମୁଁ ସମ୍ପୂର୍ଣ୍ଣ ରୂପେ ଠିକ୍ ହୋଇଯାଇଥିଲି । ସୁତରାଂ ମୁଁ ତାୱି ତାୱି (Tawi-Tawi) ନିମନ୍ତେ ଗସ୍ତ କଲି ଓ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ତିନିମାସ ମଧ୍ୟରେ ସେଠାରେ ୧୩୦ ଜଣ ବ୍ୟକ୍ତି ବୟତ କରି ଜମାତ୍‌ରେ ସାମିଲ୍ ହେଲେ ।

ଇଣ୍ଡୋନେସିଆର ଅମୀର୍ ଜମାତ୍ ଅବ୍‌ଦୁଲ୍ ବାସିତ୍ ସାହେବ୍ ଲେଖୁଛନ୍ତି କି ସିୟୁତି ଅଜିଜ୍ ସାହେବ୍‌ଙ୍କୁ ଜଣେ ଭିଣୋଇ ଏବଂ ମୁବଲିଗ୍ ରୂପେ ବହୁତ ନିକଟରୁ ଦେଖିଛି ଓ ଭଲଭାବେ ଦେଖିବାର ମୌକା ମିଳିଛି । ସେ ଅତ୍ୟନ୍ତ ସାଦା ବ୍ୟକ୍ତିତ୍ୱର ମାଲିକ ଥିଲେ । ବିନମ୍ରତାର ଉଚ୍ଚତମ ନମୁନା ଥିଲେ । ପ୍ରତ୍ୟେକ ଅବସ୍ଥାରେ ଧୈର୍ଯ୍ୟ ଓ ସହନଶୀଳତାର ଦୃଷ୍ଟାନ୍ତ ଥିଲେ । ଦୁଆ କରିବା ବାଲା, ତହ୍‌ଜୁଦ୍ ପଢ଼ିବା ବାଲା ଏବଂ ଅଲ୍ଲାଃତାଲାଙ୍କ ଉପରେ ପୁର୍ଣ୍ଣ ଭରଷା କରିବା ବଲା । ତାଙ୍କୁ ନିଜାମେ ଖିଲାଫତ୍ ଏବଂ ସିଲ୍‌ସିଲାର ଖଲିଫାମାନଙ୍କ ସହିତ ବହୁତ ପ୍ରେମ, ନିଷ୍ଠା ଓ ଭକ୍ତିଭାବ ଥିଲା । ଜମାତି କାର୍ଯ୍ୟଗୁଡିକ ନିଜସ୍ୱ କାର୍ଯ୍ୟଗୁଡିକ ଉପରେ ସର୍ବଦା ଅଗ୍ରାଧିକାର ଦେଉଥିଲେ । ଜଣେ ସଫଳ ଖାଦିମେ ସିଲ୍‌ସିଲା ଥିଲେ । ଯେକୌଣସି ଦାୟିତ୍ୱ, କାର୍ଯ୍ୟ ଏବଂ ପଦବୀ ମଧ୍ୟ ତାଙ୍କ ଦାୟିତ୍ୱରେ ଦିଆଯାଉଥିଲା । ସେ ଅତ୍ୟନ୍ତ ନିଷ୍ଠା ଓ ଭକ୍ତିର ସହିତ ନିର୍ବାହ କରୁଥିଲେ । ସେ ମୁବଲିଗ୍ ରୂପେ ହୁଅନ୍ତୁ ବା ଜାମିଆର ଶିକ୍ଷକ ରୂପେ ବା ପ୍ରିନ୍‌ସିପାଲ୍ ରୂପେ ବା ରଇସୁତ୍ ତବ୍‌ଲିଗ୍ ରୂପେ ହୁଅନ୍ତୁ, ସେ ୱାକିଫେ ଜିନ୍ଦେଗୀ ପାଇଁ ଜଣେ ଉଚ୍ଚତମ ନମୁନା ଓ ଦୃଷ୍ଟାନ୍ତ ଥିଲେ ।

ଇଣ୍ଡୋନେସିଆ ଜାମିଆର ନାଏବ୍ ପ୍ରିନ୍‌ସିପାଲ୍ ମାସୁମ୍ ସାହେବ୍ କହୁଛନ୍ତି କି ସିୟୁତି ସାହେବ୍ ଜାମିଆରେ ପଂଚମ ଶ୍ରେଣୀ, ଚତୁର୍ଥ ଏବଂ ତୃତୀୟ ଶ୍ରେଣୀର ଛାତ୍ରମାନଙ୍କୁ ପବିତ୍ର କୋରାନ୍‌ର ଅନୁବାଦ ପଢ଼ାଉଥିଲେ । ମୁବଶିର୍ କ୍ଲାସ୍‌ରେ କଲାମ୍ (ସାହିତ୍ୟ) ପଢ଼ାଉଥିଲେ । ପଢ଼ାଇବା ପାଇଁ ସେ ଇର୍‌ଫାନ୍ ଇଲାହି ପୁସ୍ତକକୁ ଇଣ୍ଡୋନେସିଆ ଭାଷାରେ ଅନୁବାଦ କରିଥିଲେ । ବେମାର୍ ହୋଇଯିବା ଯୋଗୁ ଯେତେବେଳେ ତାଙ୍କର ସ୍ୱାସ୍ଥ୍ୟ ଦୁର୍ବଳ ହୋଇଗଲା ଓ ଚଲାବୁଲା କରିବା କଠିନ ହୋଇଗଲା ସେତେବେଳେ ପୁଣି ତାଙ୍କଠାରୁ ଛାତ୍ରମାନେ ଆସି ତାଙ୍କ ଅଫିସ୍‌ରେ ପଢୁଥିଲେ । ଏବଂ ରବ୍‌ୱା ଯିବା ପୂର୍ବରୁ ମଧ୍ୟ ୮ ନଭେମ୍ବର୍ ଦିନ ସେ ତାଙ୍କର ଶେଷ କ୍ଲାସ୍ ନେଇଛନ୍ତି । ସର୍ବଦା ଏକଥା କହୁଥିଲେ କି ଜାମିଆକୁ ଏବେ ଶାହିଦ୍ (କ୍ଲାସ୍) ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ଏବଂ ଖଲିଫତୁଲ୍ ମସିହ୍ ତାହା ମଞ୍ଜୁର୍ କରିଛନ୍ତି । ତେଣୁ ତୁମମାନଙ୍କୁ ଖଲିଫତୁଲ୍ ମସିହ୍‌ଙ୍କ ଇଛାକୁ ପୂରଣ କରବାକୁ ହେବ ଏବଂ ବହୁତ ପରିଶ୍ରମ କରିବାକୁ ପଡିବ ।

ତାଙ୍କର ଜଣେ ଝିଅ ମର୍ଦ୍ଦିୟା ସାହିବା ଲେଖୁଛନ୍ତି କି ଆମ ବାପା ନିଜର ଜୀବନକୁ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରିଦେଇଥିଲେ । ନିଜର ଜୀବନ ଜମାତ୍‌ର କାର୍ଯ୍ୟ ନିମନ୍ତେ ଖର୍ଚ୍ଚ କଲେ । ଏପରିକି ଆମେ ଭ୍ରମଣ କରିବା ପାଇଁ ମଧ୍ୟ ବହୁତ କମ୍ ସ୍ଥାନ ଯାଇଛୁ । କିନ୍ତୁ ଆମେ ଭାବୁଥିଲୁ କି ୱକ୍‌ଫେ ଜିନ୍ଦେଗୀ (ଉତ୍ସର୍ଗୀକୃତ ଜୀବନ)ର ଏହା ହିଁ ହେଉଛି ଜୀବନ । ସେ ତାଙ୍କ ପିଲାମାନଙ୍କୁ ଏକଥା ବତାଇଛନ୍ତି ଯେ ୱକ୍‌ଫେ ଜିନ୍ଦେଗୀର ସବୁ ସମୟ ଜମାତ୍ ନିମନ୍ତେ ଉଦ୍ଦିଷ୍ଟ । ପୁଣି ସେ କହୁଛନ୍ତି କି ଆମ ବାପାଙ୍କର ତର୍‌ବିୟତ୍ କରିବାର ଏ ନିୟମ ଥିଲା ଯେ ସେ ଅଧିକ ଉପଦେଶ ଦେଉନଥିଲେ ବରଂ ନିଜ କାର୍ଯ୍ୟଦ୍ୱାରା କାର୍ଯ୍ୟ ନମୁନା ଦେଖାଉଥିଲେ । ପୁଣି କହୁଛନ୍ତି କି ଯେତେବେଳ ଆମ ମାଆ ବେମାର ହେଲେ ସେ ବହୁତ ଧୈର୍ଯ୍ୟର ସହିତ ତାଙ୍କର ସେବା କରୁଥିଲେ ଓ ଘରର କାର୍ଯ୍ୟଗୁଡିକ ମଧ୍ୟ ନିଜେ କରୁଥିଲେ । ରମ୍‌ଜାନ୍‌ର ଦିନ ଗୁଡିକରେ ସହ୍‌ରୀ (ରୋଜା ରଖିବା ପାଇଁ ସକାଳବେଳା ଯେଉଁ ଖାଦ୍ୟ ପ୍ରସ୍ତୁତ ହୋଇଥାଏ) ଏବଂ ଇଫ୍‌ତାରୀ (ରୋଜା ଭଙ୍ଗ କରିବା ପାଇଁ ଯେଉଁ ଖାଦ୍ୟ ଖିଆଯାଏ) ର ପ୍ରସ୍ତୁତି ମଧ୍ୟ ନିଜେ କରୁଥିଲେ ଏବଂ କଦାପି କାହାକୁ କହୁନଥିଲେ ଯେ ମୋ ପାଇଁ ଅମୁକ କାର୍ଯ୍ୟ କରିଦିଅ ବୋଲି । ନିଜ କାର୍ଯ୍ୟ ନିଜ ହାତଦ୍ୱାରା କରିବାର ଅଭ୍ୟସ୍ତ ଥିଲେ ।

ତାଙ୍କ ପୁତ୍ର ସାଆଦତ୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି ଆମମାନଙ୍କର ତର୍‌ବିୟତ୍ ବହୁତ ଧୈର୍ଯ୍ୟର ସହିତ କରୁଥିଲେ । କିନ୍ତୁ ନମାଜ ସମ୍ବନ୍ଧରେ ବହୁତ ତାଗିଦ୍ କରୁଥିଲେ । ପିଲାବେଳେ ଯେତେବେଳେ ନମାଜର ସମୟ ହୋଇଯାଉଥିଲା ସେତେବେଳେ ଆମକୁ ମସ୍‌ଜିଦ୍‌ରେ ଯାଇ ନମାଜ ବାଜମାତ୍ ପଢ଼ିବା ପାଇଁ ପ୍ରୋତ୍ସାହିତ କରୁଥିଲେ । ଯଦି ମୁଁ ମସ୍‌ଜିଦ୍‌ରେ ମିଳୁନଥିଲି ମୋତେ ଖୋଜୁଥିଲେ ଓ ପୁଣି ନିଜେ ମସ୍‌ଜିଦ୍ ନେଇଯାଉଥିଲେ । ସେ କହୁଛନ୍ତି କି ସେ ସର୍ବଦା ଏକଥା କହୁଥିଲେ କି ନମାଜ କଦାପି ଛାଡିବ ନାହିଁ । ନମାଜ ସହିତ ସୁନ୍ନତ୍ ମଧ୍ୟ ପଡିବ ଏବଂ ସର୍ବଦା ପବିତ୍ର କୋରାନ୍ ପାଠ କରୁଥିବ ।

ତାଙ୍କ ଝିଅ ଅତିଅତୁଲ୍ ଅଲିମ୍ କହୁଛନ୍ତି କି ଆମ ବାପା ସର୍ବଦା ସତ୍ୟ କହୁଥିଲେ ଏବଂ ନିଜ ପିଲାମାନଙ୍କୁ କେବେ ମିଛ କହୁନଥିଲେ । ତାହା ଥଟ୍ଟାରେ କାହିଁକି ନହେଉ । ତହ୍‌ଜୁଦ୍ ନମାଜ୍ କଦାପି ଛାଡୁନଥିଲେ । ମସ୍‌ଜିଦ୍‌ରେ ଯାଇ ସର୍ବଦା ବାଜମାତ୍ ନମାଜ୍ ପାଠ କରୁଥିଲେ । ବେମାର୍ ବ୍ୟତୀତ ମୁଁ କେବେ ତାଙ୍କୁ ଘରେ ଫର୍ଜ୍ ନମାଜ୍ ପଢ଼ିବାର ଦେଖିନାହିଁ ।

ତାଙ୍କର ଦ୍ୱିତୀୟ ପତ୍ନୀ କହୁଛନ୍ତି କି ସେ ରବ୍‌ୱା ଯିବା ପୂର୍ବରୁ ମୋତେ ଏବଂ ପିଲାମାନଙ୍କୁ ଏକଥା କହିଲେ କି ମୋ କୁଟୁମ୍ବ, ମୋ ଘର ଲୋକେ ଏବଂ ମୋର ଉତରାଧିକାରୀ ହେଉଛନ୍ତି ଖିଲାଫତ୍ । ଏବଂ ମୋ ଜୀବନ ଓ ମୋର ମୃତ୍ୟୁ ହେଉଛି ଜମାତ୍ ନିମନ୍ତେ । ଏବର୍ଷ ଜର୍ମାନୀ ଜଲ୍‌ସାସାଲାନାକୁ ବହୁତ ଖୁସିରେ ଆସିଥିଲେ । ପିଲାମାନେ ତାଙ୍କୁ କହିଲେ କି ତୁମେ ବେମାର୍ ଅଛ । ଏଥିରେ ସେ କହିଲେ କି ମୋତେ ଖଲିଫାଙ୍କ ସହିତ ସାକ୍ଷାତ୍ କରିବାର ଅଛି । ସେ ଆସିଲେ ଏବଂ ସାକ୍ଷାତ୍ ମଧ୍ୟ କଲେ ଓ ଏହା ତାଙ୍କର ଶେଷ ସାକ୍ଷାତ୍‌କାର୍ ଥିଲା । ସେଠି ଜର୍ମାନୀରେ ମୋ ସହିତ ସାକ୍ଷାତ୍ କରିଥିଲେ । ସେ ପୁଣି କହୁଛନ୍ତି କି ସେ ବହୁତ ଉତମ ସ୍ୱାମୀ ଥିଲେ । ମୁଁ ଆଜ୍ଞାବହତାର ଗୁରୁତ୍ୱ ତାଙ୍କଠାରୁ ହିଁ ଶିଖିଛି । ଜମାତ୍ କାର୍ଯ୍ୟ ନିମନ୍ତେ ନିଜର ସ୍ୱାର୍ଥ ସମ୍ବନ୍ଧରେ କେବେ ପରବାୟ କରୁନଥିଲେ ।

ସିୟୁତି ଅଜିଜ୍ ସାହେବ୍‌ଙ୍କ ଜ୍ୱାଇଁ ଜକି ସାହେବ୍ କହୁଛନ୍ତି କି ୨୦୦୫ ମସିହାରେ ଯେତେବେଳେ ଏ ଖବର ଆସିଲା ଯେ ଲୋକମାନେ ଆମ ମର୍କଜ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇଛନ୍ତି ବୋଲି ସେତେବେଳେ ଆମେ ଖୁଦ୍ଦାମ୍ ପିଲାମାନଙ୍କୁ ଏ ନିର୍ଦ୍ଦେଶ ଦେଲୁ କି ମର୍କଜର ସୁରକ୍ଷା ପାଇଁ ଆସନ୍ତୁ । କହୁଛନ୍ତି କି ମୁଁ ମଧ୍ୟ ସେଠାରେ ଥିଲି । ସିୟୁତି ସାହେବ୍ ସେ ସମୟରେ ରଇସୁତ୍ ତବ୍‌ଲିଗ୍ ଥିଲେ । ମୁଁ ଦେଖିଲି ଯେ ସେ କଦାପି ଡରୁନଥିଲେ ଓ ଦମ୍ଭ ଓ ସାହସର ସହିତ ଅଧରାତି ଯାଏ ଖୁଦ୍ଦାମ୍‌ଙ୍କ ନିକଟକୁ ଯାଇ ମିଶୁଥିଲେ ଓ ଖୁଦ୍ଦାମ୍‌ଙ୍କ ସାହସ ବଢ଼ାଉଥିଲେ । ପୁଣି ସେ କହୁଛନ୍ତି- ମୁଁ ତାଙ୍କ ନିକଟରେ ଖିଲାଫତ୍ ସହିତ ଅତ୍ୟନ୍ତ ପ୍ରେମଭାବକୁ ଦେଖିଛି । ସେ କହୁଥିଲେ କି ମୁଁ ହେଉଛି ୱକ୍‌ଫେ ଜିନ୍ଦେଗୀ । ତେଣୁ ଯାହାକିଛି ମଧ୍ୟ ମୁଁ କରୁଅଛି ତାହା ଖଲିଫାଙ୍କ ମଞ୍ଜୁରୀ ଦ୍ୱାରା ଓ ଖଲିଫାଙ୍କ କହିବାରେ ହିଁ କରୁଅଛି । ୨୦୧୭ ମସିହାରେ ତାଙ୍କୁ ହୃଦ୍‌ଘାତ ହେଲା ଓ କେତେ ଦିନ ପର୍ଯ୍ୟନ୍ତ ଠିକ୍ ରୂପେ କଥା କହିପାରୁନଥିଲେ । କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ପୁସ୍ତକ ଅଧ୍ୟୟନ ଜାରି ରଖିଥିଲେ ଓ ସର୍ବଦା ଏ ଚେଷ୍ଟା କରୁଥିଲେ କି କିପରି ଯାଇ ଜାମିଆରେ ପିଲାମାନଙ୍କୁ ପଢ଼ାଇବେ ।

ସେକ୍ରେଟାରୀ ତର୍‌ବିୟତ୍ ଅହେମଦ୍ ସାହେବ୍ ଲେଖୁଛନ୍ତି କି ଯଦି କାହାଠାରୁ ଭଲ ପରାମର୍ଶ ମିଳେ ତେବେ ବହୁତ ସମ୍ମାନର ସହିତ ତାକୁ ଧନ୍ୟବାଦ ଜଣାଉଥିଲେ । ଏବଂ ଯେବେ ମଧ୍ୟ କୌଣସି କାର୍ଯ୍ୟରେ କିଛି ଅସୁବିଧା ଆସୁଥିଲା ସେତେବେଳେ ସେ ବହୁତ ନିଷ୍ଠାର ସହିତ ପରାମର୍ଶ ମାଗୁଥିଲେ । ଅହେମଦ୍ ନୁର୍ ସାହେବ୍ ମୁବଲିଗ୍ କହୁଛନ୍ତି କି ସର୍ବଦା ବହୁତ ସାଧାସିଧା ନିରାଡମ୍ବର୍ ଜୀବନ ବିତାଉଥିଲେ । କିନ୍ତୁ ଅତ୍ୟନ୍ତ ନିଷ୍ଠାବାନ୍ ଥିଲେ । ବୟସ ଅଧିକ ହୋଇଯାଇଥିବା ସତ୍ତ୍ୱେ ମଧ୍ୟ ଜମାତ୍‌ର କାର୍ଯ୍ୟଗୁଡିକ ସର୍ବଦା ନିଷ୍ଠାର ସହିତ ଏପରି କରୁଥିଲେ ଯେପରି ଜଣେ ଯୁବକ କରିଥାଏ । କହୁଛନ୍ତି- ତାଙ୍କର ଗୋଟିଏ ଉପଦେଶ ଯାହା ସର୍ବଦା ସେ ମୋତେ ଦେଉଥିଲେ ତାହା ହେଉଛି କି ଅଲ୍ଲାଃତାଲାଙ୍କ ଠାରୁ କଦାପି ମୁହଁ ବୁଲାଇବନାହିଁ । ଅଲ୍ଲାଃତାଲାଙ୍କ ଠାରୁ ମାଗ । ସେ ନିଜର ଭକ୍ତଙ୍କ ଦୁଆକୁ କଦାପି ରଦ୍ଦ କରେନାହିଁ । ସେ କହୁଛନ୍ତି ଯେତେବେଳେ ଶାହିଦ୍ କ୍ଲାସ୍ ନିମନ୍ତେ ଇଂଟର୍‌ଭ୍ୟୁ ହେଲା ସେତେବେଳେ ସେ କାନ୍ଦି କାନ୍ଦି ଓ କମ୍ପିତ ସ୍ୱରରେ ମୋତେ ଏ ଉପଦେଶ ଦେଲେ କି ଏହି ୱକ୍‌ଫ୍‌କୁ କେବେ ଛାଡିବ ନାହିଁ । ଯେଉଁ ବ୍ୟକ୍ତି ଏହି ୱକ୍‌ଫ୍‌କୁ ଛାଡିଥାଏ ସେ ବହୁତ କ୍ଷତିରେ ପଡ଼ିଥାଏ ।

ଆଉଜଣେ ବୟାନ୍ ଦେବାବାଲା କହୁଛନ୍ତି କି ସିୟୁତି ସାହେବ୍ ଯେତେବେଳେ କେନ୍ଦାରି ଆସିଥିଲେ ସେତେବେଳେ ସେ ଉପଦେଶ ଦେଇ କହିଥିଲେ କି ଯେତେବେଳେ ଜଣେ ମୁରବୀଙ୍କୁ ନିଜାମ୍ ଜମାତ୍‌ର ପାଳନ କରିବାରେ ବାହ୍ୟ ଓ ଅନ୍ତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ ସେତେବେଳେ ନିର୍ଭୟରେ ଆଗକୁ ବଢ଼ ଓ ଏ ଦୃଢ଼ ବିଶ୍ୱାସ ରଖ ଯେ ଖୁଦାତାଲାଙ୍କ ସାହାଯ୍ୟ ସହଯୋଗ ଆପଣମାନଙ୍କ ସାଥିରେ ରହିବ । କିନ୍ତୁ ଯଦି ନିଜ ଦୋଷ ଦୁର୍ବଳତା ଯୋଗୁ ଜମାତି ଲୋକମାନଙ୍କର ଆରୋପର କାରଣ ହେବ ତେବେ ସେତେବେଳେ ତା'ପାଇଁ ହିସାବ କରିବ ଓ ନିଶ୍ଚିତ ରୂପେ ସୁଧାରିନେବ । ଜମାତି କାର୍ଯ୍ୟ କରିବା ପାଇଁ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ । ଅଲ୍ଲାଃତାଲାଙ୍କ ଉପରେ ଭରଷା ରଖ ଓ ସଦ୍ଇଛାର ସହିତ କାର୍ଯ୍ୟ କରିଚାଲ କିନ୍ତୁ ନିଜର କିଛି ଦୋଷ ଦୁର୍ବଳତା ଅଛି ତେବେ ନିଶ୍ଚିତ ରୂପେ ତାର ଅନୁଶୀଳନ କର । ଖାଲିଦ୍ ଅହେମଦ୍ ଖାନ୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ଲେଖୁଛନ୍ତି କି ଜାମିଆରେ ଶିକ୍ଷା ହାସଲ୍ କରୁଥିବା ସମୟରେ ସିୟୁତି ସାହେବ୍ ଆଧ୍ୟାତ୍ମିକ ଓ ଚାରିତ୍ରିକ ଦୃଷ୍ଟିକୋଣରୁ ଆମପାଇଁ ଜଣେ ଉଜ୍ଜ୍ୱଳମୟ ଦୃଷ୍ଟାନ୍ତ ଥିଲେ । ସେ ନିୟମିତ ବାଜମାତ୍ ନମାଜ୍ ପଢ଼ିବାକୁ ଅତ୍ୟନ୍ତ ଶ୍ରେୟସ୍କର ମଣୁଥିଲେ । ସର୍ବଦା

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

## ‘‘ସର୍ବଦା ଶେଷ ପରିଣାମ ଉତମ ହେବା ଲାଗି ପ୍ରାର୍ଥନା କରିବା ଉଚିତ୍’’

**ଆଜ୍ଞାନୁବର୍ତିତା, ନିଷ୍ଠା, ଭକ୍ତିଭାବରେ ପରିପୂର୍ଣ୍ଣ ଆଁ ହଜ୍‌ରତ୍ ସ:ଆ:ସଙ୍କ ବଦ୍ରି ସାହାବା ହଜ୍‌ରତ୍ ଉବୈଦା ବିନ୍ ଜଏଦ୍ ଅନ୍‌ସାରୀ, ହଜ୍‌ରତ୍ ଜାହିର୍ ବିନ୍ ହରାମ୍ ଅଶ୍‌ଜୈ, ହଜ୍‌ରତ୍ ଜଏଦ୍ ବିନ୍ ଖତାବ୍, ହଜ୍‌ରତ୍ ଉବାଦା ବିନ୍ ଖସ୍‌ଖାସ୍, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜଦ୍ଦ୍ ଏବଂ ହଜ୍‌ରତ୍ ହାରିସ୍ ବିନ୍ ଅଓସ୍ ବିନ୍ ମାଆଜ୍ ର:ଅଙ୍କ ପବିତ୍ର ଜୀବନ ଚରିତର ଚର୍ଚ୍ଚା ।**

---

**ଇସ୍‌ଲାମ ରାଜତ୍ୱ ବିରୋଧରେ ଚୁକ୍ତିଭଙ୍ଗ, ଯୁଦ୍ଧ ପ୍ରୋତ୍ସାହନ, ବିଭ୍ରାଟ ସୃଷ୍ଟି କରିବା, ଅଶ୍ଳୀଳ କଥା କହିବା ଏବଂ ହତ୍ୟା ଯୋଜନା ଇତ୍ୟାଦି କାର୍ଯ୍ୟକ୍ରମରେ ଲିପ୍ତ ଥିବା ୟୁହୁଦୀମାନଙ୍କର ସର୍ଦ୍ଦାର କାଆବ୍ ବିନ୍ ଅଶ୍‌ରଫ୍‌ଙ୍କ ହତ୍ୟା ସମ୍ବନ୍ଧରେ ଚର୍ଚ୍ଚା ଓ ଆପତି ଅଭିଯୋଗର ଉତର ।**

---

**‘‘ଅଲ୍ଲାଃତାଲା ଇସ୍‌ଲାମ୍‌କୁ ଏହି ସମସ୍ତ ଫିତ୍‌ନାରୁ ବଂଚାନ୍ତୁ ଏବଂ ଏଯୁଗରେ ଅଲ୍ଲାଃତାଲାଙ୍କ ଦ୍ୱାର ପ୍ରେରଣ ହୋଇଥିବା ହାଦି (ସୁଧାରକ)କୁ , ଯିଏ ଇସ୍‌ଲାମ୍‌କୁ ପୁନର୍ଜୀବନ ଦେବାପାଇଁ ଆସିଛନ୍ତି, ମାନିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ’’ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୭ ଡିସେମ୍ବର୍ ୨୦୧୮ ଅନୁଯାୟୀ ୭ ଫତାହ୍ ୧୩୯୭ ହିଜ୍‌ରି ଶମ୍‌ସି)**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ . اَلرَّحْمٰنِ الرَّحِيْمِ . مٰلِكِ يَوْمِ الدِّيْنِ . إِيَّاكَ نَعْبُدُ وَإِيَّاكَ نَسْتَعِيْنُ .
اِهْدِنَا الصِّرَاطَ الْمُسْتَقِيْمَ . صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ .

ଆଜି ଯେଉଁ ସାହାବା ମାନଙ୍କର ଚର୍ଚ୍ଚା ମୁଁ କରିବି ସେମାନଙ୍କ ମଧ୍ୟରୁ ପ୍ରଥମ ନାମ ହେଉଛି ହଜ୍‌ରତ୍ ଉବୈଦ୍ ବିନ୍ ଜଏଦ୍ ଅନ୍‌ସାରୀ ର:ଅଙ୍କ ନାମ । ତାଙ୍କର ସମ୍ବନ୍ଧ ବନୁ ଅଜ୍‌ଲାନ୍ କବିଲା ସହିତ ଥିଲା ।  ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ ।
(ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୪୮, ଉବୈଦ୍ ବିନ୍ ଜଏଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୧୯୯୦)

ହଜ୍‌ରତ୍ ମୁଆଜ୍ ବିନ୍ ରିଫାଆ ନିଜ ବାପାଙ୍କଠାରୁ ରିଓ୍ୱାୟତ୍ କରୁଛନ୍ତି କି ମୁଁ ମୋ ଭାଇ ହଜ୍‌ରତ୍ ଖଲାଦ୍ ବିନ୍ ରାଫେଙ୍କ ସହିତ ରସୁଲୁଲ୍ଲାଃ ସ:ଆ:ସଙ୍କ ସଙ୍ଗେ ଗୋଟିଏ ଦୁର୍ବଳ ଓଟ ଉପରେ ଆରୋହଣ କରି ବଦର୍ ଆଡକୁ ବାହାରିଲି । ଆମ ସହିତ ଉବୈଦ୍ ବିନ୍ ଜଏଦ୍ ମଧ୍ୟ ଥିଲେ । ଆମେ ଯେତେବେଳେ ବୁରୈଦ୍ ଠାରେ ପହଂଚିଲୁ ତାହା ରୌହାଠାରୁ ଟିକିଏ ପଛରେ ଅବସ୍ଥିତ, ସେତେବେଳେ ଆମ ଓଟଟି ବସିପଡ଼ିଲା । ପୂର୍ବରୁ ମଧ୍ୟ ଏହିପରି ଘଟଣା ଅନ୍ୟ ସାହାବିମାନଙ୍କ ଚରିତ ବର୍ଣ୍ଣନା ସମୟରେ ହୋଇସାରିଛି । ତେବେ ସେ କହୁଛନ୍ତି କି ଆମ ଓଟଟି ବସିପଡିଲା । ସେତେବେଳେ ମୁଁ ପ୍ରାର୍ଥନା କଲି ହେ ଅଲ୍ଲା । ତୁମ ଖାତିର୍ ଆମେ ଏ ମାନସିକ କରିଛୁ କି ଯଦି ଆମେ ମଦିନା ପହଂଚିଯିବୁ ତେବେ ଆମେ ଏହାକୁ କୁର୍ବାନ୍ କରିଦେବୁ । କହୁଛନ୍ତି ଏହିପରି ଅବସ୍ଥାରେ ଆମେ ଥିଲୁ କି ଆମ ନିକଟଦେଇ ରସୁଲ୍ କରିମ୍ ସ:ଆ:ସ ଗଲେ । ଆପଣ ସ:ଆ:ସ ଆମକୁ ପଚାରିଲେ କି ତୁମ ଦୁଇଜଣଙ୍କର କଣ ହୋଇଛି ? ଏଥିରେ ଆମ ସମସ୍ତ କଥା ଶୁଣାଇଲୁ । ପୁଣି ରସୁଲେ କରିମ୍ ସ:ଆ:ସ ଆମ ନିକଟରେ ରହିଲେ, ଓ୍ୱଜୁ କଲେ ଓ ବଳକା ପାଣିରେ ନିଜ ଶ୍ରୀମୁଖର ଲାଳ ମିଶାଇଲେ । ଏହାପରେ ଆମେ ହଜୁର୍‌ଙ୍କ ନିର୍ଦ୍ଦେଶକ୍ରମେ ଓଟର ମୁହଁଟିକୁ ଖୋଲିଦେଲୁ । ଏଥିରେ ଆପଣ ସ:ଆ:ସ ସେହି ଓଟ ମୁହଁରେ କିଛି ପାଣି ଢ଼ାଳିଲେ । ପୁଣି ତା ମୁଣ୍ଡ ଉପରେ, କାନ୍ଧ ଉପରେ, ବେକ ଉପରେ, କୁଜ ଉପରେ ଏବଂ ତା ପିଠି ଉପରେ କିଛି ପାଣି ଢ଼ାଳିଦେଲେ । ସେହିପରି ତା ଲାଞ୍ଜରେ ମଧ୍ୟ କିଛି ପାଣି ପକାଇଦେଲେ । ତା ପରେ ଆଁ ହଜ୍‌ରତ୍ ସ:ଆ:ସ ପ୍ରାର୍ଥନା କଲେ କି ହେ ଅଲ୍ଲାଃ ! ରାଫେ ଏବଂ ଖଲାଦ୍‌କୁ ଏହି ଓଟ ଉପରେ ବସାଇ ନେଇଯାଓ । ପୁଣି ସେ କହୁଛନ୍ତି କି  ରସୁଲୁଲ୍ଲାଃ ସେଠାରୁ ବିଦାୟ ନେଲେ । ଆମେ ମଧ୍ୟ ଯାତ୍ରା କରିବା ପାଇଁ ଛିଡା ହୋଇ ଚାଲିଲୁ । ଏପରିକି ଆମେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମନ୍‌ସଫ୍ ନାମକ ସ୍ଥାନରେ ଭେଟିଲୁ । ଆମ ଓଟଟି କାଫିଲାର ସମସ୍ତଙ୍କ ଆଗରେ ଥିଲା । ରସୁଲେ କରିମ୍ ସ:ଆ:ସ ଆମକୁ ଯେତେବେଳେ ଦେଖିଲେ ସେ ହସିଦେଲେ । ଆମେ ଯାତ୍ରା କରିଚାଲିଲୁ । ଏପରିକି ବଦର୍‌ଠାରେ ପହଂଚିଗଲୁ । ଏବଂ ପୁଣି କହୁଛନ୍ତି କି ବଦର୍‌ରୁ ଫେରିବା ବେଳେ ଯେତେବେଳେ ଆମେ ମୁସଲ୍ଲା ନାମକ ସ୍ଥାନରେ ପହଂଚିଲଉ ସେତେବେଳେ ଆମ ଓଟଟି ପୁଣି ବସିପଡିଲା । ଏହା ଦେଖି ମୋ ଭାଇ ତାକୁ ଜେଭ କରିଦେଲା ଏବଂ ତାର ମାଂସକୁ ସଦ୍‌କା କରିଦେଲା । ପୁଣି ସେଥିରେ ତାଙ୍କ ସହିତ ହଜ୍‌ରତ୍ ଉବୈଦ୍ ବିନ୍ ଜଏଦ୍ ମଧ୍ୟ ସାମିଲ୍ ଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୧୮୧, ‘‘ମାଆଜ୍ ବିନ୍ ରିଫାଆ’’, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨), (ଇମ୍‌ତାଉନ୍ ଅସ୍‌ମାଆ, ଖଣ୍ଡ-୧, ପୃଷ୍ଠା-୯୩ ବାବ୍ ଖବ୍‌ରୁଲ୍ ଇର... ବେରୁତ ୧୯୯୯), (କିତାବୁଲ୍ ମଗାଜିଲିଲ୍ ଓ୍ୱାକ୍‌ଦି, ଖଣ୍ଡ-୧, ପୃଷ୍ଠା-୩୯...ବେରୁତ ୨୦୧୩)

ଆଉଜଣେ ସାହାବୀ ହଜ୍‌ରତ୍ ଜାହିର୍ ବିନ୍ ହରାମୁଲ୍ ଅଶ୍‌ଜଇ ର:ଅ ଥିଲେ ।  ସେ ମଧ୍ୟ ହେଉଛନ୍ତି ବଦ୍‌ରି ସାହାବି । ତାଙ୍କର ସମ୍ବନ୍ଧ ଅଶ୍‌ଜ କବିଲା ସହିତ ଥିଲା । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ହଜ୍‌ରତ୍  ଅନସ୍ ବିନ୍ ମାଲିକ୍ ର;ଅ ରିଓ୍ୱାୟତ୍ କରୁଛନ୍ତି କି ସେ ଗାଁ ଗହଳିରେ ରହୁଥିବା ବ୍ୟକ୍ତି ଥିଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଇଁ ଦେହାତି ଇଲାକାରୁ ଉପହାର ସାଥିରେ ନେଇ ଆସୁଥିଲେ ଓ ଯେତେବେଳେ ସେ ଫେରୁଥିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ବହୁତ କିଛି ଧନ ଦୌଲତ ଦେଇ ବିଦା କରୁଥିଲେ । ଆଁ ହଜ୍‌ରତ୍ ସ:ଆ:ସ କହୁଥିଲେ କି *ଇନ୍ନା ଜାହିରନ୍ ବାଦିୟତୁନା ଓ୍ୱ ନେହ୍‌ନୋ ହାଜିରୁହୁ* ଅର୍ଥାତ୍ ଜାହିର୍ ଆମର ଦେହାତି ବନ୍ଧୁ ଓ ଆମେ ହେଉଛୁ ତାଙ୍କର ସହରୀ ବନ୍ଧୁ । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ ପ୍ରେମଭାବ ରଖୁଥିଲେ । ହଜ୍‌ରତ୍ ଜାହିର୍ ର:ଅ ସାଧାରଣ ମାମୁଲି ଚେହେରାର ମାଲିକ ଥିଲେ । ଦିନେ ଏପରି ହେଲା କି ହଜ୍‌ରତ୍ ଜାହିର୍ ବଜାରରେ କିଛି ସାମାନ୍ କିଣାକିଣି କରୁଥିଲେ । ସେହି ସମୟରେ ନବୀ କରିମ୍ ସ:ଆ:ସ ଆସି ତାଙ୍କୁ ପଛପଟୁ ଧରିନେଲେ । ଗୋଟିଏ ରିଓ୍ୱାୟତ୍‌ରେ ଆସୁଛି କି ରସୁଲେ କରିମ୍ ସ:ଆ:ସ ପଛପଟୁ ଆସି ତାଙ୍କ ଆଖିକୁ ହାତଦ୍ୱାର ବନ୍ଦ କରିଦେଲେ । ଫଳତଃ ହଜ୍‌ରତ୍ ଜାହିର୍ ହଜୁର୍‌ଙ୍କୁ ଦେଖିପାରୁନଥିଲେ । ସେ ପଚାରିଲେ ତୁମେ କିଏ ? ମୋତେ ଛାଡିଦିଅ ! କିନ୍ତୁ ଯେତେବେଳେ ସେ ପଛକୁ ବୁଲି ଚାହିଁଲେ ସେତେବେଳେ ଦେଖିବାକୁ ପାଇଲେ ଯେ ଆଁ ହଜ୍‌ରତ୍ ସ:ଆ:ସ ବିଦ୍ୟମାନ । ଯେତେବେଳେ ହଜ୍‌ରତ୍ ଜାହିର୍ ହଜୁର୍‌ଙ୍କୁ ଚିହ୍ନିନେଲେ ଅର୍ଥାତ୍ ଯେତେବେଳେ ଅଳପ କିଛି ମୁହଁ ବୁଲାଇ ଦେଖିନେଲେ । ଚିହ୍ନିବାର ଅର୍ଥ ହେଉଛି ଏଠାରେ ଅଳ୍ପ ଟିକେ କଣେଇ ଚାହିଁବା ଦ୍ୱାରା ସେ ଯେତେବେଳେ ଅନୁଭବ କରିପାରିଲେ ଯେ ଏଠାରେ ଆଁ ହଜ୍‌ରତ୍ ସ:ଆ:ସ ଅଛନ୍ତି ବୋଲି ସେତେବେଳେ ସେ ନିଜର ପିଠିକୁ ନବୀ କରିମ୍ ସ:ଆ:ସଙ୍କ ପବିତ୍ର ଛାତିରେ ଘସିବାକୁ ଲାଗିଲେ । ଆଁ ହଜ୍‌ରତ୍ ସ:ଆ:ସ ଥଟ୍ଟାରେ ଏକଥା କହିଲେ କି କିଏ ଏହି ଗୁଲାମ୍‌କୁ କିଣିବ । ହଜ୍‌ରତ୍ ଜାହିର୍ ଏଥିରେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ଯଦି ଏପରି କରାଯିବ ତେବେ ଆପଣ ସ:ଆ:ସ କ୍ଷତିରେ ରହିବେ । ମୋତେ କିଏ କିଣିବ ? ଏହା ଶୁଣି ନବୀ କରିମ୍ ସ:ଆ:ସ କହିଲେ- ଇଶ୍ୱରଙ୍କ ନିକଟରେ ତୁମେ କ୍ଷତି ହେବାର ସଉଦା ନୁହଁ ବା ଏକଥା କହିଲେ କି ଅଲ୍ଲାଃଙ୍କ ନିକଟରେ ତୁମେ ହେଉଛ ମୂଲ୍ୟବାନ୍ । (ଅସଦୁଲ୍ ଗାବା, ଫି ମାରେଫତୁ ସାହାବା, ଖଣ୍ଡ-୨, ପୃଷ୍ଠା-୯୮), (ଅଲ୍ ଇସ୍ତିଆବ୍ ଫିମାରେଫତୁଲ୍ ଅସହାବ୍, ଖଣ୍ଡ-୨, ପୃଷ୍ଠା-୫୦୯, ଜାହିର୍ ବିନ୍ ହରାମ୍, ଦାରୁଲ୍ ଜୈଲ୍, ବେରୁତ୍ ୧୯୯୨), (ଶମାଇଲୁଲ୍ ମୁହମ୍ମଦିୟା, ଲେତିରିମିଜି, ପୃଷ୍ଠା-୧୪୩..... ବେରୁତ୍)

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ମଧ୍ୟ ନବୀ କରିମ୍ ସ:ଆ:ସଙ୍କର ଏହି ସ୍ନେହପୁର୍ଣ୍ଣ ଘଟଣାକୁ ଗୋଟିଏ ସ୍ଥାନରେ ବର୍ଣ୍ଣନା କରିଛନ୍ତି । ସେ କହୁଛନ୍ତି:- ‘‘ଏହିପରି ଏକଦା ରସୁଲେ କରିମ୍ ସ:ଆ:ସ ବଜାର୍ ଯାଇଥିଲେ । ଆପଣ ସ:ଆ:ସ ଦେଖିଲେ କି ଜଣେ ଗରୀବ ସାହାବୀ ଓ ସଂଯୋଗ ବଶତଃ ତାଙ୍କର ଚେହେରା ଅସୁନ୍ଦର ଥିଲା, ସେ ଭୀଷଣ ଗରମ ଦିନରେ ସାମାନକୁ ଉଠାଇ ଚାଲିଛି ଓ ତାଙ୍କର ସମ୍ପୂର୍ଣ୍ଣ ଶରୀରଟି ଝାଳରେ ଭିଜି ଧୂଳିମାଟି ହୋଇଯାଇଛି । ରସୁଲେ କରିମ୍ ସ:ଆ:ସ ଚୁପ୍ କରି ତାଙ୍କ ପଛପଟକୁ ଚାଲିଗଲେ ଓ ଯେଉଁଭଳି ପିଲାମାନେ ଲୁଚା ଛପା ଖେଳ ଖେଳିଥାନ୍ତି ଓ ଜଣେ ଅନ୍ୟଜଣଙ୍କର ଆଖିକୁ ବନ୍ଦ କରି ଦେଇଥାନ୍ତି ଓ ଏକଥା ଚାହିଁଥାନ୍ତି ଯେ ସେ ଆକଳନ କରି ବତାଉ ଯେ କିଏ ସେ ଆଖିକୁ ବନ୍ଦ କରିଛି ବୋଲି । ସେହିପରି ରସୁଲେ କରିମ୍ ସ:ଆ:ସ ଚୁପ୍‌କିନା ଯାଇ ତାଙ୍କ ଆଖିକୁ ନିଜ ହାତଦ୍ୱାରା ବନ୍ଦ କରିଦେଲେ । ସେ  ଆପଣ ସ:ଆ:ସଙ୍କ ନରମ ହାତକୁ ଧରି ଚିହ୍ନିନେଲା ଯେ ଇଏ ହେଉଛନ୍ତି ରସୁଲେ କରିମ୍ ସ:ଆ:ସ । ତେଣୁ ବହୁତ ଆନନ୍ଦିତ ହୋଇ ସେ ନିଜର ଝାଳୁଆ ଶରୀରକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରିଧାନ ସହିତ ଘଷିବା ଆରମ୍ଭ କରିଦେଲେ । (ଏଥିରେ) ରସୁଲେ କରିମ୍ ସ:ଆ:ସ ହସୁଥାନ୍ତି ଓ ପରିଶେଷରେ ଆପଣ ସ:ଆ:ସ କହିଲେ ମୋ ନିକଟରେ ଜଣେ ଗୁଲାମ୍ ଅଛନ୍ତି । ତାକୁ କିଣିବା ବାଲା କିଏ ଅଛି ? ସେ କହିଲେ ହେ ରସୁଲଲ୍ଲାଃ । ମୋତେ ଏ ଦୁନିଆରେ କିଏ କିଣିପାରିବ ? ଆପଣ ସ:ଆ:ସ କହିଲେ ଏପରି କୁହନାହିଁ । ଖୁଦାଙ୍କ ନିକଟରେ ତୁମର ବହୁତ ବଡ ମୁଲ୍ୟ ଅଛି’’ । (ସୈରେ ରୁହାନି, ପୃଷ୍ଠା-୪୮୯, ମୁଦ୍ରଣ କାଦିଆନ୍ ୨୦୦୫)

ସୁତରାଂ ଏକ ଅଜବ ପ୍ରକାରର ପ୍ରେମର ବୈଭବ ସେହି ଲୋକମାନେ ପାଇଛନ୍ତି ।

ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ସ୍ଥାନରେ କହୁଛନ୍ତି କି *ଇନ୍ନା ଲିକୁଲ୍ଲି ହାଜିରତିନ୍ ବାଦିୟତୁନ୍ ଓ୍ୱ ବାଦିୟତୁନ୍ ଆଲେ ମୁହମ୍ମଦିନ୍ ଜାହିରୁବ୍‌ନୁ ଅଲ୍‌ହରାମ୍ ।* ଅର୍ଥାତ୍ ପ୍ରତ୍ୟେକ ସହରୀଙ୍କର ଜଣେ ନା ଜଣେ ଦେହାତି ବନ୍ଧୁ ଥାଆନ୍ତି ଏବଂ ମୁହମ୍ମଦ୍‌ଙ୍କ କୁଟୁମ୍ବର ଦେହାତି ସମ୍ବନ୍ଧ (ବନ୍ଧୁ) ହେଉଛନ୍ତି ଜାହିର୍ ବିନ୍ ହରାମ୍ । ଜାହିର୍ ବିନ୍ ହରାମ୍ ପରେ କୁଫା ଚାଲିଯାଇଥିଲେ । (ଅଲ୍ ଇସ୍ତିଆବ୍, ଖଣ୍ଡ-୨, ପୃଷ୍ଠା-୫୦୯, ଜାହିର୍ ବିନ୍ ହରାମ୍ ର:ଅ, ମୁଦ୍ରଣ ଦାରୁଲ୍ ଜୈଲ୍, ବେରୁତ୍ ୧୯୯୨)

ଆଉଜଣେ ସାହାବୀ ହେଉଛନ୍ତି ହଜ୍‌ରତ୍ ଜଏଦ୍ ବିନ୍ ଖତାବ୍ । ସେ ହଜ୍‌ରତ୍ ଉମ୍ମର୍ ର:ଅଙ୍କ ବଡଭାଇ ଥିଲେ ଓ ହଜ୍‌ରତ୍ ଉମର୍ ର:ଅଙ୍କ ଇସ୍‌ଲାମ୍ ଗ୍ରହଣ କରିବା ପୂର୍ବରୁ ହିଁ ସେ ଇସ୍‌ଲାମ୍ ଗ୍ରହଣ କରିନେଇଥିଲେ । ପ୍ରାରମ୍ଭରେ ଯେଉଁମାନେ ହିଜ୍‌ରତ୍ କରିଥିଲେ ସେମାନଙ୍କ ମଧ୍ୟରେ ସେ ମଧ୍ୟ ଥିଲେ । ବଦର୍, ଓ୍ୱହଦ୍, ଖନ୍ଦକ, ହୃଦବିୟା ଏବଂ ବୟତେ ରିଜୁଆନ୍ ସମେତ ସମସ୍ତ ଯୁଦ୍ଧରେ ରସୁଲେ କରିମ୍ ସ:ଆ:ସଙ୍କ ସହିତ ଯୋଗ ଦେଇଥିଲେ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କର ମୁଆଖାତ୍ ହଜ୍‌ରତ୍ ମାଆନ୍ ବିନ୍ ଅଦିଙ୍କ ସହିତ କରାଇଥିଲେ । ଏହି ଦୁଇଜଣ ସାହାବୀ ୟମାମା ଯୁଦ୍ଧରେ ଶହୀଦ୍ ହୋଇଛନ୍ତି । (ଅଲ୍ ଇସ୍‌ତିଆବ୍, ଖଣ୍ଡ-୨, ପୃଷ୍ଠା-୫୫୦, ଜଏଦ୍ ବିନ୍ ଖ୍ୱତାବ୍, ମୁଦ୍ରଣ ଦାରୁଲ୍ ଜୈଲ୍, ବେରୁତ୍ ୧୯୯୨), (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮୮, ଜଏଦ୍ ବିନ୍ ଖ୍ୱତାବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଓ୍ୱହଦ୍ ଯୁଦ୍ଧ ଦିନ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ଜଏଦ୍ ର:ଅଙ୍କୁ ଇଶ୍ୱରଙ୍କ ରାଣ ଦେଇ କହିଲେ- (ହଜ୍‌ରତ୍ ଜଏଦ୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କ ବଡ ଭାଇ ଥିଲେ, ତାଙ୍କୁ କହିଲେ) କି ମୋ ଜରାଃ (ଯୁଦ୍ଧ ପୋଷାକ) ପିନ୍ଧିନିଅ । ହଜ୍‌ରତ୍ ଜଏଦ୍ କିଛି ସମୟ ପାଇଁ ଜରାଃ ପିନ୍ଧିଲେ । ପୁଣି ଯୁଦ୍ଧ ସମୟରେ ତାକୁ ଓହ୍ଲାଇଦେଲେ । ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ତାଙ୍କୁ ଜରାଃ ଓହ୍ଲାଇବାର କାରଣ ପଚାରିଲେ ସେଥିରେ ହଜ୍‌ରତ୍ ଜଏଦ୍ ଉତର ଦେଲେ କି ମୁଁ ମଧ୍ୟ ସେହି ଶାହାଦତ୍ ପାଇବାକୁ ଚାହୁଁଛି ଯାହାକୁ ପାଇବା ପାଇଁ ଆପଣ ଆଶା ରଖିଛନ୍ତି । ଫଳତଃ ଦୁଇଜଣଯାକ ଜରାଃ ପିନ୍ଧିବା ପରିତ୍ୟାଗ କରିଦେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮୯, ଜଏଦ୍ ବିନ୍ ଖ୍ୱତାବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ହଜ୍‌ରତ୍ ଜଏଦ୍ ବିନ୍ ଖ୍ୱତାବଙ୍କଠାରୁ ବର୍ଣ୍ଣିତ ଅଛି କି ହୁଜତୁଲ୍ ୱିଦାଃ ଅବସରରେ ରସୁଲେ କରିମ୍ ସ:ଆ:ସ କହିଲେ କି ନିଜ ଗୁଲାମ୍ (କ୍ରୀତଦାସ) ମାନଙ୍କର ଧ୍ୟାନ ରଖ । ନିଜ ଗୁଲାମ୍ ମାନଙ୍କର ଖ୍ୱିଆଲ୍ ରଖ । ସେମାନଙ୍କ ସେଇଥିରୁ ଖାଇବାକୁ ଦିଅ ଯାହା ତୁମେ ଖାଉଅଛ ଏବଂ ସେମାନଙ୍କୁ ତାହା ପିନ୍ଧିବାକୁ ଦିଅ ଯାହା ତୁମେ ନିଜେ ପିନ୍ଧୁଅଛି । ଯଦି ସେମାନେ କୌଣସି ଭୁଲ୍ କରିଦିଅନ୍ତି ଓ ତୁମେମାନେ ସେମାନଙ୍କୁ କ୍ଷମା କରିବାକୁ ନ ଚାହଁ ତେବେ ହେ ଇଶ୍ୱରଙ୍କର ଭକ୍ତମାନେ ! ସେମାନଙ୍କୁ ବିକ୍ରି କରିଦିଅ ଓ ସେମାନଙ୍କୁ ଦଣ୍ଡ ଦିଅନାହିଁ । ୟମାମା ଯୁଦ୍ଧ ସମୟରେ ଯେତେବେଳେ ମୁସଲ୍‌ମାନ୍‌ମାନେ ସ୍ଥିର ହୋଇ ରହିପାରିଲେ ନାହିଁ ସେତେବେଳେ ହଜ୍‌ରତ୍ ଜଏଦ୍ ବିନ୍ ଖ୍ୱତାବ୍ ବଡପାଟିରେ ଡାକିଲେ । ଅର୍ଥାତ୍ ଏ ପ୍ରାର୍ଥନା କଲେ କି ହେ ଅଲ୍ଲା ! ମୋ ସାଥିମାନେ ରଣକ୍ଷେତ୍ର ଛାଡି ଚାଲିଯିବା ଯୋଗୁ ମୁଁ ତୁମ ନିକଟରେ କ୍ଷମା ପ୍ରାର୍ଥନା କରୁଅଛି ଓ ମୁସ୍‌ଲିମା କଜ୍ଜାବ୍ ଏବଂ ମୁହକ୍କମ୍ ବିନ୍ ତୁଫୈଲ୍ ଯେଉଁ କାମ କରିଛନ୍ତି ମୁଁ ସେହି ସମ୍ବନ୍ଧରେ ତୁମ ନିକଟରେ ନିଜର ମୁକ୍ତି ପ୍ରକାଶ କରୁଛି । ପୁଣି ସେ ଧ୍ୱଜାକୁ ଦୃଢ଼ତାର ସହିତ ଧରି ଶତ୍ରୁଙ୍କ ଧାଡିଠାରୁ ଆଗକୁ ବଢ଼ି ନିଜ ତରବାରି ପ୍ରୟୋଗ କରି ଶତ୍ରୁଙ୍କ ସହିତ ଲଢ଼ିଲେ । ଫଳତଃ ସେଠାରେ ହିଁ ସେ ଶହୀଦ୍ ହୋଇଗଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮୮, ଜଏଦ୍ ବିନ୍ ଖ୍ୱତାବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ଯେତେବେଳେ ହଜ୍‌ରତ୍ ଜଏଦ୍ ର:ଅ ଶହୀଦ୍ ହେଲେ ସେତେବଳେ ହଜ୍‌ରତ୍ ଉମର ୍ର:ଅ କହିଲେ ହେ ଅଲ୍ଲାଃ ! ଜଏଦ୍‌ଙ୍କ ଉପରେ ଦୟା କର । ମୋ ଭାଇ ଦୁଇଟି ପୁଣ୍ୟରେ ମୋ ଠାରୁ ଆଗକୁ ବଳିଗଲେ ଅର୍ଥାତ୍ ଇସ୍‌ଲାମ୍ ଗ୍ରହଣ କରିବାରେ ମଧ୍ୟ ସେ ମୋ ପୂର୍ବରୁ ହିଁ ଇସ୍‌ଲାମ୍ ଗ୍ରହଣ କଲେ ଓ ଶହୀଦ୍ ମଧ୍ୟ ମୋ ପୂର୍ବରୁ ହେଲେ । (ଅଲ୍ ଅସାବା ଫିତମିଜିସ୍ ସାହାବା ଲେ ଇବ୍‌ନେ ହଜର୍ ଅସ୍‌କଲାନି ଖଣ୍ଡ-୪, ପୃଷ୍ଠା-୫୦୦, ଜିକର୍ ଜଏଦ୍ ବିନ୍ ଖ୍ୱତାବ୍)

ଆଉଗୋଟିଏ ରିୱାୟତ୍‌ରେ ଆସୁଛି କି ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ମୁତମ୍ମିମ୍ ବିନ୍ ନୈୱିରାଃକୁ ତାଙ୍କ ଭାଇ ମାଲିକ୍ ବିନ୍ ନୁୱିରାଃଙ୍କ ସ୍ମୃତିରେ ମର୍ସିୟା (ଶୋକ ସଂଗୀତ) କହିବାର ଶୁଣିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ କହିଲେ କି ଯଦି ମୁଁ ମଧ୍ୟ ତୁମ ପରି ଭଲ କବିତା କହିଥାନ୍ତି ତେବେ ମୁଁ ମୋ ନିଜ ଭାଇ ଜଏଦ୍‌ଙ୍କ ପାଇଁ ମଧ୍ୟ ଏପରି କବିତା କହିଥାନ୍ତି ଯେପରି ତୁମେ ତୁମ ଭାଇଙ୍କ ପାଇଁ କହିଛ । ଏଥିରେ ମୁତମ୍ମିମ୍ ବିନ୍ ନୁୱିରାଃ କହିଲେ ଯେ ଯଦି ମୋ ଭାଇ ମଧ୍ୟ ଏହିପରି ଏ ସଂସାରରୁ ଚାଲିଯାଇଥାଆନ୍ତା ଯେପରି ଆପଣଙ୍କ ଭାଇ ଚାଲିଯାଇଛନ୍ତି ତେବେ ମୁଁ ମଧ୍ୟ ସେଥିରେ ଦୁଃଖ କରିନଥାନ୍ତି । ଏଥିରେ ହଜ୍‌ରତ୍ ଉମ୍ମର୍ ର:ଅ ତାଙ୍କୁ କହିଲେ କି ଆଜି ପର୍ଯ୍ୟନ୍ତ କୌଣସି ଲୋକ ମୋତେ ଏପରି ତାଜିୟତ୍ (ସମବେଦନା) ଜଣାଇନାହାଁନ୍ତି ଯେପରି ତୁମେ ଜଣାଇଛ । (ଅଲ୍ ଇସ୍‌ତିଆବ୍, ଖଣ୍ଡ-୨, ପୃଷ୍ଠା-୫୫୩, ଜଏଦ୍ ବିନ୍ ଖ୍ୱତାବ୍, ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ୍ ୧୯୯୨)

ଉକ୍ତ ଘଟଣାର ଗୋଟିଏ ବ୍ୟାଖ୍ୟା ପୂର୍ବକ ରିୱାୟତ୍ ମଧ୍ୟ ମିଳୁଛି ଯେ ହଜ୍‌ରତ୍ ଉମର୍ ର:ଅ ହଜ୍‌ରତ୍ ମୁତମ୍ମିମ୍ ବିନ୍ ନୁୱିରାଃ ର:ଅଙ୍କ କହିଲେ କି ତୁମ ଭାଇ ଯୋଗୁ ତୁମେ କିପରି ଦୁଃଖ ଅନୁଭବ କରୁଛ । ଏଥିରେ ସେ ନିଜର ଗୋଟିଏ ଆଖି ପ୍ରତି ଅଙ୍ଗୁଳି ଦେଖାଇ କହିଲେ କି ମୋର ଏହି ଆଖିଟି ଏହି ଦୁଃଖରେ ନଷ୍ଟ ହୋଇଯାଇଛି । ମୁଁ ମୋର ଭଲ ଆଖି ଦ୍ୱାରା ଏତେ କାନ୍ଦିଛି ଯେ ନଷ୍ଟ ହୋଇଯାଇଥିବା ଆଖିଟି ମଧ୍ୟ ଅଶ୍ରୁ ବୁହାଇବାରେ ତାକୁ ସାହାଯ୍ୟ କଲା । ହଜ୍‌ରତ୍ ଉମର୍ ର:ଅ କହିଲେ କି ଏହା ହେଉଛି ଦୁଃଖର ଏପରି ପରିପ୍ରକାଶ କେହି ନିଜର (ନିକଟ ସମ୍ପର୍କୀୟଙ୍କ ମୃତ୍ୟୁରେ) ମଧ୍ୟ ଏ ପ୍ରକାରର ଦୁଃଖକୁ ପରିପ୍ରକାଶ କରିନଥିବେ । ପୁଣି ହଜ୍‌ରତ୍ ଉମର୍ ର:ଅ କହିଲେ କି ଇଶ୍ୱର ଜଏଦ୍ ବିନ୍ ଖ୍ୱତାବ୍‌ଙ୍କ ଉପରେ ଦୟା କରନ୍ତୁ । ଯଦି ମୁଁ ଶେର୍ (ଦୁଃଖପୂର୍ଣ୍ଣ କବିତା) କହିବା ପାଇଁ ଶକ୍ତି ରଖିଥାନ୍ତି ତେବେ ମୁଁ ମଧ୍ୟ ନିଶ୍ଚିତ ରୂପେ ହଜ୍‌ରତ୍ ଜଏଦ୍ ର:ଅଙ୍କ ନିମନ୍ତେ ଏହିପରି କାନ୍ଦିଥାନ୍ତି ଯେଉଁପରି ତୁମେ ତୁମ ଭାଇପାଇଁ କାନ୍ଦୁଛ । ହଜ୍‌ରତ୍ ମୁତମ୍ମିନ୍ ର:ଅ କହିଲେ ଯେ ହେ ଅମିରୁଲ୍ ମୁମିନିନ୍ ! ଯଦି ମୋ ଭାଇ ୟମାମା ଯୁଦ୍ଧରେ ସେହିଭଳି ଶହୀଦ୍ ହୋଇଥାଆନ୍ତା ଯେଉଁଭଳି ଆପଣଙ୍କ ଭାଇ ଶହୀଦ୍ ହୋଇଥାନ୍ତି ତେବେ ମୁଁ କଦାପି କାନ୍ଦିନଥାନ୍ତି । ଏକଥା ହଜ୍‌ରତ୍ ଉମର୍ ର:ଅଙ୍କ ହୃଦୟକୁ ସ୍ପର୍ଶ କଲା ଓ ନିଜ ଭାଇ ତରଫରୁ ତାଙ୍କୁ ଶାନ୍ତ୍ୱନା ମିଳିଲା । ହଜ୍‌ରତ୍ ଉମର୍ ର:ଅଙ୍କୁ ନିଜ ଭାଇଙ୍କ ବିଛେଦ ବହୁତ ଦୁଃଖ ଦେଇଥିଲା । ସେ କହୁଥିଲେ କି ଯେତେବେଳେ ମଳୟ ମରୁତ ବହେ ସେତେବେଳେ ମୋ ନିକଟକୁ ସେ ଜଏଦ୍‌ଙ୍କ ବାସ୍ନା ଆଣିଥାଏ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮୯, ଜଏଦ୍ ବିନ୍ ଖ୍ୱତାବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ମୁସ୍‌ଲିମା କଜ୍ଜାବ୍‌ଙ୍କ ସାଥିମାନଙ୍କ ମଧ୍ୟରୁ ରଜ୍ଜାଲ୍ ବିନ୍ ଉନ୍‌ଫୁୱାଃ ହଜ୍‌ରତ୍ ଜଏଦ୍ ବିନ୍ ଖତାବ୍‌ଙ୍କ ହାତରେ ମୃତ୍ୟୁବରଣ କରିଥିଲା । ଗୋଟିଏ ରିୱାୟତ୍‌ରେ ରଜ୍ଜାଲ୍ ବିନ୍ ଉନ୍‌ଫୁଆଙ୍କ ନାମା ନହାର୍ ମଧ୍ୟ ଆସିଛି । ସେ ସେହି ବ୍ୟକ୍ତି ଥିଲା ଯିଏ ଇସ୍‌ଲାମ୍ ଗ୍ରହଣ କରିଥିଲା । ହିଜ୍‌ରତ୍ କରିଥିଲା ଏବଂ ପବିତ୍ର କୋରାନ୍‌ର କାରୀ ଥିଲା । କିନ୍ତୁ ପୁଣି ମୁସ୍‌ଲିମା ସହିତ ଯାଇ ମିଶିଗଲା । (ସେଇଥିପାଇଁ ସର୍ବଦା ଶେଷ ପରିଣାମ ଉତମ ହେବାପାଇଁ ପ୍ରାର୍ଥନା କରିବା ଉଚିତ୍) ଓ ଯାଇ ତାକୁ କହିଲା କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଶୁଣିଛି ଯେ ସେ ତୁମକୁ ନବୁୱତ୍ ସହିତ ମିଶାଇ ସାରିଛନ୍ତି । ଏହା ବନୁ ହନିଫାଃଙ୍କ ପାଇଁ ସବୁଠାରୁ ବଡ ଫିତ୍‌ନା (ବିଭ୍ରାଟ) ଥିଲା । ହଜ୍‌ରତ୍ ଅବୁ ହୁରେରା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ଗୋଟିଏ ପ୍ରତିନିଧି ମଣ୍ଡଳ ସହିତ ବସିଥିଲି । ଆମ ସହିତ ରଜ୍ଜାଲ୍ ବିନ୍ ଉନ୍‌ଫୁୱା ମଧ୍ୟ ଥିଲେ । ଆପଣ ସ:ଆ:ସ କହିଲେ କି ତୁମମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଅଛନ୍ତି ଯାହାଙ୍କ ଦାଢ଼ି ଓ୍ୱହଦ୍ ପାହାଡ ପରି ନିଆଁରେ ପଡିବ ଅର୍ଥାତ୍ ସେ ନିଆଁରେ ପଡିବ । ସେ ଗୋଟିଏ କୌମ୍‌କୁ ପଥଭ୍ରଷ୍ଟ କରିବ । ପୁଣି (ସେଠାରେ) ମୁଁ ଏବଂ ରଜ୍ଜାଲ୍ ବିନ୍ ଉନ୍‌ଫୁୱା ହିଁ ବାକି ରହିଯାଇଥିଲୁ । (ତେଣୁ) ମୁଁ ସର୍ବଦା ଏ ସମ୍ବନ୍ଧରେ ଭୟରେ ରହୁଥିଲି ଏପରିକି ରଜ୍ଜାଲ୍ ବିନ୍ ଉନ୍‌ଫୁୱା ମୁସ୍‌ଲିମା କଜ୍ଜାବ୍ ସହିତ ମିଶିଗଲା ଓ ସେ ତା ନବୁୱତ୍‌ର ସାକ୍ଷୀ ଦେଲା । ଏହି ରଜ୍ଜାଲ୍ ବିନ୍ ଉନ୍‌ଫୁୱାଙ୍କୁ ୟମାମା ଯୁଦ୍ଧରେ ହତ୍ୟା କରାଗଲା ଓ ହଜ୍‌ରତ୍ ଜଏଦ୍ ବିନ୍ ଖତାବ୍ ତାଙ୍କୁ ହତ୍ୟା କଲେ । (ଅଲ୍ ଇସ୍‌ତିଆବ୍, ଖଣ୍ଡ-୨, ପୃଷ୍ଠା-୫୫୧-୫୫୨, ଜଏଦ୍ ବିନ୍ ଖତାବ୍, ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ୍)

ହଜ୍‌ରତ୍ ଜଏଦ୍ ବିନ୍ ଖତାବ୍‌ଙ୍କୁ ଅବୁ ମରିୟମ୍ ଅଲ୍ ହନ୍‌ଫି ଶହୀଦ୍ କରିଥିଲା । ହଜ୍‌ରତ୍ ଉମର୍ ର:ଅ ଏକଦା ଅବୁ ମରିୟମ୍‌ଙ୍କୁ ଯେତେବେଳେ ସେ ଇସ୍‌ଲାମ ଗ୍ରହଣ କଲେ, କହିଲେ କି ତୁମେ ଜଏଦ୍‌ଙ୍କୁ ଶହୀଦ୍ କରିଥିଲ । ସେ ହଜ୍‌ରତ୍ ଉମର୍ ର:ଅଙ୍କୁ କହିଲେ- ହେ ଅମିରୁଲ୍ ମୁମିନୀନ୍ ! ଅଲ୍ଲାଃତାଲା ହଜ୍‌ରତ୍ ଜଏଦ୍ ର:ଅଙ୍କୁ ମୋ ହାତରେ ସମ୍ମାନ ପ୍ରଦାନ କରିଛନ୍ତି ଏବଂ ମୋତେ ତାଙ୍କ ହାତରେ ତିରସ୍କୃତ କରିନାହାଁନ୍ତି । ହଜ୍‌ରତ୍ ଉମର୍ ର:ଅ ଅବୁ ମରିୟମ୍‌କୁ କହିଲେ କି ତୁମ ମୁତାବକ ୟମମା ଯୁଦ୍ଧ ଦିନ ମୁସଲ୍‌ମାନ୍‌ମାନେ ତୁମର କେତେ ଲୋକଙ୍କୁ ହତ୍ୟା କରିଥିଲେ । ଅବୁ ମରିୟମ୍ କହିଲେ ୧୪୦୦ ବା ଆଉ କିଛିଟା ଅଧିକା ହେବ । ହଜ୍‌ରତ୍ ଉମର୍ ର:ଅ କହିଲେ- ବିସଲ୍ କତ୍‌ଲା ଅର୍ଥାତ୍ ଏହା କେଡେ ଖରାପ ମରଣ ଥିଲା । ଅବୁ ମରିୟମ୍ କହିଲା କି ସମସ୍ତ ପ୍ରଶଂସା ହେଉଛି ଅଲ୍ଲାଃତାଲାଙ୍କ ପାଇଁ ଯିଏ ମୋତେ ବାକି ରଖିଦେଲେ । ଏପରିକି ମୁଁ ସେହି ଧର୍ମଆଡକୁ ଚାଲିଆସିଲି ଯାହାକୁ ସେ ନିଜ ନବୀ ଓ ମୁସଲ୍‌ମାନ ମାନଙ୍କ ପାଇଁ ପସନ୍ଦ କରିଛନ୍ତି । ହଜ୍‌ରତ୍ ଉମର ୍ର:ଅ ଅବୁ ମରିୟମ୍‌ଙ୍କ ଏକଥାରେ ବହୁତ ଖୁସି ହେଲେ । ପରେ ଅବୁ ମରିୟମ୍ ମଧ୍ୟ ବସ୍‌ରା ରାଜ୍ୟର କାଜି ନିୟୋଜିତ ହେଲେ । (ଅଲ୍ ଇସ୍‌ତିଆବ୍ ଫିମାରଫତିଲ୍ ଅସ୍‌ହାବ୍, ଖଣ୍ଡ-୨, ପୃଷ୍ଠା-୧୨୧, ଜିକର୍ ଜଏଦ୍ ବିନ୍ ଖତାବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୨), (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୮୮-୨୮୯, ଜଏଦ୍ ବିନ୍ ଖତାବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

ତା ପରେ ଯେଉଁ ସାହାବୀଙ୍କର ନାମ ଆସୁଛି ସେ ହେଉଛନ୍ତି ହଜ୍‌ରତ୍ ଅବାଦାଃ ବିନ୍ ଖଶ୍‌ଖାଶ୍ । ହଜ୍‌ରତ୍ ଅବାଦାଃ ବିନ୍ ଖଶ୍‌ଖାଶ୍‌ଙ୍କ ନାମକୁ ୱାକ୍‌ଦି ଅବ୍‌ଦା ବିନ୍ ହସ୍‌ହାସ୍ ବୋଲି ବର୍ଣ୍ଣନା କରିଛି । ଯେବେ କି ଇବ୍‌ନେ ମନ୍‌ଦାଃ ତାଙ୍କ ନାମକୁ ଉବାଦା ବିନ୍ ଖଶ୍‌ଖାଶ୍ ଅମ୍ବରି ରୂପେ ବର୍ଣ୍ଣନା କରିଛନ୍ତି । ସେ ଯାହାହେଉ ତାଙ୍କ ସମ୍ବନ୍ଧ ବଲୈ କବିଲା ସହିତ ଥିଲା । ହଜ୍‌ରତ୍ ମୁଜାଜ୍ଜର୍ ବିନ୍ ଜିୟାଦ୍‌ଙ୍କର ସେ ଚଚା ପୁଅ ଭାଇଥିଲେ ଏବଂ ତାଙ୍କ ମାଆଙ୍କ ତରଫରୁ ମଧ୍ୟ ଭାଇ ଥିଲେ । ସେ ବନୁ ସାଲିମ୍‌ର ବନ୍ଧୁ ଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୫୩, ହଜ୍‌ରତ୍ ଅବାଦାଃ ବିନ୍ ଖଶ୍‌ଖାଶ୍)

ହଜ୍‌ରତ୍ ଅବାଦାଃ ବିନ୍ ଖଶ୍‌ଖାଶ୍ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ କଏସ୍ ବିନ୍ ସାଏବଙ୍କୁ ବଦର୍ ଯୁଦ୍ଧରେ ବନ୍ଦୀ କରିଥିଲେ । ହଜ୍‌ରତ୍ ଅବାଦାଃ ବିନ୍ ଖଶ୍‌ଖାଶ୍ ଓ୍ୱହଦ୍ ଯୁଦ୍ଧଦିନ ଶହୀଦ୍ ହେଲେ ଓ ତାଙ୍କୁ ହଜ୍‌ରତ୍ ନୁମାନ୍ ବିନ୍ ମାଲିକ୍ ଏବଂ ହଜ୍‌ରତ୍ ମୁଜଜ୍ଜିରମିନ ଜିୟାଦ୍‌ଙ୍କ ସହିତ ଗୋଠିଏ କବରରେ ଦଫନ କରାଗଲା । (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୧୫୭ ''ହଜ୍‌ରତ୍ ଅବାଦା ବିନ୍ ଖଶ୍‌ଖାଶ୍ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩) (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୫୧୩ ''ହଜ୍‌ରତ୍ ଅବାଦା ବିନ୍ ହସ୍‌ହାସ୍ ର:ଅ'', ମୁଦ୍ରଣ ଦାରୁଲ୍ ଫିକର୍, ବେରୁତ୍ ୨୦୦୩)

ଏବେ ମୁଁ ଯେଉଁ ସାହାବୀଙ୍କର ଚର୍ଚ୍ଚା କରିବି ତାଙ୍କ ନାମ ହେଉଛି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜଦ୍ଦ । ତାଙ୍କ ବାପାଙ୍କ ନାମ ହେଉଛି ଜଦ୍ଦ ବିନ୍ କଏସ୍ । ତାଙ୍କ କୁନିୟତ୍ ଅବୁ ଓ୍ୱହବ୍ ଥିଲା । ତାଙ୍କର ସମ୍ବନ୍ଧ ବନୁ ସଲ୍‌ମା କବିଲା ସହିତ ଥିଲା ଯାହା ଅନ୍‌ସାରଙ୍କ ଗୋଟିଏ କବିଲା ଥିଲା । ହଜ୍‌ରତ୍ ମୁଆଜ୍ ବିନ୍ ଜବଲ୍ ମାଆଙ୍କ ତରଫରୁ ତାଙ୍କର ଭାଇ ଥିଲେ । ହଜ୍‌ରତ୍ ଅବ୍‌ଦୁଲ୍ଲା ବିନ୍ ଜଦ୍ଦ୍ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୪୩୦, ଅବ୍‌ଦୁଲ୍ଲାଃ ବିନ୍ ଜଦ୍ଦ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) , (ଅସଦୁଲ୍ ଗାବା, ଖଣ୍ଡ-୩, ପୃଷ୍ଠା-୧୯୬ ''ଅବ୍‌ଦୁଲ୍ଲାଃ ବିନ୍ ଜଦ୍ଦ୍ ର:ଅ'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ତବୁକ୍ ଯୁଦ୍ଧ ମୌକାରେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜଦ୍ଦ୍‌ଙ୍କ ବାପା ଅବୁ ଓ୍ୱହବ୍‌ଙ୍କୁ କହିଲେ ଯେ ହେ ଅବୁ ଓ୍ୱହବ୍ ଏବର୍ଷ କଣ ତୁମେ ଆମ ସହିତ ଯୁଦ୍ଧ କରିବା ପାଇଁ ବାହାରିବ ? ଅବୁ ଓ୍ୱହବ୍ କହିଲେ କି ଆପଣ ମୋତେ ଅନୁମତି ଦିଅନ୍ତୁ ଏବଂ ଫିତ୍‌ନାରେ ଲିପ୍ତ

ନକରନ୍ତୁ । ମୁଁ ଯାଇପାରିବି ନାହିଁ । ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ମୁଖରେ ସେ ଯେଉଁ ଅଜବ ପ୍ରକାରର ବାହାନା କଲା କି ମୋ କୌମ୍ ଜାଣିଛି ଯେ ମୁଁ ମହିଳାମାନଙ୍କୁ ବହୁତ ପସନ୍ଦ କରିଥାଏ । ଯଦି ମୁଁ ବନୁ ଅସ୍‌ଫର୍ ଅର୍ଥାତ୍ ରୋମିୟ ମହିଳାମାନଙ୍କ ଦେଖିବି ସେତେବେଳେ ମୁଁ ନିଜ ଉପରେ ଆୟତ କରିପାରିବି ନାହିଁ । ରସୁଲେ କରିମ୍ ସ:ଆ:ସ ଏକଥାରେ ତାଠାରୁ ମୁହଁ ବୁଲାଇ ନେଲେ ଏବଂ ତାଙ୍କୁ ଅନୁମତି ଦେଇଦେଲେ । ଠିକ୍ ଅଛି, ବାହାନା କରୁଛ, ଛୁଟି ଦେଇଦେଲୁ, ନ ଯାଅ । ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଜଦ୍‌ଙ୍କୁ ଯେତେବେଳେ ଏ ବିଷୟରେ ଜଣାପଡ଼ିଲା ସେ ତାଙ୍କ ବାପାଙ୍କ ନିକଟକୁ ଆସି କହିଲେ କି ଆପଣ ରସୁଲୁଲ୍ଲାଃ ସ:ଆ:ସଙ୍କ କଥାକୁ କାହିଁକି ଅସ୍ୱୀକାର କଲେ ? ଅଲ୍ଲାଃଙ୍କ ରାଣ ଆପଣ ତ ହେଉଛନ୍ତି ବନୁ ସଲ୍‌ମାର ସବୁଠାରୁ ଧନୀ ଲୋକ । ତେଣୁ ଆଜି ମୌକା ମିଳିଛି ସେଥିରେ ଭାଗ ନିଅ । ନା ତ ଆପଣ ନିଜେ ଯୁଦ୍ଧ ପାଇଁ ବାହାରୁଛନ୍ତି ନା କାହାକୁ ଘୋଡା ଯୋଗାଇ ଦେଉଛନ୍ତି । ଏଥିରେ ସେ କହିଲେ ହେ ମୋର ପୁତ୍ର ! ଏବେ ଏଠାରେ ପୁଅ ସମ୍ମୁଖରେ ମଧ ଆଉଗୋଟିଏ ବାହାନା କଲେ କି ମୁଁ କାହିଁକି ଏହି ଗରମ ଋତୁରେ ବନୁ ଅସ୍‌ଫ ଆଡକୁ ବାହାରିବି । ଅଲ୍ଲାଃଙ୍କ ରାଣ ମୁଁ ତ ଖୁର୍‌ବା (ଯେଉଁଠାରେ ବନୁ ସଲ୍‌ମାର ଘର ଥିଲା)ରେ ଅବସ୍ଥିତ ଥିବା ନିଜ ଘରେ ମଧ ସେମାନଙ୍କ ଭୟରେ ନିଜକୁ ସୁରକ୍ଷା ମଣୁନାହିଁ । ରୋମିମାନଙ୍କ (ଆକ୍ରମଣର) ବହୁତ ଭୟ ଥିଲା ଓ ସେ ବହୁତ ଭୟାଳୁ ବ୍ୟକ୍ତି ଥିଲେ । ତେବେ କଣ ମୁଁ ସେମାନଙ୍କ ବିରୋଧରେ ଯାଇ ସେମାନଙ୍କ ସହିତ ଯୁଦ୍ଧରେ ସାମିଲ୍ ହେବି । ହେ ପୁତ୍ର ! ଅଲ୍ଲାଃଙ୍କ ରାଣ ମୁଁ ଏ ସଂସାରର ପରିସ୍ଥିତି ବିଷୟରେ ଖୁବ୍ ଜାଣିଛି । ଆଜି କିଛି ତ କାଲି ଆଉକିଛି ହୋଇଥାଏ । ତାଙ୍କର ଏକଥାକୁ ଶୁଣି ହଜ୍‌ରତ୍ ଅବ୍‌ଦୁଲ୍ଲାଃ ନିଜ ବାପାଙ୍କ ସହିତ କଠୋରତା ଅବଲମ୍ବନ କରି କହିଲେ କି ଅଲ୍ଲାଃଙ୍କ ରାଣ ଆପଣଙ୍କ ନିକଟରେ ତ ନଫାକ୍ ମିଳୁଛି ଓ ଅଲ୍ଲାଃତାଲା ନିଶ୍ଚିତ ରୂପେ ଆପଣଙ୍କ ସମ୍ବନ୍ଧରେ ରସୁଲୁଲ୍ଲା ସ:ଆ:ସଙ୍କ ଉପରେ ପବିତ୍ର କୋରାନ୍ ଅବତୀର୍ଣ୍ଣ କରିବେ ଯାହାକୁ ସମସ୍ତେ ପଢ଼ିନେବେ । ଅଲ୍ଲାଃତାଲା ପ୍ରକାଶ କରିଦେବ ଯେ ଆପଣ ହେଉଛନ୍ତି ମୁନାଫିକ୍ ମାନଙ୍କ ମଧ୍ୟରୁ ଜଣେ । ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ବାପା ଏ କଥାରେ (କ୍ଷୋଭ ପ୍ରକାଶ କରି) ନିଜ ଜୋତା ଉଠାଇ ତାଙ୍କୁ ମାରିଲେ । ଅବ୍‌ଦୁଲ୍ଲାଃ ସେଠାରୁ ଚାଲିଗଲେ ଓ ନିଜ ବାପାଙ୍କ ସହିତ କଥା ହେଲେନାହିଁ । (କିତାବୁଲ୍ ମଗାଜି, ଲିଲ୍ ୱାକ୍‌ଦି ଖଣ୍ଡ-୨, ପୃଷ୍ଠା-୩୮୧, ଗଜ୍‌ୱାଏ ତବୁକ୍, ଦାରୁଲ୍ କୁତୁବ୍ ବେରୁତ୍ ୨୦୦୪), (ୱଫାଇଲ୍ ୱଫାଆ, ଖଣ୍ଡ-୪, ପୃଷ୍ଠା-୬୭, ମୁଦ୍ରଣ- ଅଲ୍ ମକ୍‌ତବତୁଲ୍ ହକ୍କାନିୟାଃ ପେଶାୱର୍)

ଜଦ୍ ବିନ୍ କଏସ୍ ଯିଏ ହଜ୍‌ରତ୍ ଅବ୍‌ଦୁଲ୍ଲାଃଙ୍କ ବାପା ଥିଲେ ଉସଦୁଲ୍ ଗାବାରେ ଗୋଟିଏ ସ୍ଥାନରେ ତାଙ୍କ ସମ୍ବନ୍ଧରେ ଲେଖାହୋଇଛି କି ସେ ମୁନାଫିକ୍ ଥିଲେ । ସେ ହୃଦବିୟାରେ ଯୋଗ ଦେଇଥିଲେ କିନ୍ତୁ ଯେତେବେଳେ ଲୋକମାନେ ନବୀ କରିମ୍ ସ:ଆ:ସଙ୍କର ବୟତ୍ କଲେ ସେତେବେଳେ ମଧ ସେ ବୟତରେ ସାମିଲ୍ ହୋଇନଥିଲେ ଓ କୁହାଯାଏ କି ପରେ ସେ ତୌବା କରିଥିଲେ । ଏବଂ ତାଙ୍କର ଦେହାନ୍ତ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ହୋଇଥିଲା । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୫୨୧, ''ଜଦ୍ ବିନ୍ କଏସ୍'', ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩)

ବର୍ତମାନ ଯେଉଁ ସାହାବୀଙ୍କର ମୁଁ ଚର୍ଚ୍ଚା କରିବି ସେ ହେଉଛନ୍ତି ହଜ୍‌ରତ୍ ହାରିସ୍ ବିନ୍ ଅଓସ୍ ବିନ୍ ମାଆଜ୍ । ସେ କବିଲା ଅଓସ୍‌ର ସର୍ଦ୍ଦାର ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍‌ଙ୍କ ପୁତୁରା ଥିଲେ । ବଦର୍ ଏବଂ ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ତାଙ୍କ ସମ୍ବନ୍ଧରେ କୁହାଯାଏ କି ସେ ୨୮ ବର୍ଷ ବୟସରେ ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇଛନ୍ତି । କିନ୍ତୁ ଅନ୍ୟ କେତେକ ରିୱାୟତ୍‌ରୁ ଜଣାପଡୁଛି ଯେ ସେ ୱହଦ୍ ଯୁଦ୍ଧରେ ଶହୀଦ୍ ହୋଇନଥିଲେ । ସୁତରାଂ ହଜ୍‌ରତ୍ ଆଇସା ର:ଅ ବର୍ଣ୍ଣନା କରୁଛନ୍ତି କି ମୁଁ ଖନ୍ଦକ୍ ଯୁଦ୍ଧ ଅବସରରେ ଲୋକମାନଙ୍କ ପଦାଙ୍କ ଅନୁସରଣ କରି ବାହାରିଲି । ମୁଁ ମୋ ପଛରେ ଭୂଇଁର କିଛି ଶବ୍ଦ ଶୁଣିବାକୁ ପାଇଲି । ଯେତେବେଳେ ଲେଉଟିକି ଦେଖିଲି ସେତେବେଳେ ହଜ୍‌ରତ୍ ସାଆଦ୍ ବିନ୍ ମାଆଜ୍ ଥିଲେ ଏବଂ ତାଙ୍କ ପୁତୁରା ହାରିସ୍ ବିନ୍ ଅଓସ୍ ମଧ ତାଙ୍କ ସହିତ ଥିଲେ ଯିଏ ନିଜର ଢ଼ାଲକୁ ଉଠାଇ ରଖିଥିଲେ । ଏହି ରିୱାୟତ୍ ଏ କଥାର ମଧ ପ୍ରମାଣ ଦେଉଛି ଯେ ସେ ୱହଦ୍ ଯୁଦ୍ଧ ପରେ ମଧ ଜୀବିତ ଥିଲେ । (ଉସଦୁଲ୍ ଗାବା, ଖଣ୍ଡ-୧, ପୃଷ୍ଠା-୫୮୯, ''ହାରିସ୍ ବିନ୍ ଅଓସ୍ ବିନ୍ ମାଆଜ୍'' ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୩) (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୮, ପୃଷ୍ଠା-୨୫୬, ହଦିସ୍ ଆଇଶା ର:ଅ, ମୁଦ୍ରଣ ଆଲେମୁଲ୍ କୁତୁବ୍ ବେରୁତ୍ ୧୯୯୮)

ହଜ୍‌ରତ୍ ହାରିସ୍‌ଙ୍କ ସମ୍ବନ୍ଧରେ ବର୍ଣ୍ଣନା କରାଯାଉଛି ଯେ ସେ ଉକ୍ତ ଲୋକମାନଙ୍କ ମଧ୍ୟରେ ସାମିଲ୍ ଥିଲେ ଯିଏ କାଆବ୍ ବିନ୍ ଅଶ୍‌ରଫ୍‌ଙ୍କୁ ହତ୍ୟା କରିଥିଲେ ଓ ସେହି ଆକ୍ରମଣ ସମୟରେ ତାଙ୍କ ଗୋଡରେ କ୍ଷତ ଲାଗିଲା ଓ ରକ୍ତ ବହିବାକୁ ଲାଗିଲା । ସାହାବାମାନେ ତାଙ୍କୁ ଉଠାଇ ରସୁଲୁଲ୍ଲା ସ:ଆ:ସଙ୍କ ନିକଟକୁ ନେଇ ଆସିଲେ । (ସହି ବୁଖାରୀ, କିତାବୁଲ ମଗାଜି, ବାବ୍ କତଲ୍ କାଆବ୍ ବିନ୍ ଅଶ୍‌ରଫ୍ ହଦିସ୍ ନଂ-୪୦୩୭), (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୩୪.... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)

କାଆବ୍ ବିନ୍ ଅଶ୍‌ରଫ୍ ମଦ୍ଦିନାର ସର୍ଦ୍ଦାରମାନଙ୍କ ମଧ୍ୟରୁ ଜଣେ ଥିଲା ଓ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚୁକ୍ତିରେ ସାମିଲ୍ ହୋଇଥିଲା । କିନ୍ତୁ ଚୁକ୍ତି କରିବା ପରେ ସେ ଫିତ୍‌ନା (ବିଭ୍ରାଟ) କରିବା ପାଇଁ ଚେଷ୍ଟା କଲା । ତେଣୁ ତାକୁ ହତ୍ୟା କରିବା ପାଇଁ ଆଁ ହଜ୍‌ରତ୍ ସ:ଆ:ସ ନିର୍ଦ୍ଦେଶ ଦେଲେ । ସେ ଯାହା ହେଉ ଏହି ଅବସରରେ ଯେଉଁ କ୍ଷତ ପହଂଚିଥିଲା ସେ ବିଷୟରେ ଉମ୍‌ଦତୁଲ୍‌କାରୀରେ ଆହୁରି ଅଧିକ ବ୍ୟାଖ୍ୟା କରାଯାଇଛି ଯେ ମୁହମ୍ମଦ୍ ବିନ୍ ମୁସ୍‌ଲିମା ନିଜ ସାଥିମାନଙ୍କ ସହିତ ଯେତେବେଳେ କାଆବ୍ ବିନ୍ ଅଶ୍‌ରଫ୍ ଉପରେ ଆକ୍ରମଣ କଲେ ଓ ତାଙ୍କୁ ହତ୍ୟା କରିଦେଲେ ସେତେବେଳେ ତାଙ୍କର ଜଣେ ସାଥୀ ହଜ୍‌ରତ୍ ହାରିସ୍ ବିନ୍ ଅଓସ୍‌ଙ୍କୁ ତରବାରୀର ମୁନ ଛୁଇଁଗଲା ଫଳତଃ ସେ କ୍ଷତାକ୍ତ ହୋଇଗଲେ । ସୁତରାଂ ତାଙ୍କ ସାଥିମାନେ ତାକୁ ସେଠାରୁ ଉଠାଇ ମଦ୍ଦିନା ନେଇଗଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲେ । ସୁତରାଂ ନବୀ କରିମ୍ ସ:ଆ:ସ ହଜ୍‌ରତ୍ ହାରିସ୍ ବିନ୍ ଅଓସ୍‌ଙ୍କ କ୍ଷତ ଉପରେ ନିଜ ଶ୍ରୀମୁଖର ଲାଳ ଲଗାଇଲେ । ଫଳତଃ ତାଙ୍କର କଷ୍ଟ ଦୂର ହୋଇଗଲା । (ଉମ୍‌ଦୁତୁଲ୍‌କାରୀ, ଖଣ୍ଡ-୧୭, ପୃଷ୍ଠା-୧୭୯, କିତାବୁଲ୍ ମଗାଜି ବାଆବ୍ କତଲ୍, କାଆବ୍ ବିନ୍ ଅସରଫ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୧)

କାଆବ୍ ବିନ୍ ଅଶ୍‌ରଫ୍‌କୁ କାହିଁକି ହତ୍ୟା କରାଗଲା । ଏହାର ଅଳ୍ପ କିଛି ବ୍ୟାଖ୍ୟା ଏହା ପୂର୍ବରୁ ମୁଁ ବର୍ଣ୍ଣନା କରିଥିଲି । ଏହାର ଅଧିକ ବ୍ୟାଖ୍ୟା ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖିଛନ୍ତି, ତାହା ମୁଁ ବର୍ଣ୍ଣନା କରୁଅଛି । କିଛି କଥା ତ ସେହି ଏକାପରି ଅର୍ଥାତ୍ କାଆବ୍ ଯଦିଚ ୟୁହୁଦୀ ଥିଲା କିନ୍ତୁ ବାସ୍ତବରେ ୟୁହୁଦୀଙ୍କ ବଂଶଜ ନଥିଲା ବରଂ ଆରବୀୟ ଥିଲା । ତାର ବାପା ଅସ୍‌ରଫ୍ ବନୁ ନଭାନର ଜଣେ ହୁସିଆର୍ ଓ ଚାଲାକ୍ ଲୋକ ଥିଲା ଯିଏ ମଦ୍ଦିନାରେ ଆସି ବନୁ ନଜିର୍ ସହିତ ସମ୍ବନ୍ଧ ସୃଷ୍ଟି କଲା । ପୁଣି ତାଙ୍କର ହଲିଫ୍ (ବନ୍ଧୁ) ହୋଇଗଲା । ପରିଶେଷରେ ସେ ତାର ପ୍ରଭାବ ଏପରି ପକାଇଲା ଯେ ବନୁ ନଜିର୍ କବିଲାର ବଡ ରଇସ୍ ଅବୁ ରାଫେ ବିନ୍ ଅବିଲ୍ ହୁକୈକ୍ ନିଜ ଝିଅ ତାଙ୍କୁ ଦେଇଦେଲେ । ସେଇ ଝିଅର ଗର୍ଭରୁ କାଆବ୍ ଜନ୍ମ ହେଲା ଯିଏ ବଡ ହୋଇ ନିଜ ବାପାଙ୍କଠାରୁ ମଧ ଅଧିକା ବଳିଗଲା ଓ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କଲା । ପରିଶେଷରେ ତାକୁ ଏପରି ପଦମର୍ଯ୍ୟାଦା ଲାଭ କଲା ଯେ ସାରା ଆରବର ୟୁହୁଦୀମାନେ ତାକୁ ନିଜର ସର୍ଦ୍ଦାର ରୂପେ ବିବେଚନା କରିବାକୁ ଲାଗିଲେ । କାଆବ୍ ଜଣେ ସୁନ୍ଦର ଓ ବଳିଷ୍ଠ ବ୍ୟକ୍ତିତ୍ୱ ହେବା ସହିତ ଜଣେ ଉତମ ବକ୍ତା ମଧ ଥିଲା । ସେ ବହୁତ ଭଲ ଭାଷଣ ଦେଉଥିଲା । ସେ ଜଣେ ଶାୟର୍ (କବି) ମଧ ଥିଲା ଓ ଅତ୍ୟନ୍ତ ଧନୀ ମଧ ଥିଲା ଓ ନିଜ କୌମ୍‌ର ଜ୍ଞାନୀ ଲୋକମାନଙ୍କୁ ଓ ପ୍ରଭାବଶାଳୀ ଲୋକମାନଙ୍କୁ ନିଜର ଧନ ଦୌଲତର ଅନୁଗ୍ରହର ପ୍ରତି ବଦଳରେ ସେମାନଙ୍କୁ ନିଜ ହାତ ମୁଠାରେ ରଖିଥିଲା । କିନ୍ତୁ ଚାରିତ୍ରିକ ଦୃଷ୍ଟିକୋଣରୁ ସେ ଜଣେ ଅତ୍ୟନ୍ତ ଖରାପ ପ୍ରକୃତିର ଲୋକ ଥିଲା । ଗୁପ୍ତଚର କାର୍ଯ୍ୟ କରିବା ଏବଂ ଅନ୍ୟକୁ ଟିପ୍ପଣି ଦେବା କାର୍ଯ୍ୟରେ ସେ ବହୁତ ମାହିର୍ ଥିଲା ।

ଆଁ ହଜ୍‌ରତ୍ ସ:ଆ:ସ ଯେତେବେଳେ ମଦ୍ଦିନା ହିଜ୍‌ରତ୍ କଲେ ସେତେବେଳେ କାଆବ୍ ବିନ୍ ଅଶ୍‌ରଫ୍ ଅନ୍ୟ ୟୁହୁଦୀମାନଙ୍କ ସହିତ ମିଶି ଉକ୍ତ ଚୁକ୍ତିରେ ଯୋଗଦେଲା । ଏହାର ବିସ୍ତିର୍ଣ୍ଣ ବ୍ୟାଖ୍ୟା ସେ ଲେଖଛନ୍ତି । ମୁଁ କିଛିକିଛି ସ୍ଥାନରୁ ନେଇ ସଂକ୍ଷିପ୍ତରେ ବର୍ଣ୍ଣନା କରିବି । ସେ ଯାହାହେଉ ସେ ଉକ୍ତ ଚୁକ୍ତିରେ ଯୋଗ ଦେଲା, ଯେଉଁ ଚୁକ୍ତିକୁ ଆଁ ହଜ୍‌ରତ୍ ସ:ଆ:ସ ଓ ୟୁହୁଦୀମାନଙ୍କ ମଧ୍ୟରେ ଆପୋଷ ବନ୍ଧୁତ୍ୱ, ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ଓ ମିଳିତ ପ୍ରତିରକ୍ଷା ସମ୍ବନ୍ଧରେ ଧାର୍ଯ୍ୟ କରାଯାଇଥିଲା । କିନ୍ତୁ ଭିତରେ ଭିତରେ କାଆବ୍‌ଙ୍କ ହୃଦୟରେ ବିଦ୍ୱେଷଭାବ ଓ ଘୃଣାଭାବର ବହ୍ନି ଜଳିଚାଲିଥିଲା । ଚୁକ୍ତିରେ ସେ ତ ସାମିଲ୍ ହେଲା କିନ୍ତୁ ତା ମନ ଭିତରେ ଖଳ ମନୋଭାବ ଓ ନଫାକ୍, ଶତୃତା, ବିଦ୍ୱେଷ ଭାବ ଜାରି ରହିଥିଲା । ସେଥିଯୋଗୁ ସେ ସେହି ନିଆଁରେ ଜଳୁଥିଲା ଓ ଉକ୍ତ ଖଳ ମନୋଭାବ ଓ ବିଦ୍ୱେଷଭାବ ଯୋଗୁ ସେ ଗୁପ୍ତଚରଗିରୀ ଓ ଗୁପ୍ତ ଯୋଜନା ଦ୍ୱାରା ଇସ୍‌ଲାମ୍ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ମୁଖାଲିଫତ୍ (ବିରୁଦ୍ଧାଚରଣ) ଆରମ୍ଭ କରିଦେଲା । ସୁତରାଂ ଲେଖାହୋଇଛି କି କାଆବ୍ ପ୍ରତ୍ୟେକ ବର୍ଷ ୟୁହୁଦୀ ୱଲେମା ଏବଂ ପଣ୍ଡିତ ମାନଙ୍କୁ ଅନେକ ଉପହାର ପ୍ରଦାନ କରୁଥିଲା । କିନ୍ତୁ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ହିଜ୍‌ରତ୍ କରିବା ପରେ ସେହି ଲୋକମାନେ ନିଜ ବାର୍ଷିକ ପାଉଣା ନେବାପାଇଁ ତା ନିକଟରେ ପହଂଚିଲେ ସେତେବେଳେ ସେ କଥା କଥାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିଷୟରେ ଚର୍ଚ୍ଚା କଲା ଏବଂ ତାଙ୍କୁ କହିଲ ଯେ ନିଜର ଧାର୍ମିକ ପୁସ୍ତକ ଗୁଡିକ ଆଧାରରେ ତାଙ୍କ ସମ୍ବନ୍ଧରେ ତୁମର ମତ କଣ ଅଛି ଅର୍ଥାତ୍ ସେ ବ୍ୟକ୍ତି ସତ୍ୟବାଦୀ କି ନୁହେଁ ? ସେମାନେ କହିଲେ ପ୍ରକାଶ୍ୟରେ ତ ସେ ସେହି ନବୀ ଜଣାପଡୁଛନ୍ତି ଯାହାଙ୍କ ପ୍ରତିଶୃତି ଆମକୁ ଦିଆଯାଇଥିଲା । ଏହି ଉତରରେ କାଆବ୍ ଯିଏ ବିଦ୍ୱେଷଭାବ ଓ ଘୃଣାଭାବ ରଖିଥିଲା, ବହୁତ ବିଗିଡି ଗଲା ଏବଂ ସେମାନଙ୍କୁ ଏଣୁତେଣୁ କହିଲା ଏବଂ ଯାହାକିଛି ଉପହାର ତାଙ୍କୁ ସେ ପୂର୍ବରୁ ଦେଉଥିଲା, ଯାହାକିଛି ପାଉଣା ତାଙ୍କୁ ଦିଆଯାଉଥିଲା, ତାହା ଦେଲାନାହିଁ । ଯେତେବେଳେ ୟୁହୁଦୀ ୱଲେମା ମାନଙ୍କର ପାଉଣା ବନ୍ଦ୍ ହୋଇଗଲା ସେତେବେଳେ ପୁଣି ସେମାନେ କିଛିଦିନ ପରେ ପୁନର୍ବାର କାଆବ୍‌ଙ୍କ ନିକଟକୁ ଯାଇ କହିଲେ କି ଆମକୁ ଲକ୍ଷଣ ବୁଝିବାରେ ଭୁଲ୍ ହୋଇଯାଇଥିଲା । ଆମେ ଯେତେବେଳେ ଚିନ୍ତା କଲୁ ସେତେବେଳେ ଏକଥା ଜାଣିପାରିଲୁ ଯେ ଅସଲରେ ମୁହମ୍ମଦ୍ ସ:ଆ:ସ ସେହି ନବୀ ନୁହଁନ୍ତି ଯାହାଙ୍କ ପ୍ରତିଶୃତି ଦିଆଯାଇଥିଲା । ସେ ଯାହାହେଉ ଏହି ଉତର ଦ୍ୱାରା କାଆବ୍‌ର ଉଦ୍ଦେଶ୍ୟ ସମାଧାନ ହୋଇଗଲା ଓ ସେ ଆନନ୍ଦିତ ହୋଇ ସେମାନଙ୍କୁ ଉପହାର ପ୍ରଦାନ କଲା । ଫଳତଃ ସେମାନଙ୍କର ଉଦ୍ଦେଶ୍ୟ ମଧ ସମାଧାନ ହୋଇଗଲା । ତେବେ ଯାହାହେଉ ଏହା ତ ଏକ ଧାର୍ମିକ ବିରୁଦ୍ଧାଚରଣ ଥିଲା । ହଜ୍‌ରତ୍ ମିଆ ବଶିର୍ ଅହେମଦ୍ ସାହେବ୍ ଠିକ୍ ଲେଖିଛନ୍ତି କି ଧର୍ମୀୟ ମୁଖାଲିଫତ୍ ଥିଲା । ଧର୍ମୀୟ ମୁଖାଲିଫତ୍ କରିବାଟା କୌଣସି ଏପରି ଆପତି ଅଭିଯୋଗର ବିଷୟ ନଥିଲା କି ସେଥିରେ ଚରମ ପଦକ୍ଷେପ ନିଆଯିବ ବା କାଆବ୍‌କୁ ଅଭିଯୁକ୍ତ ବିବେଚନା କରାଯିବ । ଅସଲ ଓ ବାସ୍ତବିକ କଥା ହେଉଛି ଏହା କି ତା ପରେ କାଆବ୍‌ର ମୁଖାଲିଫତ୍ ଅତ୍ୟନ୍ତ ଭୟଙ୍କର ରୂପ ଗ୍ରହଣ କରିନେଲା ଓ ପରିଶେଷରେ ବଦର୍ ଯୁଦ୍ଧ ପରେ ସେ ଏପରି ଆଚରଣ କଲା ଯାହା ଭୀଷଣ ବିଭ୍ରାଟ ଓ ଫିତ୍‌ନାର କାରଣ ଥିଲା ଓ ମୁସଲ୍‌ମାନ ମାନଙ୍କ ପାଇଁ ଅତ୍ୟନ୍ତ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଯାଇଥିଲା । ପ୍ରଥମତଃ କାଆବ୍ ଏକଥା ଜାଣିଥିଲା ଯେ ମୁସଲ୍‌ମାନ୍ ମାନଙ୍କର ଯେଉଁ ଇମାନ୍‌ର ଜୋସ୍ ଅଛି ତାହା ଅସ୍ଥାୟୀ ଓ ଶେଷ ହୋଇଯିବ । ଏବଂ ସେମାନେ ତାଙ୍କ ଧର୍ମ ଆଡକୁ ଫେରିଯିବେ । କିନ୍ତୁ ଯେତେବେଳେ ବଦର୍ ଯୁଦ୍ଧରେ ଅସାଧାରଣ ସଫଳତା ପ୍ରାପ୍ତ ହେଲା ଓ କୁରୈଶ୍‌ମାନଙ୍କ ଅଧିକାଂଶ ସର୍ଦ୍ଦାର ମୃତ୍ୟୁବରଣ କଲେ ସେତେବେଳେ ପୁଣି ତାକୁ ଚିନ୍ତା ଘାରିଲା । ତେଣୁ ସେ ଇସ୍‌ଲାମ୍‌କୁ ଧ୍ୱଂସ ଓ ବର୍‌ବାଦ୍ କରିଦେବା ପାଇଁ ନିଜର ସମସ୍ତ ଚେଷ୍ଟାକୁ ଲଗାଇଦେଲା । ତା ମନର ବିଦ୍ୱେଷଭାବ ଓ ଈର୍ଷାଭାବର ସର୍ବପ୍ରଥମ ପରିପ୍ରକାଶ ବଦର୍ ଯୁଦ୍ଧ ଅବସରରେ ହିଁ ହେଲା । ଯେତେବେଳେ ଲୋକମାନେ ଆସି କହିଲେ ଯେ ମକ୍କାର

କୁଫାରମାନଙ୍କ ଉପରେ ଆମକୁ ବିଜୟ ଲାଭ ହୋଇଛି ସେତେବେଳେ ସେ ବିରକ୍ତ ହୋଇ କହିଲା ଯେ ଏହ ସବୁ ମିଥ୍ୟା ଓ ଭୁଲ୍ ଖବର ଅଟେ କିନ୍ତୁ ସେ ଯାହା ହେଉ ଯେପରି ଚର୍ଚ୍ଚା କରାଗଲା କି ଉକ୍ତ ଖବର ସତ୍ୟ ପ୍ରମାଣିତ ହେବା ପରେ ତାର କ୍ରୋଧ ଆହୁରି ଅଧିକ ବଢ଼ିଗଲା । ଏହାପରେ ଯେତେବେଳେ ବଦର୍ ଯୁଦ୍ଧର ବିଜୟ ପରେ ମୁସଲ୍‌ମାନ୍ ମାନେ ଫେରି ଆସିଲେ ସେ ମକ୍କା ଯାତ୍ରା କଲା ଓ ସେଠାରେ ଯାଇ ମକ୍କାବାସୀଙ୍କୁ ନିଜର ଚାଲାକି କଥା ଦ୍ୱାରା, ନିଜର ଭାଷଣ ଦ୍ୱାରା ଏବଂ ନିଜ କବିତା ମାଧ୍ୟମରେ କୁରୈଶ୍‌ଙ୍କ ମନ ଭିତରେ କୁହୁଳୁଥିବା ନିଆଁ, ଯାହା ମୁସଲ୍‌ମାନ୍‌ଙ୍କ ବିରୋଧରେ ଥିଲା, ତାକୁ ଆହୁରି ଅଧିକ ବଢ଼ାଇଦେବା ପାଇଁ ଚେଷ୍ଟା କଲା ଓ ସେମାନଙ୍କ ମନ ଭିତରେ ମୁସଲ୍‌ମାନଙ୍କ ରକ୍ତ ଦ୍ୱାରା ମେଂଟୁନଥିବା ଶୋଷ ସୃଷ୍ଟି କରିଦେଲା ଓ ସେମାନଙ୍କ ଛାତିର କୋହ ଏବଂ ପ୍ରତିଶୋଧର ନିଆଁକୁ ବଢ଼ାଇଦେଲା । ଯେତେବେଳେ କାଆବ୍‌ର ଏହିପରି ପ୍ରୋତ୍ସାହନ ଦ୍ୱାରା ସେମାନଙ୍କ ମନ ଭିତରେ ଏକ ପ୍ରକାର ବିଜୁଳି ସୃଷ୍ଟି ହୋଇଗଲା ସେତେବେଳେ ସେ ସେମାନଙ୍କୁ ଖାନା କାବାର ପ୍ରାଙ୍ଗଣକୁ ନେଇଯାଇ କାବାର ପରଦା ତାଙ୍କ ହାତରେ ଧରାଇଦେଲା ଓ ତାଙ୍କଠାରୁ ରାଣ ଖୁଆଇଲା ଯେ ଯେପର୍ଯ୍ୟନ୍ତ ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ପ୍ରତିଷ୍ଠାତା ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଏ ସଂସାରରୁ ମୁଳୋତ୍ପାଟନ ନକରିଦେବୁ ସେପର୍ଯ୍ୟନ୍ତ ଶାନ୍ତିରେ ରହିବୁ ନାହିଁ । କହୁଛନ୍ତି କି ତା'ର ଉପରୋକ୍ତ କଥା ଦ୍ୱାରା ମକା ଭିତରେ ବାଣ ଭଳି ଅବସ୍ଥା ସୃଷ୍ଟି ହୋଇଗଲା । ପୁଣି ସେ ଅନ୍ୟ କବିଲାମାନଙ୍କ ନିକଟକୁ ଗଲା ଏବଂ ପ୍ରତ୍ୟେକ କୌମ୍‌ରେ ଯାଇ ମୁସଲ୍‌ମାନ୍‌ଙ୍କ ବିରୋଧରେ ଉସ୍‌କାଇଲା ଓ ମୁସଲ୍‌ମାନ୍ ମହିଳାମାନଙ୍କ ସମ୍ବନ୍ଧରେ ତଶ୍‌ବିବ୍ କଲା ଅର୍ଥାତ୍ ଜୋସ୍ ଦେଉଥିବା କବିତା ଗୁଡିକୁ ଅତ୍ୟନ୍ତ କୁଣ୍ଠିତ ଓ ଅଶ୍ଳୀଳ ଭାଷା ପ୍ରୟୋଗ କରି ମୁସଲ୍‌ମାନ୍ ମହିଳାମାନଙ୍କର ଚର୍ଚ୍ଚା କରୁଥିଲା । ଏପରିକି ନବୀ କରିମ୍ ସ:ଆ:ସଙ୍କ କୁଟୁମ୍ବର ମହିଳାମାନଙ୍କ ନିମନ୍ତେ ମଧ୍ୟ ନିର୍ଲଜ୍ଜ ଅଶ୍ଳୀଳ ଭାଷା ପ୍ରୟୋଗ କରି କବିତା ପାଠ କରି ଇଙ୍ଗିତ କଲା । ସେହିପରି ନିଜ କବିତାକୁ ବହୁତ ପ୍ରୋତ୍ସାହନ ଦେଲା । ଶେଷରେ ସେ ସୀମା ପାର୍ କରିଗଲା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ଯୋଜନା କଲା । ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କୌଣସି ନିମନ୍ତ୍ରଣ ଇତ୍ୟାଦିର ବାହାନାରେ ନିଜ ଘରକୁ ଡକାଇ ପଠାଇଲା ଓ କିଛି ୟୁହୁଦୀ ଯୁବକମାନଙ୍କ ଦ୍ୱାରା ଆପଣ ସ:ଆ:ସଙ୍କ ହତ୍ୟା କରିବାର ଯୋଜନା ପ୍ରସ୍ତୁତ କଲା କିନ୍ତୁ ଇଶ୍ୱରଙ୍କ ଦୟାବଳରୁ ସମୟ ପୂର୍ବରୁ ଏତେଲା ମିଳିଗଲା ଓ ତାର ସେହି ଯୋଜନା ଅସଫଳ ହେଲା ।

ଯେତେବେଳେ ଅବସ୍ଥା ଏପରି ହୋଇଗଲା କି କାଆବ୍ ବିରୋଧରେ ପ୍ରତିଶୃତି ଭଙ୍ଗ, ବିଦ୍ରୋହ ଯୁଦ୍ଧ କରିବା ପାଇଁ ପ୍ରୋତ୍ସାହନ, ବିଭ୍ରାଟ ସୃଷ୍ଟି କରିବା, ଅଶ୍ଳୀଳ କଥା କହିବା ଏବଂ ହତ୍ୟା ଯୋଜନା କରିବାର ଅଭିଯୋଗର ପ୍ରମାଣ ମିଳିଗଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଉକ୍ତ ଆନ୍ତର୍ଜାତୀୟ ପ୍ରତିଶୃତି ଦୃଷ୍ଟିକୋଣରୁ ଯାହା ଆପଣ ସ:ଆ:ସ ମଦ୍ଦିନାରେ ପହଂଚିବା ପରେ ମଦ୍ଦିନା ବାସୀଙ୍କ ସହିତ କରିଥିଲେ ଏବଂ ମଦ୍ଦିନାରେ ଲୋକତନ୍ତ୍ର ପ୍ରତିଷ୍ଠା ହୋଇଥିଲା ଏବଂ ଆପଣ ସ:ଆ:ସ ତାର ସଦର୍ ଏବଂ ସର୍ବୋଚ୍ଚ ହାକିମ ଥିଲେ । ଆପଣ ସ:ଆ:ସ ସେ ଦୃଷ୍ଟିକୋଣରୁ ଏ ନିଷ୍ପତି କଲେ କି କାଆବ୍ ବିନ୍ ଅଶ୍‌ରଫ୍ ନିଜ କାର୍ଯ୍ୟକଳାପ ଯୋଗୁ ହତ୍ୟା ହେବା ଯୋଗ୍ୟ । ତେଣୁ ନିଜ ସାହାବୀମାନଙ୍କୁ ନିର୍ଦ୍ଦେଶ ଦେଲେ କି ତାକୁ ହତ୍ୟା କରିଦିଆଯାଉ । କିନ୍ତୁ ଯେହେତୁ ସେ ସମୟରେ କାଆବ୍ ଦ୍ୱାରା ଫିତ୍‌ନା ସୃଷ୍ଟି ହୋଇ ମଦ୍ଦିନାର ପରିବେଶକୁ ଏପରି ସୃଷ୍ଟି କରିଦେଇଥିଲା ଯେ ଯଦି ତା ବିରୋଧରେ କୌଣସି ପ୍ରକାଶ୍ୟ ଘୋଷଣା କରାଯାଇ ତାକୁ ହତ୍ୟା କରିଦିଆଯାଇଥାଆନ୍ତା ତେବେ ଏ ବିପଦ ଥିଲା କି ମଦିନାରେ ଗୃହଯୁଦ୍ଧ ଆରମ୍ଭ ହୋଇଯାଇଥାଆନ୍ତା । ପୁଣି ଜଣାନାହିଁ କେତେମାତ୍ରାରେ ସେଠି ହଣାମରା ହୋଇ ଜୀବନ ଚାଲିଯାଇଥାଆନ୍ତା । ସେଇଥିଯୋଗୁ ଆଁ ହଜ୍‌ରତ୍ ସ:ଆ:ସ ସେହିସବୁ ଯୁଦ୍ଧ ଫିତ୍‌ନା, ବିଭ୍ରାଟ ଓ ରକ୍ତପାତକୁ ରୋକିବା ପାଇଁ ଏପରି ନିଷ୍ପତି କଲେ କି ନୀରବ ଶୈଳୀରେ ତାକୁ ହତ୍ୟା କରିଦିଆଯାଉ ଓ ସେହି କାର୍ଯ୍ୟପାଇଁ ଆପଣ ସ:ଆ:ସ ଏହି ଡ୍ୟୁଟିରେ ଅଓସ୍ କବିଲାର ଜଣେ ନିଷ୍ଠାବାନ୍ ସାହାବୀ ମୁହମ୍ମଦ୍ ବିନ୍ ମୁସ୍‌ଲିମାଙ୍କ ନିକଟରେ ନ୍ୟସ୍ତ କଲେ ଏବଂ ତାଙ୍କୁ ଏହା ମଧ୍ୟ ତାଗିଦ୍ କରି କହିଲେ ଯେ ଏ କାର୍ଯ୍ୟ ନିମନ୍ତେ ଯାହା କିଛି ଉପାୟ ଅବଲମ୍ବନ କରିବ ତାହା ଅଓସ୍ କବିଲାର ରଇସ୍ ସାଆଦ୍ ବିନ୍ ମାଆଜ୍‌ଙ୍କ ପରାମର୍ଶ ନେଇ କରିବ । ଏଥିରେ ମୁହମ୍ମଦ୍ ବିନ୍ ମୁସ୍‌ଲିମା ନିବେଦନ କଲା କି ହେ ଅଲ୍ଲାଃଙ୍କ ରସୁଲ୍ । ନୀରବରେ ହତ୍ୟା କରିବା ପାଇଁ ହେଲେ କୌଣସି କଥାକୁ ଆଳ ବନାଇବାକୁ ହେବ, ଯାହା ସାହାଯ୍ୟରେ କାଆବ୍‌କୁ ତା ଘରୁ ବାହାର କରି ଆଣି ହତ୍ୟା କରାଯାଇପାରିବ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ- ଠିକ୍ ଅଛି (ଯେକୌଣସି ଉପାୟ ଅବଲମ୍ବନ କରିବାକୁ ପଡେ ତାହା କର) । ସୁତରାଂ ମୁହମ୍ମଦ୍ ବିନ୍ ମୁସ୍‌ଲିମା ସାଆଦ୍ ବିନ୍ ମାଆଜ୍‌ଙ୍କ ପରାମର୍ଶ ଅନୁସାରେ ଅବୁ ନାଇଲା ଏବଂ ଆଉ ଦୁଇ ତିନିଜଣ ସାହାବୀ ମାନଙ୍କୁ ନିଜ ସହିତ ନେଇ କାଆବ୍‌ଙ୍କ ଘରଠାରେ ପହଂଚିଲେ ଏବଂ ତାଙ୍କୁ କହିଲେ କି ଆମ ସାହେବ୍ ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ ଆମଠାରୁ ସଦ୍‌କା (କିଛି ଅର୍ଥ) ମାଗୁଛନ୍ତି । ଆଜିକାଲି ଆମର ଅବସ୍ଥା ଭଲନାହିଁ । ତେଣୁ ତୁମେ କିଛି ଆମକୁ କରଜ ଦେଇପାରିବ କି ? ଏହାଶୁଣି ସେ ବହୁତ ଖୁସି ହୋଇ କହିଲା କି ସେ ଦିନ ଆଉ ଦୂର ନାହିଁ, ଯେବେ ତୁମେ ଉକ୍ତ ବ୍ୟକ୍ତିଙ୍କଠାରୁ ଅତିଷ୍ଠ ହୋଇ ତାକୁ ପରିତ୍ୟାଗ କରିଦେବ । ଏଥିରେ ମୁହମ୍ମଦ୍ (ବିନ୍ ମୁସ୍‌ଲେମା) ଉତର ଦେଲେ କି ଠିକ୍ ଅଛି । ଆମେ ତ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ଅନୁଗାମୀ ହୋଇସାରିଛି । ଏବେ ଆମେ ଏହା ଦେଖିବାକୁ ଚାହୁଁଛୁ ଯେ ଏହି ସିଲ୍‌ସିଲାର ପରିଣାମ କଣ ହେବ କିନ୍ତୁ ତୁମେ ଏକଥା ଆମକୁ କୁହ ଯେ କରଜ ଦେବ କି ନାହିଁ ? କାଆବ୍ କହିଲା ହଁ ମୁଁ ଦେବି କିନ୍ତୁ କିଛି ଜିନିଷ ବନ୍ଧକ ରଖିବି । ସେମାନେ କହିଲେ କଣ ରଖିବ ? ଏଥିରେ ସେହି ଅଭାଗା (କାଆବ୍) ଯେଉଁ ପ୍ରଥମ କଥାଟି କହିଲା ତାହା ହେଉଛି ଏପରି କି ନିଜ ନିଜର ସ୍ତ୍ରୀ ମାନଙ୍କୁ ମୋ ପାଖରେ ବନ୍ଧକ ରଖିଦିଅ । (ଏହାଶୁଣି) ସେମାନଙ୍କୁ ବହୁତ କ୍ରୋଧ ଆସିଲା କି ତୁମପରି ଲୋକଙ୍କ ନିକଟରେ ଆମେ ଆମ ସ୍ତ୍ରୀମାନଙ୍କୁ ରଖିଦେବୁ ! ସେ କହିଲା ତେବେ ଠିକ୍ ଅଛି, ତୁମ ପୁଅମାନଙ୍କୁ ଦେଇଦିଅ । ଏଥିରେ ଏମାନେ କହିଲେ ଏକଥା ମଧ୍ୟ ଅସମ୍ଭବ । ଆମେ ସମଗ୍ର ଆରବବାସୀଙ୍କ ଲାଞ୍ଛନା ନିଜ ମୁଣ୍ଡରେ ବହନ କରିପାରିବୁ ନାହିଁ । ଯଦି ତୁମେ ଦୟା କରିବ ତେବେ ଆମେ ଆମ ଅସ୍ତ୍ରଶସ୍ତ୍ର ଗୁଡିକ ତୁମ ନିକଟରେ ବନ୍ଧକ ରଖିଦେଉଛୁ । କାଆବ୍ ଏ କଥାରେ ରାଜି ହୋଇଗଲା । ମୁହମ୍ମଦ୍ ବିନ୍ ମୁସ୍‌ଲିମା ଏବଂ ତାଙ୍କର ସାଥିମାନେ ରାତି ସମୟରେ ଆସିବାର ପ୍ରତିଶୃତି ଦେଇ ସେଠାରୁ ଫେରିଆସିଲେ । ଏବଂ ଯେତେବେଳେ ରାତି ହେଲା ସେତେବେଳେ ଲୋକମାନେ ଖୋଲାଖୋଲି ରୂପେ ନିଜର ଅସ୍ତ୍ରଶସ୍ତ୍ର ଗୁଡିକୁ ଧରି ନେଇ ଆସିଲେ । ତାକୁ ଡାକିଲେ, ଘରୁ ବାହାରକୁ ନେଇଆସିଲେ, ତାକୁ କାବୁ କରିନେଲେ ଏବଂ ପୁଣି ତା ପରେ ତାକୁ ହତ୍ୟା କରିଦେଲେ । ଯେତେବେଳେ ହତ୍ୟା କଲେ ସେତେବେଳେ ହଜ୍‌ରତ୍ ହାରିସ୍‌ଙ୍କର ଶରୀରରେ ତରବାରୀର ମୁନ ଲାଗି କ୍ଷତ ହୋଇଯାଇଥିଲା । ତାକୁ ହତ୍ୟା କରିବା ପରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ହାଜିର୍ ହୋଇ ଉକ୍ତ ହତ୍ୟା ବିଷୟରେ ଏତେଲା ଦେଲେ ।

ଯେତେବେଳେ ସକାଳ ହେଲା ଓ ତା ହତ୍ୟା ସମ୍ବନ୍ଧରେ ଖବର ଚାରିଆଡେ ବ୍ୟାପିଗଲା ସେତେବେଳେ ସହରରେ ଏକପ୍ରକାରର ଆତଙ୍କ ଖେଳିଗଲା । ସମସ୍ତ ୟୁହୁଦୀ ଜୋସ୍‌ରେ ଆସିଗଲେ । ତା'ପରଦିନ ସକାଳବେଳା ୟୁହୁଦୀମାନଙ୍କର ଏକ ପ୍ରତିନିଧି ମଣ୍ଡଳ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହୋଇ ଅଭିଯୋଗ କଲା କି ଆମ ସର୍ଦ୍ଦାର କାଆବ୍ ବିନ୍ ଅଶ୍‌ରଫ୍‌କୁ ଏଭଳି ହତ୍ୟା କରାଯାଇଛି । ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ, ଅସ୍ୱୀକାର କଲେନାହିଁ ନା ଏପରି କହିଲେ କି ଏ ବିଷୟରେ ମୋତେ କିଛି ଜଣାନାହିଁ ବୋଲି । ଆପଣ ସ:ଆ:ସ କହିଲେ କି ତୁମମାନଙ୍କୁ ଜଣାଅଛି ଯେ କାଆବ୍ କେଉଁକେଉଁ ଅପରାଧ ସବୁ କରିଛି । ପୁଣି ଆପଣ ସ:ଆ:ସ ପ୍ରତିନିଧି ମଣ୍ଡଳକୁ କାଆବ୍‌ଙ୍କ ପ୍ରତିଶୃତିଭଙ୍ଗ, ଯୁଦ୍ଧ ପାଇଁ ପ୍ରୋତ୍ସାହନ, ବିଭ୍ରାଟ ସୃଷ୍ଟି କରିବା, ଅଶ୍ଳୀଳ କଥା କହିବା, ହତ୍ୟା ଯୋଜନା ଇତ୍ୟାଦି ବିଷୟରେ ଜଣାଇଲେ । ଏହା ଶୁଣି ସେମାନେ ଭୟ କରି ଚୁପ୍ ହୋଇଗଲେ । ତା'ପରେ ଯାଇ ତାଙ୍କର ଜୋସ୍ ଶିଥିଳ ହୋଇଗଲା । ସେମାନେ ଜାଣିଗଲେ ଯେ ହଁ ପ୍ରକୃତ କଥା ତ ହେଉଛି ଏହା ଓ ସେଥିପାଇଁ ତାକୁ ଦଣ୍ଡ ମିଳିବା ଉଚିତ୍ ଥିଲା । ପୁଣି ଆଁ ହଜ୍‌ରତ୍ ସେମାନଙ୍କ କହିଲେ କି ଅତି କମ୍‌ରେ ତୁମେମାନେ ଆସନ୍ତାକୁ ଶାନ୍ତି ଓ ସହଯୋଗର ଚୁକ୍ତି କରିନିଅ । ଏବଂ ଫିତ୍‌ନା ଓ ବିଭ୍ରାଟର ମଞ୍ଜି ବୁଣନାହିଁ । ସୁତରାଂ ୟୁହୁଦୀ ମାନେ ରାଜି ହୋଇଯିବା ପରେ ଆସନ୍ତା ଦିନ ଗୁଡିକ ନିମନ୍ତେ ଗୋଟିଏ ନୂଆ ଚୁକ୍ତିପତ୍ର ଲେଖାଗଲା ଓ ୟହୁଦୀମାନେ ମୁସଲ୍‌ମାନଙ୍କ ସହିତ ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ରହିବା ପାଇଁ ଓ ସବୁ ପ୍ରକାର ବିଭ୍ରାଟର ମାର୍ଗରୁ ବଂଚିବା ପାଇଁ ଏକ ନୂଆ ପ୍ରତିଶୃତି କଲେ ଏବଂ ଏହି ଚୁକ୍ତିପତ୍ର ହଜ୍‌ରତ୍ ଅଲୀ ର:ଅଙ୍କ ଦାୟିତ୍ୱରେ ଦେଇଦିଆଗଲା । ଇତିହାସରେ କୌଣସ ମଧ୍ୟ ସ୍ଥାନରେ ଏକଥା ବର୍ଣ୍ଣିତ ହୋଇନାହିଁ କି ଉକ୍ତ ଘଟଣା ପରେ ୟୁହୁଦୀମାନେ କେବେ କାଆବ୍ ବିନ୍ ଅଶ୍‌ରଫ୍‌ର ହତ୍ୟା ସମ୍ବନ୍ଧରେ ଚର୍ଚ୍ଚା କରି ମୁସଲ୍‌ମାନ୍ ମାନଙ୍କ ଉପରେ ଆରୋପ ଲଗାଇଥିବେ । କାରଣ ସେମାନଙ୍କ ହୃଦୟ ଏକଥା ଅନୁଭବ କରୁଥିଲା ଯେ କାଆବ୍ ନିଜର ପ୍ରାପ୍ୟ ଦଣ୍ଡକୁ ପାଇସାରିଛି ।

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି କି ପାଶ୍ଚାତ୍ୟ ଐତିହାସିକମାନେ ପରେ ଏ ଅଭିଯୋଗ କରୁଛନ୍ତି କି ଆଁ ହଜ୍‌ରତ୍ ସ:ଆ:ସ ଏକ ଅନୁଚିତ୍ ହତ୍ୟା କରାଇଛନ୍ତି ଓ ତାହା ଭୁଲ୍ ଥିଲା । ତେବେ ସେ ଲେଖୁଛନ୍ତି କି ଏହା ଅନୁଚିତ୍ ହତ୍ୟ ନଥିଲା । କାରଣ କାଆବ୍ ବିନ୍ ଅଶ୍‌ରଫ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ନିୟମିତ ଏକ ଶାନ୍ତି ଚୁକ୍ତି କରିସାରିଥିଲା ଓ ମୁସଲ୍‌ମାନ୍ ମାନଙ୍କ ବିରୋଧରେ କାରବାଇ କରିବା ତ ଦୂରର କଥା ସେ ଏକଥାର ଚୁକ୍ତି କରିଥିଲା କି ସେ ପ୍ରତ୍ୟେକ ବାହ୍ୟ ଶତୃଙ୍କ ବିରୁଦ୍ଧରେ ମୁସଲ୍‌ମାନ୍ ମାନଙ୍କୁ ସାହାଯ୍ୟ କରିବ ଓ ମୁସଲ୍‌ମାନ୍‌ମାନଙ୍କ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ରଖିବ । ସେ ଉକ୍ତ ପ୍ରତିଶୃତି ମୁତାବକ ଏହା ମଧ୍ୟ ସ୍ୱୀକାର କରିଥିଲା ଯେ ମଦିନାରେ ଯେଉଁଭଳି ଲୋକତନ୍ତ୍ର କାଏମ୍ କରାଯାଇଛି ସେଥିରେ ଆଁ ହଜ୍‌ରତ୍ ସ:ଆ:ସ ସଦର୍ (ପ୍ରେସିଡେଂଟ୍) ହେବେ ଓ ପ୍ରତ୍ୟେକ ପ୍ରକାରର ଝଗଡା ଝାଟି ଓ ମତଭେଦ ଇତ୍ୟାଦିରେ ଆପଣ ସ:ଆ:ସଙ୍କ ନିଷ୍ପତି ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ହେବ । ସୁତରାଂ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ୍ ଲେଖୁଛନ୍ତିକି ଇତିହାସ୍‌ରୁ ଏକଥା ପ୍ରମାଣ ମିଳୁଛି ଯେ ସେହି ଚୁକ୍ତି ଅନ୍ତର୍ଗତ ୟୁହୁଦୀମାନେ ନିଜର ମୋକଦ୍ଦମା ଇତ୍ୟାଦିକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଗୋଚରେ ଉପସ୍ଥାପନ କରୁଥିଲେ ଓ ଆପଣ ସ:ଆ:ସ ସେମାନଙ୍କ ମଧ୍ୟରେ ନିର୍ଦ୍ଦେଶ ଜାରି କରୁଥିଲେ । ଏବେ ଏପରି ଅବସ୍ଥା ଥିବା ସତ୍ୱେ ମଧ୍ୟ କାଆବ୍ ସମସ୍ତ ପ୍ରତିଶୃତି ଓ ଚୁକ୍ତିକୁ ଗୋଟିଏ ପଟେ ପଛକୁ ରଖିଦେଲା, ଅର୍ଥାତ୍ ଛାଡିଦେଲା । ମୁସଲ୍‌ମାନ୍‌ମାନଙ୍କ ସହିତ ବରଂ ସତ୍ୟ ହେଉଛି ଏହା କି ସେ ସମୟର ସରକାରଙ୍କ ସହିତ ବିଶ୍ୱାସଘାତକତା କରିଛି । ଏଠାରେ ମୁସଲ୍‌ମାନ୍ ମାନଙ୍କ ସହିତ ବିଶ୍ୱାସଘାତକତା କରିବାର ପ୍ରଶ୍ନ ଉଠୁନାହିଁ । ବରଂ ସେ ସମୟର ସରକାରଙ୍କ ସହିତ ବିଶ୍ୱାସଘାତକତା କରିଛି । କାରଣ ଆଁ ହଜ୍‌ରତ୍ ସ:ଆ:ସ ସରକାରର ସର୍ବୋଚ୍ଚ ମୁଖିଆ ଥିଲେ । ଏବଂ ମଦିନାରେ ସେ (କାଆବ୍) ଫିତ୍‌ନା ଏବଂ ବିଭ୍ରାଟର ମଞ୍ଜି ବୁଣିଦେଲା ଓ ଦେଶରେ ଯୁଦ୍ଧର ବହ୍ନି ଜଳାଇବା ପାଇଁ ଚେଷ୍ଟା କଲା ଏବଂ ମୁସଲ୍‌ମାନଙ୍କ ବିରୁଦ୍ଧରେ ଆରବର କବିଲାମାନଙ୍କୁ ଉସ୍‌କାଇଲା ଏବଂ ମୁସଲ୍‌ମାନ୍ ମହିଳାମାନଙ୍କ ନିମନ୍ତେ ଜୋସ୍ ଦେବା ପାଇଁ ଅଶ୍ଳୀଳ ଭାଷାରେ ଗୀତ ବୋଲିଲା ଓ ଗାଳିଗୁଲଜ ମଧ୍ୟ କଲା । ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ହତ୍ୟା କରିବାର ଯୋଜନା କଲା । ଏହି ସବୁ କଥା ଏପରି ପରିସ୍ଥିତିରେ

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...*

ଚାହୁଁଛନ୍ତି ଏବଂ ପ୍ରତ୍ୟେକ ପ୍ରକାର ସାହାଯ୍ୟ ସହଯୋଗ କରିବାକୁ ଚାହୁଁଛନ୍ତି । ସୁତରାଂ ସାଧାରଣତଃ ସରକାରୀ ଲୋକେ ଯେଉଁ କାର୍ଯ୍ୟ କରିଥାଆନ୍ତି ତାହା ହେଉଛି ସେଠାରେ ରହୁଥିବା ଲୋକମାନଙ୍କୁ ସେବା ଯୋଗାଇ ଦେଇଥାନ୍ତି । ତେଣୁ ସେଠାରେ ବାସ କରୁଥିବା ଲୋକମାନେ କାନୁନ୍‌କୁ ମାନି ଚଳନ୍ତୁ ଓ ସରକାରଙ୍କର ଆଜ୍ଞାବହତା ସ୍ୱୀକାର କରନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହା ହିଁ ଚାହୁଁଛନ୍ତି । ମୁଁ ବୋଧ ହୁଏ ଇନିସ୍‌ପେକ୍‌ଟର୍ କହିଥିଲି । ସେ ହେଉଛନ୍ତି ପୋଲିସ୍ କମିଶନର୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ପ୍ରତ୍ୟେକଙ୍କ ସହିତ ସହାନୁଭୁତି ଦେଖାଇବା ସମ୍ବନ୍ଧରେ ଏବଂ ଉତମ ଚରିତ୍ରର ଦୃଷ୍ଟାନ୍ତ ଦେଖାଇବା ସମ୍ବନ୍ଧରେ କହୁଛନ୍ତି- ‘‘ମୋର ଅବସ୍ଥା ତ ଏପରି କି ଯଦି କାହାକୁ କଷ୍ଟ ହେଉଥିବ ଓ ମୁଁ ନମାଜ ପଢୁଥିବି ଓ ସେତେବେଳେ ମୋ କାନରେ ତା କଷ୍ଟର ଶବ୍ଦ ପଡିଯିବ ତେବେ ମୁଁ ନମାଜ ଭାଙ୍ଗିଦେବାକୁ ଚାହିଁବି କି ଯଦି ସେହି ବ୍ୟକ୍ତିକୁ ମୋ ଦ୍ୱାରା ଲାଭ ପଂଚିପାରେ ତେବେ ତାକୁ ମୁଁ ପହଂଚାଇବି ଓ ଯଥାସମ୍ଭବ ତା ସହିତ ସହାନୁଭୁତି ଦେଖାଇବି । କୌଣସି ଭାଇର ଦୁଃଖ କଷ୍ଟ ସମୟରେ ତାକୁ ସାହାଯ୍ୟ ନକରାଯିବା ହେଉଛି ଚରିତ୍ର ବିରୋଧି କଥା ଯଦି ତୁମେ ତା ପାଇଁ କିଛି ବି କରିପାରୁନାହଁ ତେବେ ଅତି କମ୍‌ରେ ପ୍ରାର୍ଥନା ତ କର । ନିଜ ପାଇଁ ତ ଛାଡନ୍ତୁ, ମୁଁ ତ ଏହା କହିବାକୁ ଚାହୁଁଛି କି ଅନ୍ୟମାନଙ୍କ ପାଇଁ ଏବଂ ହିନ୍ଦୁମାନଙ୍କ ସହିତ ମଧ୍ୟ ଉତମ ଚରିତ୍ରର ବ୍ୟବହାର କର ଏବଂ ତାଙ୍କ ସହିତ ସହାନୁଭୁତି ଦେଖାଓ । ନକରାତ୍ମକ ମେଜାଜ୍ କଦାପି ରହିବା ଉଚିତ୍ ନୁହେଁ’’ । ପୁଣି ଆପଣ ଆ:ସ ନିଜର ଗୋଟିଏ ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରି କହୁଛନ୍ତି କି ଏକଦା ମୁଁ ବାହାରକୁ ଭ୍ରମଣ କରିବା ପାଇଁ ଯାଉଥିଲି । ଜଣେ ପଟୁଓ୍ୱାରୀ ମୋର ସହିତ ଥିଲେ । ସେ ଟିକେ ଆଗରେ ଥିଲେ ଓ ମୁଁ ପଛରେ ଥିଲି । ରାସ୍ତାରେ ଜଣେ ସତୁରୀ ପଂଚସ୍ତରୀ ବର୍ଷୀୟା ବୃଦ୍ଧା ମହିଳାଙ୍କ ସହିତ ସାକ୍ଷାତ୍ ହେଲା । ସେ ବହୁତ ଦୁର୍ବଳ ମହିଳା ଥିଲେ । ସେ ଗୋଟିଏ ଚିଠି ଉକ୍ତ ପଟୁଓ୍ୱାରୀକୁ ପଢ଼ିବା ପାଇଁ ଦେଲେ । କିନ୍ତୁ ସେ ତାଙ୍କୁ ଧିକାରୀ ଦେଇ ହଟାଇଦେଲା । (ଏହା ଦେଖି) ମୋ ହୃଦୟରେ ଆଘାତ ଲାଗିଲା । ସେ ଏହି ଚିଠିଟିକୁ ମୋତେ ଆଣି ଦେଲେ । ମୁଁ ତାହା ଧରି ଛିଡା ହୋଇଗଲି ଓ ଭଲଭାବେ ତାଙ୍କ ପଢ଼ି ଶୁଣାଇଦେଲି । ଏହା ଦେଖି ଉକ୍ତ ପଟୁଓ୍ୱାରୀକୁ ବହୁତ ଲଜ୍ଜିତ ହେବାକୁ ପଡ଼ିଲା କାରଣ ତାକୁ ରହିବାକୁ ପଡ଼ିଲା ଏବଂ ପୁଣ୍ୟ କାର୍ଯ୍ୟରୁ ମଧ୍ୟ ସେ ବଂଚିତ ହେଲା । ସୁତରାଂ ଉତମ ଚରିତ୍ର ଏହା ଆଶା କରୁଛି କି ପ୍ରତ୍ୟେକ ଗରିବ ରୁ ଗରିବ ବ୍ୟକ୍ତିଙ୍କ ସେବାପ୍ରତି ମଧ୍ୟ ଆମକୁ ଧ୍ୟାନ ଦେବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଶେଷରେ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଗୋଟିଏ ହଓ୍ୱାଲା ଉପସ୍ଥାପନ କରିବି, ଯେଉଁଥିରେ ଆପଣ ଆ:ସ ବହୁତ ଦରଦ ଭରା ଉପଦେଶ ଦେଇଛନ୍ତି । ଆପଣ ଆ:ସ କହୁଛନ୍ତି:- ‘‘ଯେଉଁ ବ୍ୟକ୍ତି ନିଜ ପଡୋଶୀଙ୍କୁ ନିଜ ଚରିତ୍ରରେ ପରିବର୍ତନ କରି ଦେଖାଉଛି କି ସେ ପ୍ରଥମେ କଣ ଥିଲା, ଏବେ କଣ ଅଛି ବୋଲି । ତେବେ ସେ ଏକ ଚମତ୍କାର ଦେଖାଉଛି । ପଡୋଶୀ ଉପରେ ତାର ପ୍ରଭାବ ବହୁତ ଉଚ୍ଚ ସ୍ତରର ପଡ଼ିଥାଏ । ଆମ ଜମାତ୍ ଉପରେ ଆରୋପ ଲଗାଉଛନ୍ତି କି କଣ ଉନ୍ନତି ହେଲା ଓ ଅଭିଯୋଗ କରୁଛନ୍ତି କି ଏମାନେ ମିଛ ରାଗ ରୋଷରେ ଲିପ୍ତ ଅଛନ୍ତି ବୋଲି । କଣ ଏହା ସେମାନଙ୍କ ପାଇଁ ଲଜ୍ଜାର ବିଷୟ ନୁହେଁ କି । ମଣିଷ ତ ଏହାକୁ ଭଲ ଭାବି ଏ ସିଲ୍‌ସିଲାରେ ସାମିଲ୍ ହୋଇଥିଲା ଯେପରିକି ଜଣେ ସୁପୁତ୍ର ତା ବାପାଙ୍କ ସୁନାମକୁ ପ୍ରକାଶ କରିଥାଏ, ଯେହେତୁ ବୟତ କରିବା ବାଲା ପୁତ୍ରର ନିର୍ଦ୍ଦେଶରେ ରହିଥାନ୍ତି । ତେଣୁ ଯଦି ସେହି ଲୋକମାନଙ୍କର ଏପରି ଅଭିଯୋଗ ଠିକ୍ ତେବେ ବୟତ କରିଥିବା ଲୋକଙ୍କ ପାଇଁ ଏହା ଲଜ୍ଜାର ବିଷୟ । ଆପଣ ଆ:ସ କହୁଛନ୍ତି କି ଯେପରି ଜଣେ ସୁପୁତ୍ର ବା ଏକ ପୁଣ୍ୟବାନ୍ ପୁତ୍ର ନିଜ ବାପାର ସୁନାମକୁ ପରିପ୍ରକାଶ କରିଥାଏ ଯେହେତୁ ବୟତ କରିଥିବା ବ୍ୟକ୍ତି ଜଣେ ପୁତ୍ରଙ୍କ ପରି ହୋଇଥାଏ । ଯେବେ ସେ ବୟତ କରିନେଉଛି ସେତେବେଳେ ସେ କାହାର ପୁତ୍ର ହୋଇଯାଉଛି । ତେଣୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଅର୍ଦ୍ଧାଙ୍ଗିନୀ ମାନଙ୍କୁ ଉମହାତୁଲ୍ ମୁମିନିନ୍ (ମୋମିନ୍ ମାନଙ୍କର ମା’) କୁହାଯାଏ । ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସ ହେଉଛନ୍ତି ସମସ୍ତ ମୋମିନ୍ ମାନଙ୍କର ବାପା । ଆପଣ ଆ:ସ ଏହାର ସ୍ପଷ୍ଟୀକରଣ ଦେଇଛନ୍ତି କି ଜନ୍ମକଲା ବାପ ଭୂପୃଷ୍ଠକୁ ଆଣିବାର କାରଣ ହୋଇଥାଏ ବାପା ଯୋଗୁ ଅର୍ଥାତ୍ ମହିଳା ଓ ପୁରୁଷଙ୍କ ମିଶିବା ଯୋଗୁ ସନ୍ତାନ ସୃଷ୍ଟି ହୋଇଥାଏ । ଏବଂ ଗୋଟିଏ ଆତ୍ମା ଓ ଶରୀର ଭୂପୃଷ୍ଠକୁ ଆସିଥାଏ । କିନ୍ତୁ ଆଧାତ୍ମିକ ବାପା ଆକାଶକୁ ନେଇଯାଏ ଏବଂ ଆଧାତ୍ମିକ ବାପା ସେହି ଅସଲ କେନ୍ଦ୍ର ଆଡକୁ ମାର୍ଗଦର୍ଶନ କରାଇଥାଏ । ସେ ଅଲ୍ଲାଃତାଲାଙ୍କ ଆଡକୁ ନେଇଯାଏ ଏବଂ ତାହା ହିଁ ଅସଲ କେନ୍ଦ୍ର ଯେଉଁଆଡକୁ ସେ ମାର୍ଗଦର୍ଶନ କରାଇଥାଏ । ପୁଣି କହୁଛନ୍ତି କି କଣ ଆପଣମାନେ ପସନ୍ଦ କରିବେ କି କୌଣସି ପୁତ୍ର ନିଜ ବାପାଙ୍କୁ ବଦ୍‌ନାମ୍ କରୁ, ବେଶ୍ୟାଳୟ ଯାଉ ଏବଂ ଯୁଆଖେଳରେ ମାତିଯାଉ, ମଦ୍ୟପାନ କରୁ ବା ଏପରି କୁକର୍ମ କରୁ ଯଦ୍ୱାରା ତାହା ବାପାଙ୍କୁ ବଦ୍‌ନାମ୍ କରିବାର କାରଣ ହେବ । ଯଦି କୌଣସି ବାପା ଏକଥା ପସନ୍ଦ କରିବେ କି ତାଙ୍କ ପୁଅଙ୍କ ଠାରେ ଏହି ସମସ୍ତ ଖରାପ ଗୁଣ ରହୁବୋଲି । କହୁଛନ୍ତି କି ମୁଁ ଜାଣିଛି ଯେ କୌଣସି ବ୍ୟକ୍ତି ଏପରି କରିପାରିବ ନାହିଁ ଯିଏ ଉପରୋକ୍ତ କାର୍ଯ୍ୟକୁ ପସନ୍ଦ କରୁଥିବ । କିନ୍ତୁ ଯଦି ତାର ଅମାନ୍ୟକାରୀ ପୁତ୍ର ଏପରି କରୁଥିବ ତେବେ ଲୋକମାନଙ୍କର ମୁହଁ ସେ ବନ୍ଦ୍ କରିପାରିବ ନାହିଁ । କିନ୍ତୁ ଯଦି କୌଣସି ପୁତ୍ର ଏପରି କାର୍ଯ୍ୟ କରେ ଓ ଲୋକମାନେ ଏକଥା ଜାଣନ୍ତି ତେବେ ପୁଣି ତୁମେମାନେ ଲୋକମାନଙ୍କ ମୁହଁକୁ ବନ୍ଦ କରିପାରିବ ନାହିଁ । ସେମାନେ ପୁଅର ଓ ବାପାଙ୍କର ମଧ୍ୟ ଖରାପ କାର୍ଯ୍ୟକଳାପ ବିଷୟରେ ଚାରିଆଡେ ପ୍ରଘଟ କରିବେ । ବାପାକୁ ମଧ୍ୟ ବଦ୍‌ନାମ କରିବେ । ଲୋକମାନେ ତା ବାପ ପ୍ରତି ଆକ୍ଷେପ କରି କହିବେ କି ଏ ହେଉଛି ଅମୁକ ବ୍ୟକ୍ତିର ପୁଅ ଯିଏ ଖରାପ କାର୍ଯ୍ୟ କରୁଅଛି । ସୁତରାଂ ସେହି ଅମାନ୍ୟକାରୀ ପୁତ୍ର ନିଜେହିଁ ନିଜ ବାପାଙ୍କୁ ବଦ୍‌ନାମ୍ କରିବାର ମାଧ୍ୟମ ହୋଇଥାଏ । ସେହିପରି ଯେବେ କୌଣସି ବ୍ୟକ୍ତି ଗୋଟିଏ ସିଲ୍‌ସିଲାରେ ସାମିଲ୍ ହୁଏ ଓ ସେହି ସିଲ୍‌ସିଲାର ମହାନତା ଓ ସମ୍ମାନର ଖିଆଲ୍ ରଖେନାହିଁ ଓ ତା ବିରୋଧରେ କାର୍ଯ୍ୟ କରେ ତେବେ ସେ ଅଲ୍ଲାଃଙ୍କ ନିକଟରେ ଦୋଷୀ ହୋଇଥାଏ । ପୁଣି ସେ ଅଲ୍ଲାଃଙ୍କ ହାତରେ ଧରାପଡ଼ିବ । ସେ କେବଳ ନିଜକୁ ହିଁ ଧ୍ୱଂସ ମୁହଁରେ ପକାଇନଥାଏ ବରଂ ସେ ଅନ୍ୟମାନଙ୍କ ପାଇଁ ଏକ ଖରାପ ଦୃଷ୍ଟାନ୍ତ ହୋଇ ସେମାନଙ୍କୁ ସୌଭାଗ୍ୟ ଓ ହିଦାୟତ୍‌ର ମାର୍ଗରୁ ବଂଚିତ ରଖିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁତରାଂ ଏକଥା ମନେରଖ ଯେ ତକ୍‌ଓ୍ୱା ହୃଦୟ ଭିତରେ ହିଁ ସୃଷ୍ଟି ହେଉ ଆମେ ଆମ ହୃଦୟକୁ ପବିତ୍ର କରିବାକୁ ହେବ । ହୃଦୟକୁ ପବିତ୍ର କରି ନିଜର କାର୍ଯ୍ୟନମୁନା ଦ୍ୱାରା ନିଜର ପରିବେଶକୁ ଇସ୍‌ଲାମ୍‌ର ସଦ୍‌ଗୁଣି ସମ୍ବନ୍ଧରେ ବତାଇବାକୁ ହେବ, ନିଜ ଘରର ପରିବେଶକୁ ପବିତ୍ର ରଖିବାକୁ ହେବ । ନିଜର ଉତମ ଚରିତ୍ର ଦେଖାଇବାକୁ ହେବ । ପ୍ରତ୍ୟେକଙ୍କୁ ନିଜଠାରୁ ଦୁଃଖ କଷ୍ଟ ପହଂଚାଇବା ପରିବର୍ତେ ସୁବିଧା ଓ ସୁଯୋଗ ପହଚାଇବା ହେବ ଏଏବଂ ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରେ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ପ୍ରକୃତ ବାର୍ତାକୁ ପହଂଚାଇବାକୁ ହେବ । ଅଲ୍ଲାଃତାଲା ସମସ୍ତଙ୍କୁ ଏ ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ଆମେ ସମସ୍ତେ ଅଲ୍ଲାଃତାଲାଙ୍କ ଇଛା ମୁତାବକ ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆଶା ମୁତାବକ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ୍‌ର ହକ୍‌କୁ ପ୍ରଦାନ କରିବା ବାଲା ହେବା । ଆମେ କଦାପି ସେହି ସବୁ ଲୋକମାନଙ୍କ ସହି ସାମିଲ୍ ନହେବା ବା ଆମ ପ୍ରତି ଲୋକମାନେ ଏପରି ଇସାରା ନ କରନ୍ତୁ ଯେ ଅହେମଦୀ ହୋଇ ଏମାନେ ଅହେମଦୀୟତ୍‌କୁ ବଦ୍‌ନାମ୍ କରିଛନ୍ତି ବୋଲି ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନାମକୁ ବଦ୍‌ନାମ୍ କରିଦେଇଛନ୍ତି ବୋଲି । ଅଲ୍ଲାଃତାଲା ଆମକୁ ସର୍ବଦା ତକ୍‌ଓ୍ୱା ଉପରେ ପରିଚାଳିତ କରାନ୍ତୁ ଏବଂ ଏହି ସମସ୍ତ ଦୁଆର ଉତରାଧିକାରୀ ବନାନ୍ତୁ ଯାହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଅନୁଗାମୀ ମାନଙ୍କ ପାଇଁ କରିଛନ୍ତି ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ । ଦୁଆ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସାର ଉପସ୍ଥାନ ସମ୍ବନ୍ଧରେ ଘୋଷଣା କରି କହିଲେ:- ଏମାନଙ୍କର ମୋଟ ଉପସ୍ଥାନ ୩୮୭୮ ଏବଂ ୨୪ଟି ଦେଶରୁ ଏଠାରେ ପ୍ରତିନିଧିତ୍ୱ କରାଯାଇଛି । ଏହି ଦେଶଗୁଡିକରୁ ପ୍ରତିନିଧିତ୍ୱ କରିଥିବା ଯୋଗୁ ଏମାନଙ୍କର ସଂଖ୍ୟା ଏତେ ହୋଇଯାଇଛି । ବେଲ୍‌ଜିୟମ୍‌ର ଲୋକମାନଙ୍କର ଉପସ୍ଥାନ ସଂଖ୍ୟା ହେଉଛି ୧୭୭୫ ଏବଂ ୨୩୦୦ ଅତିଥି ଆସିଛନ୍ତି । ଛୋଟ ଛୋଟ ଜମାତ୍ ଗୁଡିକରେ ଏହିପରି ହୋଇଥାଏ କି ଅତିଥିମାନେ ସ୍ଥାନୀୟ ଲୋକଙ୍କଠାରୁ ଅଧିକା ହୋଇଯାଆନ୍ତି । ସେ ଯାହାହେଉ ଅଲ୍ଲାଃତାଲା ସମସ୍ତ ଉପସ୍ଥିତ ଲୋକମାନଙ୍କୁ ଏହି ସମସ୍ତ ଦୁଆର ଉତରାଧିକାରୀ ବନାନ୍ତୁ ଯାହା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କରିଛନ୍ତି । ଏବଂ କୁଶଳରେ ଆପଣମାନଙ୍କୁ ନିଜ ଘରେ ନେଇ ପହଂଚାଇ ଦିଅନ୍ତୁ ।

ଏହାପରେ ପ୍ରୋଗ୍ରାମ୍ ମୁତାବକ ବିଭିନ୍ନ ଗ୍ରୁପ୍ ଗୁଡିକୁ ଦୁଆଇଆ ନଜମ୍ ଏବଂ ତରାନା ପରିବେଶଣ କଲେ । ସର୍ବପ୍ରଥମେ ଆରବୀୟ ଲୋକମାନଙ୍କର ଗ୍ରୁପ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ଆରବୀ କସିଦା *ୟା କଲ୍‌ବି ଅଜ୍‌କୁର୍ ଅହ୍‌ମଦା, ଅଇନ୍‌ଲ୍ ହୁଦା ମଫ୍‌ନିଲ୍ ଇଦା* ସୁନ୍ଦର ସ୍ୱରରେ ପରିବେଶଣ କଲେ । ଏହାପରେ ଆଫ୍ରିକୀୟ ଗ୍ରୁପ୍ ନିଜର ବିଶେଷ ଶୈଳୀରେ ନିଜର ପ୍ରୋଗ୍ରାମ୍‌କୁ ଉପସ୍ଥାପନ କଲେ ଏବଂ କଲ୍‌ମା ତୟ୍‌ବାକୁ ପାଠ କଲେ । ଏହାପରେ ବଙ୍ଗାଳୀ ଗ୍ରୁପ୍ ନିଜର ତରାନା ଉପସ୍ଥାପନ କଲେ ଓ ପୁଣି ଅତ୍‌ଫାଲ୍ ଗ୍ରୁପ୍ ନିଜର ପ୍ରୋଗ୍ରାମ୍ ଉପସ୍ଥାପନ କଲେ । ଏହାପରେ ଓ୍ୱାକ୍‌ଫିନେ ନୌର ପିଲାମାନଙ୍କର ଗ୍ରୁପ୍ ‘‘ଲବ୍‌ବେକ୍ ୟା ଇମାମ୍‌ନା ଲବ୍‌ବେକ୍ ସୟଦି’’ ତରାନା ଉପସ୍ଥାପନ କଲେ । ଶେଷରେ ଖୁଦାମ୍ ଗ୍ରୁପ୍ ଖିଲାଫତ୍ ସହିତ ଅହଦ୍ ଓ୍ୱ ଓ୍ୱଫା (ପ୍ରତିଶୃତି ଓ ଭକ୍ତିଭାବ) ପ୍ରସଙ୍ଗରେ ଗୋଟିଏ ନଜମ୍ ଉପସ୍ଥାପନ କଲେ ଏବଂ ଏହାପରେ ଜାମିଆ ଅହେମଦୀୟା ୟୁ.କେରେ ଶିକ୍ଷା ହାସଲ କରୁଥିବା ବେଲ୍‌ଜିୟମ୍‌ର ଶିକ୍ଷାର୍ଥୀମାନେ ତରାନା ପାଠ କଲେ ଓ ପୁଣି ଏହି ପ୍ରୋଗ୍ରାମ୍‌ର ସମାପ୍ତି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍‌ଙ୍କ ନଜମ୍ ‘‘ହେ ଦସ୍‌ତେ କିବଲା ନୁମା ଲା ଇଲାହା ଇଲଲ୍ଲାଃ’’ ରେ ହେଲା ।

ଯେଉଁ କ୍ଷଣି ଏହି ପ୍ରୋଗ୍ରାମ୍‌ର ପରିସମାପ୍ତି ହେଲା ଜମାତ୍‌ର ଲୋକମାନେ ବହୁତ ଉତ୍ସାହ ଓ ଉଦ୍ଦୀପନାର ସହିତ ନାରା (ସ୍ଲୋଗାନ୍) ଲଗାଇଲେ ଓ ସମଗ୍ର ପରିବେଶଟି ସ୍ଲୋଗାନ୍‌ର ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଲା । ଏହା ଜଲ୍‌ସା ପରିସମାପ୍ତିର ବିଦାୟର କ୍ଷଣ ଥିଲା । ଏବଂ ହୃଦୟ ଓ ମନ ପ୍ରେମଭାବ ଓ ଉତ୍ସର୍ଗୀକୃତ ମନୋଭାବରେ ପୁର୍ଣ୍ଣ ଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ଲୋକମାନଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଏବଂ ଜଲ୍‌ସାଗାଃରୁ ବାହରକୁ ବାହାରି ଆସିଲେ । ଏ ଅବସରରେ ମୋକରମ୍ ଡାକ୍ତର ମିର୍ଜା ମୁବଶିର୍ ଅହେମଦ୍ ସାହେବ୍ (ଫଜ୍‌ଲେ ଉମର୍ ହସ୍‌ପିଟାଲ୍ ରବ୍‌ଓ୍ୱା) ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନୁଓ୍ୱର୍ ବହୁତ ସ୍ନେହ ଭାବରେ ଡାକ୍ତର ସାହେବଙ୍କ ସହିତ ବାର୍ତାଳାପ କଲେ ଏବଂ ଫେରିବାର ପ୍ରୋଗ୍ରାମ୍ ସମ୍ବନ୍ଧରେ ପଚାରି ବୁଝିଲେ । ଏହାପରେ ସେ ମିଶନ୍ ହାଉସ୍ ଆସି ସାକ୍ଷାତ୍ କରିବାର ସୁଯୋଗ ପାଇଲେ । ଜଲ୍‌ସାଗାଃରୁ ବାହାରି ଠିକ୍ ୬:୧୦ ରେ ହଜୁର୍ ଅନୁଓ୍ୱର୍ ମିଶନ୍ ହାଉସ୍ ବଇତୁସ୍ ସଲାମ୍‌ଠାରେ ପଦାର୍ପଣ କଲେ । (ବହଓ୍ୱାଲ ଅଖ୍‌ବାର୍ ବଦର୍ ୨୨ ନଭେମ୍ବର୍ ୨୦୧୮)

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**
*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
**Postal Reg. No.GDP-40/2017-2019 Vol.4 Thursday 17 January 2019 Issue No.3**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ବେଲ୍‌ଜିୟମ୍ ଗସ୍ତ - (ସେପ୍ଟେମ୍ବର ୨୦୧୮)

**୧୬ ସେପ୍ଟେମ୍ବର ୨୦୧୮ (ରବିବାର) ରିପୋର୍ଟ୍‌ର ବଳକା ଅଂଶ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଉଦ୍‌ଜାପନୀ ଅଭିଭାଷଣର ବଳକା ଅଂଶ**

କହୁଛନ୍ତି- ‘‘ମୋତେ ଗୋଟିଏ କାହାଣୀ ମନେପଡିଗଲା ଯାହାକୁ ସାଦି ବୁସ୍‌ତାଁରେ ଲେଖଛନ୍ତି କି ଜଣେ ବୁଜ୍‌ରୁଗ୍‌ଙ୍କୁ କୁକୁର କାମୁଡି ଦେଲା । ଯେତେବେଳେ ସେ ଘରକୁ ଆସିଲେ ଘରର ଲୋକମାନେ ଦେଖିଲେ ଯେ ତାକୁ କୁକୁର କାମୁଡି ଦେଇଛି ବୋଲି । ସେଠାରେ ଜଣେ ସାଧାସିଧା ଛୋଟ ବୟସର ଝିଅ ମଧ୍ୟ ଥିଲା । ସେ କହିଲା- ତୁମେ କାହିଁକି ସେ କୁକୁରକୁ କାମୁଡିଲ ନାହିଁ? ଉକ୍ତ ବୁଜ୍‌ରୁଗ୍ ଜଣକ ଉତର ଦେଲେ କି ‘‘ଝିଅ! ମଣିଷ ନିକଟରେ କୁକୁର ପଣିଆ ନଥାଏ’’ । ଏହା କୁକୁରର ପ୍ରକୃତି କି ସେ ହିଁ କାମୁଡିଥାଏ’’ । ମଣିଷ କୁକୁର ହୋଇନଥାଏ । ମଣିଷ ତ ମଣିଷ ଅଟେ । ସେ ନିଜ ବୁଦ୍ଧି ଦ୍ୱାରା କାମ ନେଇଥାଏ । କହିଲେ କି ‘‘ସେହିପରି ଯଦି କୌଣସି ବଦ୍‌ମାସ୍ ଲୋକ କାହାକୁ ଗାଳି ଗୁଲଜ ଦିଏ ତେବେ ମୋମିନ୍ ନିମନ୍ତେ ଏହା ଜରୁରୀ ଅଟେ କି ସେ ସେଠାରୁ ଦୂରେଇ ରହୁ ଓ ସେପରି ନକରୁ ନଚେତ୍ ସେହି କୁକୁର ପଣିଆର ଉଦାହରଣ ତା ଉପରେ ଲାଗିଯିବ । ଈଶ୍ୱରଙ୍କ ନିକଟତର ଲୋକମାନଙ୍କୁ ବଡ ବଡ ଗାଳି ଗୁଲଜ ଦିଆଯାଇଛି । ସେମାନଙ୍କୁ ବହୁତ ହଇରାଣ ହରକତ କରାଯାଇଛି କିନ୍ତୁ ସେମାନେ ଆରିଜ୍ ଅନିଲ୍ ଜାହିଲିନ୍ ଅର୍ଥାତ୍ ମୁର୍ଖ ମାନଙ୍କଠାରୁ ଦୂରେଇ ରୁହ, ସେମାନଙ୍କଠାରୁ ମୁହଁ ମୋଡି ନିଅ । ସ୍ୱୟଂ ପୂର୍ଣ୍ଣ ମାନବ ଆମ ନବୀ ସ:ଆ:ସଙ୍କୁ ବହୁତ ଭୟଙ୍କର ଦୁଃଖ କଷ୍ଟ ଦିଆଗଲା ଏବଂ ଗାଳିଗୁଲଜ, ଖରାପ ଭାଷା ପ୍ରୟୋଗ କରାଗଲା କିନ୍ତୁ ସେହି ପୁର୍ଣ୍ଣ ଚରିତ୍ରବାନ୍ ବ୍ୟକ୍ତି ତା ମୁକାବିଲାରେ କଣ କଲେ? ସେହି ଖଳ ଲୋକଙ୍କ ନିମନ୍ତେ ପ୍ରାର୍ଥନା କଲେ । ଯେହେତୁ ଅଲ୍ଲାଃତାଲା ଏ ପ୍ରତିଶୃତି କରିଥିଲା କି ଯଦି ତୁମେ ମୁର୍ଖ ଓ ଅବୋଧ ଲୋକଙ୍କ ଠାରୁ ଦୂରେଇ ରହିବ ତେବେ ତୁମର ସମ୍ମାନ ଓ ତୁମର ଜୀବନକୁ ଆମେ ସୁରକ୍ଷାରେ ରଖିବୁ ଏବଂ ଏହି ବଜାରି ଲୋକେ ତାଙ୍କ ଉପରେ ଆକ୍ରମଣ କରିପାରିବେ ନାହିଁ । ସୁତରାଂ ଏପରି ହିଁ ହେଲା କି ହଜୁର୍ ସ:ଆ:ସଙ୍କ ବିରୋଧିମାନେ ତାଙ୍କ ସମ୍ମାନର କୌଣସି ପ୍ରକାର ହାନି କରିପାରିଲେ ନାହିଁ ଓ ନିଜେ ହିଁ ଅପମାନିତ ଓ ତିରସ୍କୃତ ହୋଇ ଆପଣ ସ:ଆ:ସଙ୍କ ପାଦତଳେ ପଡି ବା ଆପଣଙ୍କ ସମ୍ମୁଖରେ ନିଃଶେଷ ହୋଇଗଲେ । ସୁତରାଂ ଏହା ହେଉଛି ଲଓ୍ୱାମାର ବିଶେଷ ଗୁଣ ଯେଉଁଥିରେ ମଣିଷ ନିଜକୁ ବହୁତ କଷ୍ଟରେ ପକାଇ ନିଜର ସୁଧାର କରିଥାଏ । ନିତିଦିନିଆ କଥା ଯଦି କୌଣସି ମୁର୍ଖ ବା ନିର୍ବୋଧ ଗାଳି ଗୁଲଜ କରେ ବା କୌଣସି ଦୁଷ୍ଟାମୀ କରେ ଯେତେ ମାତ୍ରାରେ ତୁମେ ତାଠାରୁ ଦୂରେଇ ରହିବ ସେତେ ମାତ୍ରାରେ ନିଜର ସମ୍ମାନକୁ ବଂଚାଇ ପାରିବ ଓ ଯେତିକି ମାତ୍ରାରେ ତା ସହିତ ମୁହାଁ ମୁହିଁ ହୋଇ ତାର ମୁକାବିଲା କରିବ ସେଥିରେ ତୁମର ହିଁ ହାନି ହେବ ଓ ତିରଷ୍କାରକୁ କିଣିବ’’ । କହୁଛନ୍ତି କି ‘‘ନଫ୍‌ସେ ମୁତ୍ ମଇନ୍ନା (ଶାନ୍ତି ଲଭିଥିବା ଆତ୍ମା)ର ଅବସ୍ଥାରେ ମନୁଷ୍ୟର ମାଲିକତ୍ୱ ଉତମ କାର୍ଯ୍ୟକଳାପ ହୋଇଯାଇଥାଏ ଓ ସେ ଏ ସଂସାରଠାରୁ ମୁହଁ ବୁଲାଇ ସମ୍ପୂର୍ଣ୍ଣ ରୂପେ ଅଲ୍ଲାଙ୍କ ଶରଣାଗତ ହୋଇଯାଇଥାଏ’’ । ଯେତେବେଳେ ସେ ଆତ୍ମସନ୍ତୋଷ ଲାଭ କରିଥାଏ ସେତେବେଳେ ସେ ଏ ପାର୍ଥିବ ସଂସାରରୁ ନିଜକୁ ଛିନ୍ନ କରିଥାଏ ଏବଂ ଏହା ହେଉଛି ଶେଷ ସ୍ଥାନ । ସେ ସଂସାରରେ ଚଲାବୁଲା କରେ ଓ ସାଂସାରିକ ଲୋକମାନଙ୍କ ସହିତ ମିଳାମିଶା କରିଥାଏ କିନ୍ତୁ ବାସ୍ତବରେ ସେ ଏଠାରେ ହିଁ ନଥାଏ । ସେ ଯେଉଁଠାରେ ଥାଏ ସେଠିକାର ସଂସାର ଅଲଗା ହୋଇଥାଏ । ଏବଂ ସେଠିକାର ଆକାଶ ଓ ପୃଥିବୀ ଅଲଗା ହୋଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମ ମଧ୍ୟରେ ଏକ ବିଶେଷ ପରିବର୍ତନ ଦେଖିବା ପାଇଁ ଇଛା ପ୍ରକାଶ କରୁଛନ୍ତି । ଯଦି ଜଣେ ବ୍ୟକ୍ତି ମଧ୍ୟ ଜୀବନ୍ତ ପ୍ରକୃତିର ବାହାରି ଆସେ ତେବେ ଯଥେଷ୍ଟ । ମୁଁ ଏକଥା ଖୋଲିକରି ବର୍ଣ୍ଣନା କରୁଅଛି କି ମୋ ପକ୍ଷେ ଏହା ଉଚିତ୍ ହେବନାହିଁ ଯେ ଯାହା କିଛି ମୁଁ ଆପଣମାନଙ୍କୁ କହୁଅଛି ତାହା ମୁଁ ପୁଣ୍ୟ ଉଦ୍ଦେଶ୍ୟରେ କହୁଅଛି । ନୁହେଁ, ମୁଁ ନିଜର ମନ ଭିତରେ ଅତ୍ୟନ୍ତ ଉତ୍ସାହ, ଉଦ୍ଦୀପନା ଏବଂ ଦରଦ ଅନୁଭବ କରୁଛି, ଯଦିଚ ତାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ’’ । ଏହାର କାରଣ ମୁଁ ଜାଣିପାରୁନାହିଁ କିନ୍ତୁ ତୁମମାନଙ୍କ ପାଇଁ ମୋ ଠାରେ ଏକ ପ୍ରକାର ଉତ୍ସୁକତା ମିଳୁଅଛି । ଏଥିରେ କୌଣସି ପ୍ରକାରର ଶଙ୍କା ନାହିଁ ଯେ ଏହି ଉତ୍ସାହ ଏପରି କି ମୁଁ ସେଥିରୁ ନିବୃତ ରହିପାରିବି ନାହିଁ । କହୁଛନ୍ତି- ‘‘ମୁଁ ଲୁକ୍କାୟିତ ପରିବର୍ତନକୁ ଦେଖିବା ପାଇଁ ଚାହୁଁନାହିଁ’’ । ଏପରି ନୁହେଁ କି ତୁମ ଭିତରେ ଲୁଚି ରହିଥିବା ପରିବର୍ତନ ହେଉଥିବ । ପରିବର୍ତନ ଏପରି ହେବା ଉଚିତ୍ ଯାହା ପ୍ରକାଶିତ ହେଉଥିବ ଓ ଜ୍ୟୋତିର୍ମୟ ହେଉଥିବ ଯାହା ଦେଖାଯିବ । କହୁଛନ୍ତି ‘‘ଏପରି ବିଶେଷ ପରିବର୍ତନ ହେଉ ଫଳତଃ ବିରୋଧି ଲଜ୍ଜିତ ହେବେ ଏବଂ ଲୋକମାନଙ୍କ ହୃଦୟ ଉପରେ ଏକତରଫା ଆଲୋକ ପଡୁ ଏବଂ ସେମାନେ ନିରାଶ ହୋଇଯାଆନ୍ତୁ କି ଏହି ବିରୋଧିମାନେ ପଥଭ୍ରଷ୍ଟତାରେ ପଡି ରହିଛନ୍ତି । ଏ ସଂସାରକୁ ଏ ବିରୋଧିମାନଙ୍କୁ ଏପରି ପରିବର୍ତନ ଦୃଷ୍ଟିଗୋଚର ହେଉ । ଗର୍ବ ଓ ଅହଂକାର ସୃଷ୍ଟି କରିବା ପାଇଁ ନୁହେଁ ବରଂ ଇସ୍‌ଲାମ୍‌ର ପ୍ରସାର ନିମନ୍ତେ । ଇସ୍‌ଲାମ୍‌ର ତବ୍‌ଲିଗ୍ ପାଇଁ । ନିଜ କାର୍ଯ୍ୟର ନମୁନା ଦେଖାଇବା ପାଇଁ । ଏ ସଂସାରକୁ ଏହା ବତାଇବା ପାଇଁ ଯେ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ବୟତ କରୁଅଛୁ ଫଳତଃ ଆମଠାରେ ଏପରି ପରିବର୍ତନ ଦେଖାଦେଇଛି । ଫଳତଃ ଏଥିପ୍ରତି ଲୋକମାନଙ୍କର ଧ୍ୟାନ ଆକର୍ଷଣ ହୋଇପାରିବ ।

ପୁଣି ଆପଣ ଆ:ସ କହୁଛନ୍ତି- ‘‘ଏ ଜମାତ୍ ପରକାଳ ଉପରେ ଦୃଷ୍ଟି ଦେବା ଉଚିତ୍ ଦେଖ ଲୁତ୍ ଇତ୍ୟାଦି ଅନ୍ୟାନ୍ୟ ଜାତିର କଣ ପରିଣାମ ହେଲା? ପ୍ରତ୍ୟେକଙ୍କ ପାଇଁ ଏହା ଜରୁରୀ ଅଟେ କି ଯଦି ସେମାନଙ୍କର ହୃଦୟ କଠିନ ଅଛି ତେବେ ତାକୁ ନମ୍ର କରିବା ପାଇଁ ଖୋଶୁ ଓ୍ୱ ଖୋଜୁ (ଈଶ୍ୱରଙ୍କ ନିକଟରେ ବିଳାପ କରିବା)ର ଶିକ୍ଷା ଦେଉ । ଯଦି କାହାର ମନ ଅତ୍ୟନ୍ତ କଠିନ ତେବେ ଧ ତୁମେମାନେ ତାକୁ ଏକଥା ବୁଝାଓ କି ଏହା ହେଉଛି ଭୁଲ୍ କଥା ଯାହା ଅଲ୍ଲାଃତାଲାଙ୍କୁ ନାରାଜ କରିଦେବ । ତେଣୁ ସେଥିରୁ ବଂଚିବା ଉଚିତ୍ । ଆମ ଜମାତ୍ ପାଇଁ ଏହା ବହୁତ ଜରୁରୀ ଅଟେ କାରଣ ତାକୁ ତାଜା ଶିକ୍ଷା ମିଳିଛି’’ । ସଂସାରବାସୀଙ୍କୁ ବୁଝାଇବା, ଜ୍ଞାନ ପ୍ରଦାନ କରିବା ଏବଂ ନିଆଁରେ ପଡିବାରୁ ବଂଚାଇବା, ଧ୍ୱଂସ ହେବାରୁ ବଂଚାଇବା ହେଉଛି ଆମ ଜମାତର୍‌ର କାର୍ଯ୍ୟ । ଏହା ଏଥିପାଇଁ କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଜରିଆରେ ଆମକୁ ସେହି ଜ୍ଞାନ ମିଳିଛି ଯାହା ବାସ୍ତବରେ ୧୪୦୦ ବର୍ଷ ପୂର୍ବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱ ଉପରେ ପବିତ୍ର କୋରାନ୍ ସ୍ୱରୂପ ଅବତୀର୍ଣ୍ଣ ହୋଇଥିଲା । କିନ୍ତୁ ସେ ସବୁକୁ ମୁସଲ୍‌ମାନ୍ ମାନଙ୍କର କାର୍ଯ୍ୟକଳାପ ଲୁଚାଇ ଦେଇଥିଲା । ଏବଂ ସେହି ଜ୍ଞାନ ଆମକୁ ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ ଯୁଗରେ ସ୍ପଷ୍ଟ କରି ପ୍ରଦାନ କରିଛନ୍ତି । କହୁଛନ୍ତି କି ଯଦି କେହି ଜ୍ଞାନ ପ୍ରାପ୍ତି ହେବାର ଦାବୀ ତ କରୁଛି କିନ୍ତୁ ତା ଉପରେ ପରିଚାଳିତ ହେଉନାହିଁ ତେବେ ତାହା ହେଉଛି ବେକାର୍ ଓ ମୁହଁରୁ ବାହାରୁ ଥିବା ବ୍ୟର୍ଥ କଥା ।

ସେଥିଯୋଗୁ ଆମ ଜମାତ୍ ଅନ୍ୟମାନଙ୍କ ଅବହେଳାକୁ ଦେଖି ନିଜେ ଅବହେଳା ନକରୁ । ଏବଂ ସେମାନଙ୍କର ପ୍ରେମକୁ ଶିଥିଳ ହେବାର ଦେଖି ନିଜର ପ୍ରେମଭାବକୁ ଶିଥିଳ ନ କରିଦେଉ । ମଣିଷର ବହୁତ ଅଭିଳାସା ରହିଛି । ଈଶ୍ୱରଙ୍କ ବିଧାନର ଖବର କାହାକୁ ଅଛି । କେବେ କିପରି ସମୟ ଆସିଯିବ । ଇଛା ମୁତାବକ ଜୀବନ କେବେ ବି ଚାଲେନାହିଁ । ଏପରି କଦାପି ହୋଇନାହିଁ ଯେ ମଣିଷ ଯେପରି ଇଛା କରିଛି ସେ ଇଛା ମୁତାବକ ତାର ଜୀବନ ବିତିଥିବ । ଇଛା ଓ ଅଭିଳାସ ଓ କାମନାର ଧାରା ଅଲଗା ପ୍ରଭୁଙ୍କର ବିଧାନ ଓ ନିୟତିର ଧାରା ଅଲଗା’’ । ମଣିଷର ଏପରି ଇଛା ଥାଏ କି ମୋର ଏତିକି ବୟସ ହେବ, ମୁଁ ଏତିକି ବର୍ଷ ବଂଚିବି ଓ ଏ ସଂସାରେ ଏତେଦିନ ପର୍ଯ୍ୟନ୍ତ ରହିବି କିନ୍ତୁ ଈଶ୍ୱରଙ୍କର ଗୋଟିଏ ନିଷ୍ପତି ରହିଛି । ସେ ଈଶ୍ୱରଙ୍କ ନିଷ୍ପତି ମୁତାବକ ପରିଚାଳିତ ହୋଇଥାଏ ଓ ଈଶ୍ୱରଙ୍କର ନିଷ୍ପତିର ଧାରା ହିଁ ସଚ୍ଚା । ମଣିଷର ଆଶା ଓ ଆକାଂକ୍ଷା ଶେଷ ହୋଇଯାଏ, ଭୁଲ୍ ହୋଇଥାଏ ଏବଂ ମିଥ୍ୟା ହୋଇଯାଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସରକାରଙ୍କ କାନୁନ୍ ଓ ସାଧାରଣ ଚରିତ୍ର ସମ୍ବନ୍ଧରେ ମଧ୍ୟ ଆପଣ ଆ:ସ ଜମାତ୍‌କୁ ଉପଦେଶ ଦେଇ କହୁଛନ୍ତି କି ‘‘ପ୍ରତ୍ୟେକଙ୍କ ସହିତ ପୁଣ୍ୟ ବ୍ୟବହାର କର’’ । ଜଣେ ଅହେମଦୀ ପାଇଁ ଉତମ ଚରିତ୍ର ମଧ୍ୟ ଏକ ଅତ୍ୟନ୍ତ ଆବଶ୍ୟକୀୟ ବସ୍ତୁ ଅଟେ ଏବଂ ଏହି ଉତମ ଚରିତ୍ର ହିଁ ସଂସାରରେ ତାର ଏକ ଦୃଷ୍ଟାନ୍ତକୁ ପ୍ରକାଶ କରିଥାଏ । କହୁଛନ୍ତି ‘‘ପ୍ରତ୍ୟେକଙ୍କ ସହିତ ସଦ୍ ବ୍ୟବହାର କର । ସରକାରଙ୍କ ଆଜ୍ଞାପାଳନ କରିବା ଏବଂ ସରକାରଙ୍କ କଥା ମାନି ଚଳିବା ହେଉଛି ପ୍ରତ୍ୟେକ ମୁସଲ୍‌ମାନଙ୍କର କର୍ତବ୍ୟ । ସେ ଆମର ସୁରକ୍ଷା କରୁଛନ୍ତି ଏବଂ ସେ ପ୍ରତ୍ୟେକ ପ୍ରକାରର ଧର୍ମୀୟ ସ୍ୱାଧୀନତା ଆମକୁ ପ୍ରଦାନ କରିଛନ୍ତି । ତେଣୁ ମୁଁ ଏକଥାକୁ ବହୁତ ବଡ ବେଇମାନି ଭାବୁଛି ଯେ ସରକାରଙ୍କର ଆଜ୍ଞାପାଳନ ଓ ସରକାରଙ୍କ ସହିତ ଭକ୍ତିଭାବ ସହୃଦୟତାର ସହିତ ନକରାଯାଉ’’ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁତରାଂ ଯେଉଁମାନେ ଏଠାକୁ ଆସିଛନ୍ତି ଓ ଯେଉଁମାନଙ୍କୁ ଏଠିକାର ସରକାର ସୁରକ୍ଷା ଦେଉଛନ୍ତି, ଏବେ ଚିଫ୍ ପୋଲିସ୍ ଇନିସ୍‌ପେକ୍‌ଟର୍ ମଧ୍ୟ ଯେପରି ଚର୍ଚ୍ଚା କଲେ କି ତାଙ୍କ ମନ ଭିତରେ ମୁସଲ୍‌ମାନ୍ ମାନଙ୍କ କାର୍ଯ୍ୟକଳାପ ଏପରି ଏକ ଖରାପ ଧାରଣା ସୃଷ୍ଟି କରିଦେଇଥିଲା କିନ୍ତୁ ପୁଣି ସେ ଅହେମଦୀମାନଙ୍କର କାର୍ଯ୍ୟକଳାପକୁ ଦେଖିବା ଦ୍ୱାରା ଉପରୋକ୍ତ ଭାବନା ଗୁଡିକ ଦୂରେଇ ଗଲା । ଫଳତଃ ଏବେ ତାଙ୍କ ମନରେ ଇସ୍‌ଲାମ୍‌ର ସମ୍ମାନ୍ ଭରି ରହିଛି । ତେଣୁ ସେ ମୁସଲ୍‌ମାନ୍ ମାନଙ୍କର ସୁରକ୍ଷା ମଧ୍ୟ କରିବାକୁ ଚାହୁଁଛନ୍ତି, ଅହେମଦୀ ମାନଙ୍କୁ ସୁରକ୍ଷା ଦେବାକୁ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**